


# ସଂଚାର


THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17







## ତେଲେଙ୍ଗାନା ବିସ୍ଫୋରଣରେ ୪ ଓଡ଼ିଆ ମୃତ

୪ ଆହତ, ୫ ଜଣଙ୍କ ପତ୍ତା ମିଳୁନି



**ହାଇଦ୍ରାବାଦ,୨।୭(ସଂଚାର ବ୍ୟୁରୋ):** ତେଲଙ୍ଗାନାର ସିଗାଚି ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପଶାମିଲାରାମ ପ୍ଲାଣ୍ଟରେ ଗତ ୩୦ ତାରିଖରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଓ ତଜ୍ଜନିତ ଅଗ୍ନିକାଣ୍ଡରେ ଅଦ୍ୟାବଧି ୪୦ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ସେମାନଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ସାମିଲ୍ ଥିବା ଜଣାପଡ଼ିଛି। ସେହିପରି ଏହି ଅଘଟଣରେ ୩୩ ଜଣ ଆହତ ହୋଇଥିବା ବେଳେ ଏଥିରେ ୪ ଜଣ ଓଡ଼ିଆ ମଧ୍ୟ ଥିବା ସାମ୍ନାକୁ ଆସିଛି। ଆହୁରି ୫ ଜଣ ଓଡ଼ିଆଙ୍କର ଅଦ୍ୟାବଧି କୌଣସି ଖୋଜ୍‌ଖବର ମିଳୁନଥିବା ବେଳେ ଇତିମଧ୍ୟରେ କମ୍ପାନୀ ପକ୍ଷରୁ ପ୍ରତି ମୃତକଙ୍କ ପରିବାର ସକାଶେ ୧ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି।

ମିଳିଥିବା ସୂଚନାନୁସାରେ, ମୃତ୍ୟୁବରଣ କରିଥିବା ୪ ଜଣ ଓଡ଼ିଆ ହେଲେ କଟକ ଜିଲ୍ଲା ଅନ୍ତର୍ଗତ ତିଗିରିଆର ଲଗ୍ନଜିତ ଦୁଆରି, ବାଲେଶ୍ୱରର ମନୋଜ ରାଉତ, ଯାଜପୁରର ଦୋଳଗୋବିନ୍ଦ ସାହୁ ଓ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁରର ରାଜନାଲା ଜଗନ ମୋହନ। ସେହିପରି ୫ ଜଣ ଓଡ଼ିଆ ନିଖୋଜ ଥିବା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ଓଏସ୍‌ଡି ପ୍ରୀତିଶ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ବିସ୍ଫୋରଣର ମୃତାହତ ଓ ନିଖୋଜ ଥିବା ଓଡ଼ିଆମାନେ ସିଗାଚୀ ଫାର୍ମା କମ୍ପାନୀରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ।

➪ପୃଷ୍ଠା-୬

## ଓଏଏସ ସଂଘ-ସରକାର ବିବାଦ

## ନବୀନ ନିବାସରୁ ବ୍ଲୁପ୍ରିଣ୍ଟ

- ସଂଘକୁ ବିଭ୍ରାନ୍ତ କରୁଛନ୍ତି ବିଜେଡିର ବୋଲକରା ଅଫିସର
- ସରକାରଙ୍କ ବିରୋଧରେ ସଂଘକୁ ଚେଙ୍ଗୁଛନ୍ତି ରବୀନ୍ଦ୍ର ସେଠୀ!
- ନବୀନ ନିବାସ ଇସାରାରେ ଢୋଲ ମୃଷା ସାଜିଛନ୍ତି ରବୀନ୍ଦ୍ର
- ଫେଲ ମାରିଲା ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା
- ସବୁ ମନ୍ତ୍ରୀଙ୍କ ସହ ବିବାଦ ନେଇ କଥା ହେଲେ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବାକୁ ନବୀନ ନିବାସରୁ ତିଆରି ହେଉଛି ବ୍ଲୁ-ପ୍ରିଣ୍ଟ। ଜଣେ ପୂର୍ବତନ ବିଜେଡି ସାଂସଦଙ୍କ ସ୍ୱାମୀ ତଥା ଓଏଏସ ଅଫିସର ରବୀନ୍ଦ୍ର ସେଠୀ ଏହି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାର ମାଷ୍ଟରମାଇଣ୍ଡ ସାଜିଛନ୍ତି। ନବୀନ ନିବାସ ଇସାରାରେ ସେ ଓଏଏସ ସଂଘକୁ ସରକାର ବିରୋଧରେ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ସଂଘ ସହ ରାଜ୍ୟ ସରକାରଙ୍କ ସକରାତ୍ମକ ଆଲୋଚନାର ମୋଡ ବଦଳାଇବାରେ ସେ ସାଜୁଛନ୍ତି ଆୟୁଧ।

ଓଏଏସ ସଂଘ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ମଧ୍ୟ ପୁଣି କାହିଁକି ସରକାରଙ୍କ ବିରୋଧରେ ମୁଣ୍ଡ ଟେକିଛି। ଏହାକୁ ନେଇ ତନାଘନା ଚାଲିଥିବା ବେଳେ ଏବେ ନବୀନ ନିବାସର ସାଂଘାତିକ ସତ ପଦାକୁ ଆସିଛି। ନବୀନ ନିବାସର ଇସାରାରେ ସେ ସଂଘକୁ ଭାଗ ଭାଗ କରିବାକୁ ଚେଷ୍ଟା କରୁଛନ୍ତି।



Ref. No. 225 Date 02/07/25

Vice President Santanu Kumar Mohanty; General Secretary Bijay Kumar Swain; Jt. Secretary (Finance) Binod Kumar Jena; Jt.Secretary (General) Ashish Kumar Jena; Jt.Secretary (Development) Nitish Tripathy; Jt.Secretary (Organisation) Ambika Prasad Dash; Jt.Secretary (Library) Subhashree Rath; Jt Secretary (Research & Publication) Anita Panda; Jt.Secretary (Codes) Jyoti Prakash Sethy; Chairman Welfare Committee Sibani Mohanty; Member Executive Binaya Kumar Dash; Arun Kumar Biswal

3. Public condemnation of the incident by the Government, acknowledging the gravity of the attack and affirming its commitment to protect government officers.

Considering the widespread discontentment of all the members of the Association working across the state it has been decided that all OAS officers will continue to be on leave until the demands are met.

We remain hopeful that the Government will treat this matter with the seriousness it deserves and initiate appropriate action at the earliest to ensure that dignity of the officers at the workplace is restored and protected.

Yours sincerely,

General Secretary, OASA President, OASA

Cc- Chief Secretary, Odisha
Cc- Secretaries of all Departments
Cc- DG POLICE ODISHA,
Cc- Commissioner Police
Cc- All Collectors

ସଂଘ ନେତାଙ୍କୁ ଉସକାଇ ସରକାରଙ୍କୁ ଅକଳରେ ପକାଇବାକୁ ଚେଷ୍ଟା କରୁଛନ୍ତି। ଏପରିକି ଓଏଏସ ସଂଘରେ ହେଉଥିବା ଆଲୋଚନାର ନିଷ୍କର୍ଷକୁ ସେ କିଛି ଗଣମାଧ୍ୟମକୁ ଜାଣିଶୁଣି ଲିକ କରୁଛନ୍ତି। ଏପରିକି ରେଡ କରିଡରରୁ ମିଳୁଥିବା ସୂଚନା ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ବୈଠକକୁ ରବୀନ୍ଦ୍ର ସେଠୀ ହିଁ କେଁ ପୁରେଇ ଭାଙ୍ଗିଦେଲେ।

ଗୋଟେପଟେ ରାଜ୍ୟର ୪ ଜିଲ୍ଲାରେ ବନ୍ୟା ସ୍ଥିତି, ସେପଟେ ପୁରୀରେ ଚାଲିଛି ମହାପ୍ରଭୁଙ୍କ ରଥଯାତ୍ରା। ଏଭଳି ଏକ ଜରୁରୀକାଳିନ ସ୍ଥିତିରେ ଓଏଏସ ଅଫିସରମାନେ କାର୍ଯ୍ୟରେ ଯୋଗନଦେଲେ ବିଭିନ୍ନ ସ୍ତରରେ ବିଭ୍ରାଟ ହେବାର ଆଶଙ୍କା ରହିଛି। କାରଣ ବନ୍ୟା ପରେ ସରକାର କ୍ଷୟକ୍ଷତି ଆକଳନ କରିବେ ଏବଂ ତଦନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବେ। ସେପଟେ ପୁରୀରେ ୫୦ଜଣ ଓଏରଏସ ଅଫିସରଙ୍କୁ ସରକାର ମାଜିଷ୍ଟ୍ରେଟ ଦାୟିତ୍ୱ ଦେଇଛନ୍ତି। ଏଭଳିସ୍ଥିତିରେ ଓଏଏସ ଅଫିସରମାନେ କାର୍ଯ୍ୟରେ ଯୋଗନଦେବା ପ୍ରଶାସନ ପାଇଁ ଚିନ୍ତାର କାରଣ।

ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସବୁ ମନ୍ତ୍ରୀଙ୍କ ସହ ଏହି ବିବାଦୀୟ ସ୍ଥିତି ନେଇ ଆଲୋଚନା କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ପରେ ହୁଏତ ମୁଖ୍ୟମନ୍ତ୍ରୀ ଓଏଏସ ସଂଘକୁ ଭେଟିଥାନ୍ତେ। କିନ୍ତୁ ନବୀନ ନିବାସରୁ ପରିଚାଳିତ ରବୀନ୍ଦ୍ର ସେଠୀଙ୍କ ଗୋଟିଚାଳନାରେ ଆଲୋଚନା ଫେଲ ହୋଇଥିଲା।

➪ପୃଷ୍ଠା-୬

### ଶ୍ରୀକ୍ଷେତ୍ରରେ ବାହୁଡ଼ା ପ୍ରସ୍ତୁତି ଆରମ୍ଭ

## ବଳଭଦ୍ର ଓ ସୁଭଦ୍ରାଙ୍କ ରଥର ଦକ୍ଷିଣମୋଡ଼

ଆଜି ଟଣାଯିବ ନନ୍ଦିଘୋଷ



**ପୁରୀ,୨।୭(ସଂଚାର ବ୍ୟୁରୋ):** ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଲୀଳାଖେଳା ଚାଲିଛି। ଇତିମଧ୍ୟରେ ରଥଯାତ୍ରାକୁ ୬ ଦିନ ପୂରିଯାଇଥିବାରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥା ଓ ପରମ୍ପରା ଅନୁଯାୟୀ ହେରାପଞ୍ଚମୀ ପରଦିନ ଅର୍ଥାତ୍ ଆଜି ରଥଗୁଡ଼ିକର ଦକ୍ଷିଣମୋଡ଼ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଆଜି କେବଳ ଦୁଇଟି ରଥକୁ ଦକ୍ଷିଣମୋଡ଼ କରାଯାଇଛି। ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ଓ ମା' ସୁଭଦ୍ରାଙ୍କ ଦେବଦଳନ ରଥର ଦକ୍ଷିଣମୋଡ଼ କରାଯାଇଥିବା ବେଳେ ଆସନ୍ତାକାଲି କାଳିଆ ଠାକୁର ଶ୍ରୀଜଗନ୍ନାଥଙ୍କ ରଥ ମୋଡ଼ ନେବ। ସେପଟେ ଚଳିତ ବର୍ଷ ଗୁଣ୍ଡିଚା ମନ୍ଦିରରେ ନବମୀ ସଂଧ୍ୟା ଦର୍ଶନ ନେଇ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେହିପରି ବାହୁଡ଼ା ଯାତ୍ରା ଓ ସୁନାବେଶରେ ପ୍ରବଳ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସେନେଇ ପୁରୀ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି। ଆସନ୍ତା ୫ ତାରିଖରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବାକୁ ଥିବା ଏଥିସକାଶେ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ସକାଳେ ନବଦିନାତ୍ମକ ଘୋଷଯାତ୍ରାରେ ଆସିଥିବା ମହାପ୍ରଭୁଙ୍କର ଗୁଣ୍ଡିଚା ମନ୍ଦିରରେ ସମସ୍ତ ନୀତିକାନ୍ତି ସରିବା ପରେ ସକାଳ ଧୂପ ହୋଇଥିଲା। ଏହାପରେ ଘଣ୍ଟ, କାହାଳୀ, ଛତ୍ରି ସହ ପଟୁଆରରେ ତିନି ବାଡ଼ରୁ ତିନି ଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ତିନି ରଥ ନିକଟକୁ ଆସିଥିଲେ। ଏହାପରେ ଆରମ୍ଭ ହୋଇଥିଲା ରଥଟଣା। ସେପଟେ ୫ ତାରିଖ ବାହୁଡ଼ା ଯାତ୍ରା ପାଇଁ ଶୀଘ୍ର

➪ପୃଷ୍ଠା-୬



## ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ



ଅଗଷ୍ଟ ୨୧ ଯାଏ ଚାଲିବ

**ନୂଆଦିଲ୍ଲୀ,୨।୭:** ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୧ ତାରିଖରୁ ଆରମ୍ଭ ହେବ। ଆସନ୍ତା ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନଟି ପୂର୍ବରୁ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବା ସକାଶେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହାକୁ ଆଉ ସପ୍ତାହେ ବୃଦ୍ଧି କରାଯାଇଥିବା ଆଜି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ସେ 'ଏକ୍ସ'ରେ ଏକ ପୋଷ୍ଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅନୁମୋଦନ ଦେଇଛନ୍ତି। ପୂର୍ବରୁ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବା ସକାଶେ ନିଷ୍ପତ୍ତି ହୋଇଥିଲେ ହେଁ ବିରୋଧୀ ଦଳର ନିବେଦନ କ୍ରମେ ଏହାକୁ ଆଉ ସପ୍ତାହେ ବଢ଼ାଯାଇଛି। ଏ ସଂକ୍ରାନ୍ତରେ ଶ୍ରୀ ରିଜିଜୁ କହିଛନ୍ତି ଯେ ଏହି ଅଧିବେଶନ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। କାରଣ ଏଥିରେ ଅନେକଗୁଡ଼ିଏ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହେବ। ଆଗାମୀ ଅଧିବେଶନରେ ବିବାଦୀୟ ହାଇକୋର୍ଟ ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବା ସକାଶେ ସେ କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ ଓ ସମାଜବାଦୀ ପାର୍ଟି ସହ ଆଲୋଚନା କରିସାରିଛନ୍ତି। ଅନ୍ୟ ବିରୋଧୀଦଳଗୁଡ଼ିକ ସହ ସେ ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ଆଲୋଚନା କରିବେ ବୋଲି ଶ୍ରୀ ରିଜିଜୁ କହିଛନ୍ତି। ଆଗାମୀ ଅଧିବେଶନରେ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଅଗଷ୍ଟ ୧୩ ଓ ୧୪ ତାରିଖରେ କାର୍ଯ୍ୟ ବନ୍ଦ ରହିବ ବୋଲି ସେ ସୂଚନା ଦେଇଛନ୍ତି।

### ରଥଯାତ୍ରା ଦଳାଚକଟା ମାମଲା

## ତଦନ୍ତ ପାଇଁ ଚାରିଜଣିଆ ଟିମ୍ ଗଠିତ

ଡିସିଙ୍କୁ ସହଯୋଗ କରିବେ



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଗତ ୨୯ ତାରିଖ ଭୋର୍ ସମୟରେ ଘଟିଥିବା ଦଳାଚକଟା ମାମଲାର ତଦନ୍ତ ପାଇଁ ଆଜି ଏକ ଚାରିଜଣିଆକ ମିଟି ଗଠନ କରାଯାଇଛି। ଏଥିରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀଙ୍କୁ ସ୍ଥାନ ଦିଆଯାଇଥିବା ବେଳେ ଏହି କମିଟି ଉନ୍ନୟନ କମିଶନର୍ (ଡିସି) ଅନୁ ଗର୍ଗଙ୍କୁ ତଦନ୍ତରେ ସହାୟତା କରିବେ। ଗଠିତ କମିଟିରେ ସ୍ଥାନ ପାଇଥିବା ଅଧିକାରୀମାନେ ହେଲେ ଯୁଗ୍ମ ନିର୍ଦ୍ଦେଶକ (ଇଷ୍ଟେଟ) ତଥା ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗର ଅତିରିକ୍ତ ସଚିବ ମାନସ ରଞ୍ଜନ ସାମଲ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ରଶ୍ମି ରଞ୍ଜନ ନାୟକ ଓ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ। ସାଧାରଣ ପ୍ରଶାସନ ଓ ସାଧାରଣଅଭିଯୋଗ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀ ଦାଶ ଓ ଶ୍ରୀ ସାହୁ ଏବେ ପୁରୀରେ ଅଛନ୍ତି ଓ ଆସନ୍ତା

➪ପୃଷ୍ଠା-୬

## ଖୁବ୍‌ଶୀଘ୍ର ଆଉ ୫ ଲକ୍ଷ ଜମାକାରୀ ପାଇବେ ଟଙ୍କା

- କ୍ଷୁଦ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଅର୍ଥ ଫେରସ୍ତ ପ୍ରକ୍ରିୟା
- ବର୍ଷକରେ ୧.୨୬ ଲକ୍ଷ ଜମାକାରୀ ପାଇଛନ୍ତି ଟଙ୍କା

**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ନୂଆ ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ କଷ୍ଟଅର୍ଜିତ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଓ ଜିଲ୍ଲା ସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି। ଏହାଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧ ଲକ୍ଷ ୨୬ ହଜାର ୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରାଯାଇସାରିଛି। ସେହିପରି ଆସନ୍ତା

➪ପୃଷ୍ଠା-୬

## ୧୮ ହଜାର ଡେଟୋନେଟର ଜବତ



ବଡ଼ ଧରଣର ଷଡ଼ଯନ୍ତ୍ର ପଣ୍ଡ

**ରାଉରକେଲା,୨।୭(ସଂଚାର ବ୍ୟୁରୋ):** ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରିଛନ୍ତି ସୁରକ୍ଷା ବାହିନୀ। ଓଡ଼ିଶା-ଝାଡ଼ଖଣ୍ଡ ସୀମାରୁ ବ୍ୟାପକ ମାତ୍ରାରେ ଡେଟୋନେଟର୍ ଜବତ କରିଛନ୍ତି ସୁରକ୍ଷା ବାହିନୀ। ଏହି ଡିଟୋନେଟ୍‌ର ପରିମାଣ ୧୮ ହଜାର ବୋଲି ଜଣାପଡ଼ିଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମା ଜରେଇକେଲା ଥାନା ଅନ୍ତର୍ଗତ ସରଣ୍ଡା ଜଙ୍ଗଲରୁ ଏହାକୁ ଜବତ କରାଯାଇଛି। ଏହି ଡିଟୋନେଟର୍‌ଗୁଡ଼ିକୁ ଉଦ୍ଧାର କରାଯିବା ପରେ ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ସେଗୁଡିକୁ ନଷ୍ଟ କରିଦିଆଯାଇଛି। ଟଣ୍ଟୋ ଥାନା ଅନ୍ତର୍ଗତ ହୁସିପି ଗାଁର ଜଙ୍ଗଲ ଓ ପାହାଡ଼ରେ ଏସବୁ ବିସ୍ଫୋରକକୁ ଲୁଚାଇ ରଖାଯାଇଥିଲା। ଗୁଇନ୍ଦା ସୂତ୍ରରୁ

➪ପୃଷ୍ଠା-୬



### କାନ ଡେରିଥା

ଅଫିସର ଏଠି କାର୍ଯ୍ୟ ବନ୍ଦ କରି
ଦରମା ଗଣ୍ଡିକ ପାଇବେ
ଚେୟାରରେ ବସି କାମକୁ ନକରି
ପୁରସ୍କୃତ କାଳେ ହୋଇବେ
ମନକୁ ହାଲକା କରିବେ...
ଯେଉଁ ଅଫିସର ମାଡ଼
ଖାଇଥିଲେ
ତାଙ୍କ ଗୁଣ ଏବେ ଗାଇବେ
ପୁରୁଣା କଥାକୁ ଭୁଲିବେ।

■ ଦେବାଶିଷ

## ପୁରୁଣା ନେତାଙ୍କୁ ସହିପାରୁନାହାଁନ୍ତି ଅପରାଜିତା




**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପିରେ ସାଂସଦ ଅପରାଜିତ ଷଡଙ୍ଗୀ ଜଣେ ଚର୍ଚ୍ଚିତ ଓ ସଫଳ ନେତ୍ରୀ। ପ୍ରଶାସନିକ ଦକ୍ଷତା ସାଙ୍ଗକୁ ତାଙ୍କର ରାଜନୈତିକ ପଟୁତା ନେଇ ଦଳୀୟ ମହଲରେ ତାଙ୍କ ପ୍ରତି ବହୁ ସମ୍ମାନ ରହିଛି। ହେଲେ ତାଙ୍କର କିଛି କାର୍ଯ୍ୟକଳାପକୁ ଦେଖିଲେ ଲାଗୁଛି ସେ ଦଳର ପୁରୁଖା ନେତାଙ୍କୁ ସହିପାରୁନାହାଁନ୍ତି। ଗତ କିଛି ବର୍ଷ ମଧ୍ୟରେ ତାଙ୍କର କିଛି କାର୍ଯ୍ୟକଳାପରୁ ଏଭଳି ସଙ୍କେତ ମିଳୁଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

ଅପରାଜିତାଙ୍କୁ ଏନେଇ ଏହି ଚର୍ଚ୍ଚା ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଅଧିକ ଘନେଇଛି। ବିଏମସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓଏଏସ ଅଫିସରଙ୍କୁ କିଛି ବିଜେପିର ଯୁବ ନେତା ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଅବଶ୍ୟ ଏହାର ପ୍ରକୃତ କାରଣ ଏବେ ବି ପଦାକୁ ଆସିନି। ଏହି ଘଟଣା ପରେ ଦଳ ତୁରନ୍ତ ସେହି ପାଞ୍ଚ ଜଣଙ୍କୁ ଦଳରୁ ନିଲମ୍ବିତ କରିଛି ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୋଲିସ ମଧ୍ୟ ସମସ୍ତ ୫ଜଣଙ୍କୁ ଗିରଫ କରିସାରିଛି। ହେଲେ ଅପରାଜିତା ଷଡଙ୍ଗୀ ଏହାରି ଭିତରେ ପୁରୁଖା ନେତା ଜଗନ୍ନାଥ ପ୍ରଧାନଙ୍କୁ ନିଶାଣା କରିବାର ସୁଯୋଗ ହାତଛଡା କରିନାହାଁନ୍ତି।

ଯେକୌଣସି ରାଜନୈତିକ ଦଳରେ ଦଳର ନେତା ଓ କର୍ମୀଙ୍କୁ ଅନ୍ୟ ନେତାମାନେ ସବୁବେଳେ ସହଯୋଗ, ସମବେଦନା, ସହାନୁଭୂତି ଓ ମାନସିକ ସମର୍ଥନ ଯୋଗାଇଥାନ୍ତି। କିନ୍ତୁ ଅପରାଜିତା ଷଡଙ୍ଗୀ ଏକ୍ଷେତ୍ରରେ ବିଲକ୍ଷଣ। ସେ ନିଜ ଦଳର ନେତାଙ୍କୁ ମଧ୍ୟ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରି ଦୁର୍ବୃତ୍ତର ଆଖ୍ୟା ଦେବାକୁ ପଛାଉନାହାଁନ୍ତି। ଅପରାଜିତା ଷଡଙ୍ଗୀ ବିଜେପିରୁ ଦୁଇ ଦୁଇ ଥର ସାଂସଦ ହେଲେଣି। ତାଙ୍କ ଲୋକସଭା କ୍ଷେତ୍ର ମଧ୍ୟରେ ମଧ୍ୟ-ଭୁବନେଶ୍ୱର ବିଧାନସଭା ଆସନ ବି ଆସୁଛି। ଏଥିପାଇଁ ନିର୍ବାଚନ ସମୟରେ ସେ ଜଗନ୍ନାଥ ପ୍ରଧାନଙ୍କୁ ସାଙ୍ଗରେ ଧରି କ୍ୟାମ୍ପେନ କରନ୍ତି ଆଉ ତାଙ୍କ ବିଜୟରେ ଜଗନ୍ନାଥଙ୍କର ମଧ୍ୟ କିଛିଟା ହାତ ରହିଛି। କିନ୍ତୁ ଯେଉଁ ଆକ୍ରମଣ ଘଟଣା ସମୟରେ ଜଗନ୍ନାଥ ପ୍ରଧାନ ନିଜେ ଉପସ୍ଥିତ ନଥିଲେ, ସେହି ଘଟଣାରେ ଅନ୍ୟ ଜଣଙ୍କ ଅଭିଯୋଗ ଆଧାରରେ ଦଳୀୟ ନେତାଙ୍କୁ ସୋସିଆଲ ମିଡିଆରେ ଅପରାଜିତା କାହିଁକି ନିନ୍ଦିତ କରୁଛନ୍ତି ତାହା ଏବେ ଦଳ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

- ନିଲମ୍ବିତ ନେତାଙ୍କ ସହ ବୈଠକ ବେଳେ କେଉଁଠି ଥିଲା ଶୃଙ୍ଖଳା?
- ଜଗନ୍ନାଥଙ୍କ ବିରୋଧରେ କହି କାହାକୁ ମାଇଲେଜ ଦେଉଛନ୍ତି?

ଦଳର ଶୃଙ୍ଖଳା ଭଙ୍ଗ କରି ଅନ୍ୟ ନେତାମାନେ ଏନେଇ ମୁହଁ ଖୋଲୁନାହାଁନ୍ତି ସତ। କିନ୍ତୁ ଦଳ ଭିତରେ ଏହାକୁ ନେଇ ଗୁମୁରିଗୁମୁରି ଆଲୋଚନା ହେଉଛି। ଚର୍ଚ୍ଚା ହେଉଛି କଣ ସେ ଦଳଠାରୁ ଊର୍ଦ୍ଧ୍ୱରେ କି? ସେ ଯେଉଁ ଟ୍ୱିଟ କରିଥିଲେ ସେଥିରେ ସେ ଦଳର ରାଜ୍ୟ ସଭାପତି କି ମୁଖ୍ୟମନ୍ତ୍ରୀଙ୍କୁ ଟ୍ୟାଗ ନକରି ସିଧାସଳଖ ଦଳର ସର୍ବୋଚ୍ଚ ନେତା ନରେନ୍ଦ୍ର ମୋଦି ଓ ଅମିତ ଶାହଙ୍କୁ ଟ୍ୟାଗ କରିଛନ୍ତି। ଏବେ ପ୍ରଶ୍ନ ଉଠୁଛି, ଗତ ସେପ୍ଟେମ୍ବର ମାସରେ ଯେତେବେଳେ ବିଜେପି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶରେ ସୁନିତି ମୁଣ୍ଡ ଓ ଅନ୍ୟ ୫ଜଣଙ୍କୁ ନିଲମ୍ବନ କରାଯାଇଥିଲା, କେଉଁ ଶୃଙ୍ଖଳାର ଉଦାହାରଣ ଦେଇ ଅପରାଜିତ ସେମାନଙ୍କୁ ନିଜ ରାଜନୈତିକ କାର୍ଯ୍ୟକ୍ରମରେ ସାମିଲ କରୁଥିଲେ?

ଗତ ସେପ୍ଟେମ୍ବର ମାସରେ ବିଜେପିର ଭୁବନେଶ୍ୱର ମେୟର ପ୍ରାର୍ଥୀ ସୋସିଆଲ ମଡିଆ ପାଣ୍ଠି ହଡପ କରିଥିବା ଅଭିଯୋଗରେ ନିଲମ୍ବିତ ହୋଇଥିବା ବେଳେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ସମ୍ପାଦକ ବିଦ୍ୟୁତ କାନ୍ତି, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା ଏବଂ ଅପରାଜିତାଙ୍କ ଏକାନ୍ତ ସହଯୋଗୀ ଶିବ ମଲ୍ଲିକ ଓ ଧନେଶ୍ୱର ବାରିକଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ମନକି ବାତ କାର୍ଯ୍ୟକ୍ରମରେ ବିଶୃଙ୍ଖଳା କରିଥିବା ଅଭିଯୋଗରେ ନିଲମ୍ବିତ କରାଯାଇଥିଲା। କିନ୍ତୁ ଅପରାଜିତ

➪ପୃଷ୍ଠା-୬

# ୫୩ନଂ ଜାତୀୟ ରାଜପଥ କାମ ଅତି ନିମ୍ନମାନର

## କାମ ନେଇ ଭିଜିଲାନ୍ସ ତଦନ୍ତ ଦାବିକଲା ଜନଶକ୍ତି ପାର୍ଟି



**ଡେରାବିଶ,୨।୭(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ ପାରାଦୀପ ୫୩ନଂ ଜାତୀୟ ରାଜପଥ ପୂର୍ବରୁ ଥିବା ଚାରିଲେନ ରାସ୍ତାରେ ଏବେ ଆହୁରି ନୂତନ ଚାରିଲେନ ରାସ୍ତା ନିର୍ମାଣ ଚାଲିଛି । ତେବେ ଏହି ରାସ୍ତାର ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ରାସ୍ତା କାମ ନିମ୍ନମାନର ହେଉଥିବା ଓ ନିର୍ମାଣ କାମରେ ଠିକାସଂସ୍ଥା ଦ୍ୱାରା ନିଯୋଜିତ ଶ୍ରମିକ ବିନା ସୁରକ୍ଷା ଉପକରଣରେ ବିପଦଜନକ ଭାବେ କାର୍ଯ୍ୟ କରୁଥିବା ନେଇ ଜନଶକ୍ତି ପାର୍ଟର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ଅଭିଯୋଗ କରିବା ସହିତ ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି । ନିର୍ମାଣଧୀନ ଏହି ରାସ୍ତାଟି ଏବେ ମରଣଯନ୍ତାରେ ପରିଣତ ହୋଇଥିବାବେଳେ ଦୈନିକ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ହାନି ହେଉଛି। ଏଥିସହିତ ଏହି ରାସ୍ତାର ଉଭୟ କଡ଼ରେ ବସବାସ କରୁଥିବା ଡେରାବିଶ ବ୍ଲକ ଅଞ୍ଚଳର ବହୁ ଜନସାଧାରଣଙ୍କ ସମେତ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ ଯାତାୟାତ ପାଇଁ ନାହିଁ ନ ଥିବା ହାନସ୍ତା ଭୋଗ କରୁଛନ୍ତି। ଏଥିସହିତ ଏହି ରାସ୍ତା କାମ ନିମ୍ନମାନର ହେଉଥିବାବେଳେ ବିଭିନ୍ନ ସ୍ଥାନରେ ରାସ୍ତା ଖାଲଖମା ସୃଷ୍ଟି ହୋଇ ଅସରାଏ ବର୍ଷା ହେଲେ ଏଥିରେ ପାଣି ଜମି ରହୁଥିବାରୁ ଲୋକେ ନାହିଁ ନଥିବା ଅଛୁବିଧା ଭୋଗୁଛନ୍ତି। ଏପରିକି ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଏହି ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହୁଛି । ବହୁ ସମୟରେ ବର୍ଷା ହେଲେ ରାସ୍ତା କଡ଼ରେ ଥିବା ଗ୍ରାମରେ ଜାତୀୟ ରାଜପଥରୁ ମାଟି କାଦୁଅ ଧୋଇ କାଦୁଅ ପାଣି ପଶିଯାଉଥିବା ନେଇ ମଧ ଅଭିଯୋଗ ହେଉଛି। ଏଥିସହିତ ଏହି ରାସ୍ତା କାମରେ ଠିକାଦାର ଯେଉଁ ଶ୍ରମିକଙ୍କୁ ନିଯୋଜିତ କରିଛନ୍ତି, ସେମାନଙ୍କୁ ସୁରକ୍ଷା ଉପକରଣ ଦେଉ ନ ଥିବାରୁ ସେମାନେ ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି କୁ ଯଦି କୌଣସି କାରଣରୁ ଏହି ବିପଜନକ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ କୌଣସି ଅଘଟଣ ଘଟେ, ସେଥିପାଇଁ ଠିକାସଂସ୍ଥା ଦାୟୀ ହେବ ବୋଲି ଶ୍ରୀ ତ୍ରିପାଠୀ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି । ଶ୍ରୀ ତ୍ରିପାଠୀ ଏହି ଅମାନବୀୟ କାର୍ଯ୍ୟ ନିମନ୍ତେ ମାନବିକ ଅଧିକାର କମିଶନରଙ୍କ ଆଶ୍ରୟ ନେବେ ବୋଲି କହିଛନ୍ତି ।

# ଅର୍ଥର ପୋଖରୀ ଖୋଳା ନିଜସ୍ୱ ଜମିରେ ସରକାରୀ

### ଦୁଇ ବର୍ଷ ପରେ ତଦନ୍ତ ଆରମ୍ଭ କଲା ଭିଜିଲାନ୍ସ



**ଆଳି,୨।୭(ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ଚଣ୍ଡିଆଗଡି ଗ୍ରାମ ପଞ୍ଚାୟତରେ ଗତ ୨୦୨୨-୨୩ ଆର୍ଥୀକ ବର୍ଷରେ ବଗୁଲିଆ ପୋଖରୀର ସଂରକ୍ଷଣ ଓ ବିକାଶ ନିମନ୍ତେ ୬ଲକ୍ଷ ୬୩ହଜାର ୩୭୫ଟଙ୍କା ଅର୍ଥ ବ୍ୟୟବରାଦ କରାଯାଇଥିଲା । ଏହି କାର୍ଯ୍ୟ ମନରେଗା ଯୋଜନାରେ କରାଯିବା ନିମନ୍ତେ ନିର୍ଦ୍ଦେଶ ନାମା ରହିଥିଲା କିନ୍ତୁ ସରକାରୀ ଅର୍ଥରେ ବ୍ୟକ୍ତିଗତ ଜମିରେ ପୋଖରୀ ଖୋଳା ନାମରେ ୬ ଲକ୍ଷରୁ ଉର୍ଦ୍ଧ ଟଙ୍କା ହଡ଼ପ କରିବା ଘଟଣାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି । ଗତ ୨୦୨୩ ମସିହା ମେ ୨୯ତାରିଖ ଦିନ କନିଷ୍ଠ ଯନ୍ତ୍ରୀ ଶୁଭଦର୍ଶନୀ ସାହୁ ଓ ତତ୍କାଳୀନ ବ୍ଲକ ସହକାରୀ ଯନ୍ତ୍ରୀ ଦେବସ୍ମିତା ଧଳ ଏହି ପ୍ରକଳ୍ପ ବାବଦରେ ଅର୍ଥ ଉଠାଇ ନେଇଥିଲେ । ଜଣେ ବ୍ୟକ୍ତିଗତ ଲୋକର ଜମିରେ ସରକାରୀ ଅର୍ଥ ବ୍ୟୟ କରାଯାଇ କିଭଳି ଭାବେ ପୋଖରୀ ଖୋଳାଗଲା ତାହାକୁ ନେଇ ଅଞ୍ଚଳବାସୀ ଆଳି ବିଡ଼ିଓ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ପ୍ରଶାସନ ତଦନ୍ତ କରିନଥିଲା । ଏନେଇ ତତ୍କାଳୀନ ବିଡ଼ିଓ ବିଡ଼ିଓ ଦ୍ୱିବେନ୍ଦୁ ଦାସ ତଦନ୍ତ ହେବ କହି ଘଟଣା କୁ ଚାପିଦେବାକୁ ପ୍ରୟାସ କରିଥିବା ବେଳେ ପ୍ରକଳ୍ପ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଶୁଭଦର୍ଶନୀ ସାହୁ ଓ ତତ୍କାଳୀନ ସହକାରୀ ଯନ୍ତ୍ରୀ ଦେବସ୍ମିତା ଧଳ ଏ ବାବଦରେ ମୁହଁରେ ତୁଣ୍ଡି ବାନ୍ଧି ବାସୀ ପଡ଼ିଥିଲେ। ଯାହାଦ୍ୱାରା ସେତେବେଳେ ଏହି ଖବର ଗଣମାଧମ ରେ ଶିରୋନାମା ପାଲଟି ଥିଲା। ଯାହା ଫଳରେ ପଞ୍ଚାୟତ ବାସୀ ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିବା ସହିତ ଯେଉଁ ଅଧିକାରୀ ମାନେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ସହିତ ଫାଇନାଲ ବିଲ କରିଛନ୍ତି ତାଙ୍କୁ ଭିଜିଲାନ୍ସ ତଦନ୍ତ ପରିସର ଭୁକ୍ତ କରିବାକୁ ଦାବି କରିଥିଲେ । ଦୁଇ ବର୍ଷ ପରେ କେନ୍ଦ୍ରାପଡ଼ା ଭିଜିଲାନ୍ସ ପକ୍ଷରୁ ଭାଗ୍ୟଲକ୍ଷ୍ମୀ ପୁହାଣଙ୍କ ସହିତ ଏକ ଟିମ ଚଣ୍ଡିଆଗଡି ପଂଚାୟତରେ ପହଞ୍ଚି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କୁ ନେଇ ତଦନ୍ତ କରିବାକୁ ଘଟଣା ସ୍ଥଳକୁ ଯାଇ ଫେରି ଯାଇଥିଲେ । ଏ ନେଇ ଗଣମାଧମ ପ୍ରତିନିଧି ମାନେ ଭିଜିଲାନ୍ସର ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିବା ବେଳେ ଭିଜିଲାନ୍ସ ପକ୍ଷରୁ ପ୍ରତିକ୍ରିୟା ମିଳିନଥିଲା।

# ଚୋରା ମଦ ଜବତ, ମହିଳାଙ୍କ ସମେତ ୬ କୋର୍ଟ ଚାଲାଣ

**କେନ୍ଦ୍ରାପଡା,୨।୭(ସଂଚାର ବ୍ୟୁରୋ):** ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଇଛାପୁର ର ସୁଦର୍ଶନ ସାହୁ ଓ ସୁବାଷ ଚନ୍ଦ୍ର ମଳିକଙ୍କ ଠାରୁ ୨୪୦୦ ଗ୍ରାମ ଗଞ୍ଜେଇ, ସରସ୍ୱତୀ ବେହେରାଙ୍କ ଠାରୁ ୧୯ ଲିଟର ଦେଶୀ ମଦ,ଭାବଗ୍ରାହୀ ସାହୁଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ, ନାଗପଟଣା ଗ୍ରାମର ଶଶୀକାନ୍ତ ମଳିକଙ୍କ ଠାରୁ ୨୬ ଲିଟର ବିଦେଶୀ ମଦ ଏବଂ ଶ୍ୟାମଗୁଡ଼ିଆ ଗ୍ରାମର ରମାକାନ୍ତ ସାହୁଙ୍କ ୨୯ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କ ପାଖରୁ ସମୁଦାୟ ୧୧୩ ଲିଟର ଦେଶୀ ଓ ବିଦେଶୀ ମଦ ଓ ୨୪୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇ ୧ ମହିଳା ସମେତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ପଦ୍ମ ଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



# କ୍ଷେତରେ ସାର ଔଷଧ ସିଞ୍ଚନ କରୁଛି ଡ୍ରୋନ, ଦୂର ହେଉଛି ଶ୍ରମିକ ଚିନ୍ତା



**କେନ୍ଦ୍ରାପଡା,୨।୬ (ସଂଚାର ବ୍ୟୁରୋ):** ଦିନକୁ ଦିନ ଚାଷୀଙ୍କ ପାଇଁ ଶ୍ରମିକ ଚିନ୍ତା ବଢ଼ିବାରେ ଲାଗିଛି। ଶ୍ରମିକ ଅଭାବ ପାଇଁ ଅନେକ ବଡ଼ ବଡ଼ ଚାଷୀଙ୍କ ଏକର ଏକର ଚାଷ ଜମି ପଡିଆ ପଡୁଛି । ମାତ୍ର ଦୃଢ଼ ଇଛାଶକ୍ତି ଏବଂ ଆଧୁନିକ ଜ୍ଞାନ କୌଶଳ ଓ ଯନ୍ତ୍ରପାତି ବ୍ୟବହାର କରି ସଫଳ ଚାଷୀ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ମାର୍ଶାଘାଇ ର ଚାଷୀ ନିର୍ମଳ କୁମାର ଦଳାଇ । ମାର୍ଶାଘାଇ ଯଜ୍ଞ ମଠ ଜାଲିଆ ଘାଇ ନିକଟରେ ପ୍ରାୟ ୮ ଏକର ଚାଷ ଜମିରେ ଆଖୁ ଚାଷ କରି ସେ ଏହି ସଫଳତା ପାଇଛନ୍ତି । ଢେଙ୍କାନାଳ ର ଇଣ୍ଡିଆନ ପଟାସ ସୁଗାର କମ୍ପାନୀ ସହଯୋଗରେ ସେ କିଛି ବର୍ଷ ହେବ ଆଖୁ ଚାଷ କରି ଆସୁଛନ୍ତି କ୍ଷ ଚାଷ ପାଇଁ ଶ୍ରମିକ ଅଭାବ ପଡୁଥିବାରୁ ସେ ଆଧୁନିକ ଯନ୍ତ୍ରପାତି ଏବଂ ଜ୍ଞାନ କୌଶଳ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ହଳ, ବିହନ ବୁଣା, ପାଣି ମଡ଼ା ଭଳି ସବୁ କିଛି କାମ ସେ ଯନ୍ତ୍ରପାତି ଦ୍ୱାରା କରିଛନ୍ତି । ଏବେ ଆଖୁ ଗଛ ଗୁଡିକ ସୁସ୍ଥ ସବଳ ହୋଇ ବଢ଼ିବା ପାଇଁ ସାର ଏବଂ ଔଷଧ ସିଞ୍ଚନ କରିବାର ଆବଶ୍ୟକତା ଦେଖାଦେବାରୁ କୃଷି ବିଭାଗ ପରାମର୍ଶ ନେଇଥିଲେ । ଚାଷୀମାନଙ୍କୁ ସାର ଔଷଧ ସିଞ୍ଚନ ପାଇଁ ସହଜ ଏବଂ ସ୍ୱଳ୍ପ ଖର୍ଚ୍ଚରେ ଡ୍ରୋନ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇ ପାରାଦ୍ୱୀପର ଏକ ସାର କମ୍ପାନୀ ପକ୍ଷରୁ କେନ୍ଦ୍ରାପଡ଼ାର ଏକ ସଂସ୍ଥାକୁ ଡ୍ରୋନ ପ୍ରଦାନ କରାଯାଇଥିବା ସୂଚନା ପାଇ ଯୋଗାଯୋଗ କରିଥିଲେ । ଆବଶ୍ୟକୀୟ ସାର ଏବଂ ଔଷଧ ଡ୍ରୋନରେ ରଖାଯାଇ ଆଖୁ କିଆରୀରେ ସିଞ୍ଚନ କରିଥିଲେ । ଶ୍ରମିକ ଅଭାବ ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା, ଡ୍ରୋନ ବ୍ୟବହାର କରିବା ଯୋଗୁଁ ସ୍ୱଳ୍ପ ସମୟ ମଧରେ ସାର ସିଞ୍ଚନ ହୋଇପାରିଲା ବୋଲି ଚାଷୀ ନିର୍ମଳ ଦଳାଇ କହିଛନ୍ତି । କେତେକ ଚାଷୀଙ୍କ ଠାରୁ ଲିଜ ସୂତ୍ରରେ ସେ ଜମି ଆଣି ଏହି ଆଖୁ ଚାଷ କରି ଭଲ ଦି ପଇସା ରୋଜଗାର କରିପାରୁଛନ୍ତି ବୋଲି କହିଛନ୍ତି । ଏକର ପ୍ରତି ଆଖୁଚାଷୀ ସମସ୍ତ ଖର୍ଚ୍ଚ ବାଦ ବାର୍ଷିକ ପ୍ରାୟ ପଚାଶ ହଜାର ଟଙ୍କା ଲାଭ ପାଇ ପାରୁଛି ବୋଲି ସୁଗାର କମ୍ପାନୀର ଆଞ୍ଚଳିକ ନିରୀକ୍ଷକ ବ୍ରଜ ସୁନ୍ଦର ପଣ୍ଡା କହିଛନ୍ତି । ନିର୍ମଳଙ୍କ ଦୃଢ଼ ଇଛାଶକ୍ତି ଏବଂ ଆଧୁନିକ ଜ୍ଞାନ କୌଶଳ ଓ ଯନ୍ତ୍ରପାତି ବ୍ୟବହାର ଯୋଗୁଁ ଜଣେ ସଫଳ ଚାଷୀ ଭାବରେ ପରିଚୟ ପାଇ ଅଂଚଳରେ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ସାଜିଛନ୍ତି ।

# କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷଙ୍କୁ ସ୍ୱାଗତ କଲା ପୁରାତନ ଛାତ୍ର ସଂସଦ



**କେନ୍ଦ୍ରାପଡ଼ା,୨।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପରାମର୍ଶ କ୍ରମେ ସଂସଦର ଉପସଭାପତି ଡ. ପ୍ରଦୀପ୍ତ କିଶୋର ଦାଶ, ସମ୍ପାଦକ ଡ. ପ୍ରମୋଦ କୁମାର ଦାସ, ସଦସ୍ୟ ଡ. ରତ୍ନମଞ୍ଜରୀ ଦାସ ଏବଂ ରଞ୍ଜିତ କୁମାର ଦାସ ପ୍ରମୁଖ ପୂର୍ବତନ ଅଧକ୍ଷ ଡ. ସଞ୍ଜୀବ କୁମାର ମହାନ୍ତିଙ୍କୁ ପୁଷ୍ପଗୁଛ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ନବ ନିଯୁକ୍ତ ଅଧକ୍ଷ ପ୍ରାଧାପକ ଶାନ୍ତନୁ କୁମାର ଜେନାଙ୍କୁ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦ ପ୍ରଦାନ କରିଥିବା ଏବଂ ଗାନ୍ଧୀଭବନରେ ଥିବା ଗାନ୍ଧିଜୀଙ୍କ ପ୍ରିୟ ଚରଖାକୁ ନୂତନ ଅଧକ୍ଷ ପ୍ରଫେସର ଜେନାଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ପ୍ରଥମ ସଭାପତି ତଥା କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ଉପସ୍ଥିତ ଥିଲେ ।

# ବିଶ୍ୱ ଡାକ୍ତର ଦିବସରେ ସମ୍ବର୍ଦ୍ଧନା

**ମାର୍ଶାଘାଇ,୧।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ବିଶ୍ୱ ଡାକ୍ତର ଦିବସ ଅବସରରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ମାର୍ଶାଘାଇର ବିଶିଷ୍ଟ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସ୍ୱାଗତ ଦାସ, ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥ ଏବଂ ଡାକ୍ତର ସୌଭାଗ୍ୟ ପ୍ରସନ୍ନ ସେଠୀ ଙ୍କୁ ପୁଷ୍ପଗୁଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ମାର୍ଶାଘାଇର ବିଶିଷ୍ଟ ହୋମିଓପାଥିକ ଡାକ୍ତର ଅନ୍ତର୍ଯ୍ୟାମୀ ସାହୁ, ମୃତ୍ୟୁଞ୍ଜୟ ମିଶ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍କଳ ସାମ୍ବାଦିକ ସଙ୍ଘର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକ, ମାର୍ଶାଘାଇ ସାମ୍ବାଦିକ ସଙ୍ଘ ସମ୍ପାଦକ ପ୍ରମୋଦ ଦାସ, ଆଇନଜୀବି ବିଚିତ୍ରାନନ୍ଦ ବେହେରା,ହେମନ୍ତ କୁମାର ସ୍ୱାଇଁ, ରନେନ୍ଦ୍ର କୁମାର ନାୟକ, କଳ୍ପତରୁ ରଣା, ଯୋଗେନ୍ଦ୍ର ଦାସ, ଦେବବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।



# ବୋର୍ଡ ପରୀକ୍ଷାକେନ୍ଦ୍ର ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

## ଷାଠିଏ ବର୍ଷ ତଳର ସ୍ମୃତିଚାରଣ କଲେ

**ମାର୍ଶାଘାଇ,୧।୭(ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ତଥା ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ଛାତ୍ର ଦିବ୍ୟରଞ୍ଜନ ରାଉତ ଏବଂ ନବମ ଶ୍ରେଣୀର ଟପ୍ପର ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ବିଦ୍ୟାଳୟରେ ୧୯୬୪ ମସିହାରେ ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ର ପରମେଶ୍ୱର ସ୍ୱାଇଁ ଏହି ସମ୍ବର୍ଦ୍ଧନା କରିଥିଲେ । ପେଣ୍ଠ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବୋର୍ଡ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇ ଉଚ୍ଚ ଶିକ୍ଷା ଲାଭ କରି ବା ପରେ ସହକାରୀ ନିର୍ଦ୍ଦେଶକ ପଦରେ ଚାକିରୀ କରି ଅବସର ନେଇଥିଲେ । ସେହି ସ୍ମୃତିକୁ ତାଜା କରିବା ସହିତ ନୂଆ ପିଢ଼ିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଟପ୍ପର ଙ୍କୁ ସମ୍ବର୍ଦ୍ଧିତ କରିବାକୁ ଆଗ୍ରହ କରିଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ତଥା ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ପରମେଶ୍ୱର ସ୍ୱାଇଁଙ୍କ ପକ୍ଷରୁ ଏହି ଦୁଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ନଗଦ ଅର୍ଥ ରାଶି ସହିତ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସୂଦନ ବେହେରା, ପୁରାତନଛାତ୍ର ଡାକ୍ତର ଖଗେଶ୍ୱର ବେହେରା, ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ସାହାଣୀ, ଆଇନଜୀବି ବିଚିତ୍ରାନନ୍ଦ ବେହେରା, ଭିକାରୀ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ଏହି ବିଦ୍ୟାଳୟର ଛାତ୍ର ଦିବ୍ୟରଞ୍ଜନ ରାଉତ ଏବଂ ନବମ ଶ୍ରେଣୀରେ ଟପ୍ପର ହୋଇଥିବା ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପଲତା ପାଣି ଧନ୍ୟବାଦ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ, ହାଡିବନ୍ଧୁ ସେଠୀ, ଦୁର୍ଯ୍ୟୋଧନ ଜେନା, ମନୋଜ ସେଠୀ, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦାସ, ସୁଜାତା ସାହୁ, ଗାୟତ୍ରୀ ବେହେରା, ଦେବାଶିଷ ବେହେରା, ଲିପିକ ସ୍ୱାଗତିକା ଦାସ, କଳ୍ପତରୁ ବେହେରା, ନବଘନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ବରିଷ୍ଠ ଅଧିକାରୀ ସାମୂହିକ ଛୁଟିରେ, ଜନସାଧାରଣ ନିରାଶ

**କେନ୍ଦ୍ରାପଡା,୨।୭(ସଂଚାର ବ୍ୟୁରୋ):** ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ମାଡ ପ୍ରତିବାଦରେ ଓଡିଶା ପ୍ରଶାସନିକ ସେବା ସଂଘ, କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଚାଲିଥିବା ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି । ଜିଲ୍ଲାର ପ୍ରଶାସନିକ ଅଧିକାରୀ ମାନେ ସମୂହ ଛୁଟିରେ ଯିବା ଯୋଗୁଁ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ କାମ ବନ୍ଦ ହୋଇଯାଇଛି । ଦୂରଦୂରାନ୍ତରୁ ନାନା ପ୍ରକାର କାମ ନେଇ ଆସୁଥିବା ଲୋକେ ନିରାଶ ହୋଇ ଫେରି ଯାଉଛନ୍ତି । ଜିଲ୍ଲା ମୁଖ୍ୟାଳୟ ସମେତ ତହସିଲ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ,ମ୍ୟୁନିସିପାଲଟି ଓ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଏହାଦ୍ୱାରା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ।

# କ୍ରେଡିଟ କୋ- ଅପରେଟିଭ ସୋସାଇଟିର ସହାୟତା

**କେନ୍ଦ୍ରାପଡା,୨।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କ୍ରେଡିଟ କୋ ଅପରେଟିଭ ସୋସାଇଟ୍ ତରଫରୁ ବାପା ଛେଉଣ୍ଡ ସ୍ୱର୍ଗତ ମମତାଜ ଖାନଙ୍କ ପୁତ୍ର ଅଷ୍ଟମ ଶ୍ରେଣୀର ଛାତ୍ର ଅସଲାମ ଖାନଙ୍କୁ ଚିକିତ୍ସା ପାଇଁ ସାହାଯ୍ୟ ପ୍ରଦାନ କରାଯାଇଛି । ଛାତ୍ରଟିର ଦୁଇଟି ଯାକ କିଡନୀ ଖରାପ ଥିବାରୁ ସପ୍ତାହରେ ୩ଥର ଡାଇଲିସିସ୍ କରିବାକୁ ପଡେ । ପରିବାର କୌଣସି ରୋଜଗାର କ୍ଷମା ନଥିବାରୁ ଆର୍ଥିକ ଅନାଟନ ରେ ଦିନ କାଟୁଛନ୍ତି। ଖବର ପାଇ ସୋସାଇଟ୍ ତରଫରୁ ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ବଡଚଣା ବ୍ଲକ ସ୍ଥିତ ଅଳତି ଭରତପୁର ପଂଚାୟତ ର ପଣସଦା ଗ୍ରାମକୁ ଯାଇ ତାଙ୍କୁ ୧୦ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିବା ସହିତ ତାଙ୍କ ମା ରଇସା ବିବିଙ୍କୁ ପ୍ରତ୍ୟେକ ମାସକୁ ତାଙ୍କ ପରିବାର ଚଳାଇବା ପାଇଁ ସହାୟତା ପ୍ରଦାନ କରିବାକୁ ଶ୍ରୀ ସାହୁ ପ୍ରତିଶୃତି ଦେଇଛନ୍ତି । ଏହି ଆର୍ଥିକ ସହାୟତା ପ୍ରଦାନ ସମୟରେ ବାଲିଚନ୍ଦ୍ରପୁର ଶାଖା ପରିଚାଳିକା ସନ୍ତୋଷୀ ସାମଲ, ଜମା ସଂଗ୍ରହକାରୀ ଏଜେଣ୍ଟ ରଂଜିତ ଦାସ, ଦେବେନ୍ଦ୍ର ପରମାଣିକ, ରାକେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



# ଆଇନ ସଚେତନତା ଶିବିର

**କେନ୍ଦ୍ରାପଡା,୨।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ପୌରସଂସ୍ଥା ଟାଉନହଲ ଠାରେ ପ୍ରବାସୀ ଶ୍ରମିକଙ୍କ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରବାସୀ ଶ୍ରମିକଙ୍କର ମୌଳିକ କର୍ତ୍ତବ୍ୟ ସଂପର୍କରେ ଆଲୋଚନା କରାଯାଇ ଥିଲା । ଉପସ୍ଥିତ ଥିବା ସାଧାରଣ ଙ୍କୁ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଓ ପ୍ରବାସୀ ଶ୍ରମିକ ମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଥିବା ଓ ବାହାର ରାଜ୍ୟରୁ ଆମ ରଜ୍ୟକୁ ସିବା ଉପରେ ବିସ୍ତୃତ ଭାବେ ସଚେତନତା କରା ଯାଇଥିଲା । ସମ୍ବିଧାନର ନିୟମ ମାନି କର୍ତ୍ତବ୍ୟ କରିବା ଉପରେ ଆହ୍ୱାନ ଦେଇଥିଲେ ।

# ସମାଜସେବୀଙ୍କ ବିୟୋଗ

**କେନ୍ଦ୍ରାପଡ଼ା,୨।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ମହିପାଳ ଗ୍ରାମର ସମାଜସେବୀ ଉପେନ୍ଦ୍ର ପ୍ରସାଦ ମହାନ୍ତିଙ୍କର ୬୨ବର୍ଷ ବୟସରେ ପରଲୋକ ହୋଇଯାଇଛି । ବୁଧବାର ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଝିଅ ଦିପ୍ତିମୟୀ, ପୁଅ ଓ ପରିବାର ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଳରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ମହାନ୍ତି କେନ୍ଦ୍ରାପଡାର ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ଅନୁଗତ ଥିଲେ। ସେ ଶେଷ ପର୍ଯ୍ୟନ୍ତ ବିଜୁଜନତା ଦଳର ଜଣେ ସଚ୍ଚାକର୍ମୀ ଓ ପରୋପକାରୀ ବ୍ୟକ୍ତି ଭାବେ ସାରା ସହରରେ ପରିଚିତ ଥିଲେ । ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଧିରେନ ସାହୁ, ରଞ୍ଜିତ ସାହୁ, ରାଜେଶ ପଣ୍ଡା, ପ୍ରଦୀପ ନାୟକ, ଯଯାତି ମହାନ୍ତି, ବିଜୟ ପତି, ମହେନ୍ଦ୍ର ମିଶ୍ର, ମୀର ମୁର୍ଶିଦ, ଦିଲ୍ଲିପ ଦାଶ, କାଁକ ପୃଷ୍ଟି, ବିଜୟ ସାହୁ, ବଂଶୀଧର ମହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମହିପାଳସ୍ଥିତ ବାସଭବନରେ ପହି ତାଙ୍କର ଶେଷ ଦର୍ଶର୍ନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କଜଳା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ ।

# ହାଇସ୍କୁଲ ରାସ୍ତାରେ ପାଣି ଜମି ପରିବେଶ ଦୂଷିତ, ପ୍ରତିକାର ଦାବି

**ପଟ୍ଟାମୁଣ୍ଡାଇ,୧।୭(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରସାର ପାଇଁ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ପ୍ରତିଷ୍ଠା କରାଯାଇଥିଲା ଓ ଯେଉଁ ଲକ୍ଷ୍ୟ ନେଇ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା, ତାହା ସଂପୂର୍ଣ୍ଣ ସଫଳ ହୋଇପାରିନାହିଁ ଓ ବର୍ଷା ଦିନେ ବାଳିକା ହାଇସ୍କୁଲ ପରିସରରେ ବର୍ଷା ପାଣି ଲହଡି ଭାଙ୍ଗୁ ଥିଲା ଓ ଯାହାଫଳରେ ଛାତ୍ରୀ ମାନେ ପାଠ ପଢ଼ା କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେଉ ଥିଲେ ଓ ବାରମ୍ବାର ଦାବୀ ଫଳରେ ୫ଟି କାର୍ଯ୍ୟକ୍ରମରେ ହାଇସ୍କୁଲର କିଛିଟା ପରିପାଟୀ ବଦଳିବା ସହିତ ସ୍କୁଲ ରାସ୍ତା ଉଚ୍ଚା କରାଯାଇଛି ଓ ଫଳରେ ପାଣି ଜମିବା ସମସ୍ୟା କେତେକାଂଶରେ ଦୂର ହୋଇଛି ଓ ମାତ୍ର ହାଇସ୍କୁଲ ପରିସର ବାହାର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି ଓ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ପଟ୍ଟାମୁଣ୍ଡାଇ ସହର ଉପକଣ୍ଠ ସବଡିଭିଜନ ହସ୍ପିଟାଲ ସମ୍ମୁଖରେ ଅବସ୍ଥିତ ଥିଲେ ମଧ ଦୀପ ତଳ ଅନ୍ଧାର ନ୍ୟାୟରେ ଏହା ଚୀର ଅବହେଳିତ ହୋଇରହିଛିଓ ପଟ୍ଟାମୁଣ୍ଡାଇ ବାଳିକା ହାଇସ୍କୁଲ ଛକ ଠାରୁ କାଠିଆପଡା ପର୍ଯ୍ୟନ୍ତ ଲମ୍ବି ଯାଇଥିବା ରାସ୍ତା ଏବେ ଗମନା ଗମନ ଅନୁପଯୁକ୍ତ ହୋଇପଡିଛିଓ ଏହି ରାସ୍ତା ଦେଇ ଶହ ଶହ ହାଇସ୍କୁଲ ଛାତ୍ରୀ, ବିଭିନ୍ନ ଅଂଚଳର ଜନସାଧାରଣ, ପଟ୍ଟାମୁଣ୍ଡାଇ କଲେଜ ଓ ମହିଳା କଲେଜ ଛାତ୍ରଛାତ୍ରୀ ଓ ହାଇସ୍କୁଲ ସମ୍ମୁଖରେ ଥିବା ହସ୍ପିଟାଲ କୁ ରୋଗୀମାନେ ଚିକିତ୍ସା ପାଇଁ ଯାତାୟାତ କରିଥାନ୍ତି ଓ ଏଥି ସହିତ ଏହି ରାସ୍ତାରେ ବିଭିନ୍ନ ପରୀକ୍ଷାଗାର, ଔଷଧ ଦୋକାନ ଓ ଘରୋଇ ଡାକ୍ତରଖାନା ରହିଛିଓ ସବୁ ଦୃଷ୍ଟି କୋଣରୁ ଗୁରୁତ୍ୱପୂର୍ଣ୍ଣ ଏହି ବ୍ୟସ୍ତ ବହୁଳ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛିଓ ଯାତାୟାତ ପାଇଁ ସଂପୂର୍ଣ୍ଣଅନୁପଯୁକ୍ତ ହୋଇ ପଡିଥିବାରୁ ଛାତ୍ରଛାତ୍ରୀ, ରୋଗୀ ଓ ଜନସାଧାରଣ ଯିବା ଆସିବା କ୍ଷେତ୍ରରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି ଓ ଏହି ରାସ୍ତାରେ ବର୍ଷକ ବାର ମାସ ପାଣି ଜମି ରହୁଥିବାବେଳେ ବର୍ଷା ଦିନେ ସ୍ଥିତି ବେହାଲ ହୋଇପଡୁଛିଓ ଓ ବର୍ଷକ ବାର ମାସ ପାଣି ଜମି ରହି ରାସ୍ତାରେ ପୁତି ଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି ।



**AFFIDAVIT**

By virtue of an affidavit sworn before Executive Magistrate, Marshaghai, 645/2025 Date: 30.06.2025. I am Rojalin Sethy, D/o- Aradhya Sethy, of At - Baligotha, Po-Ayaba, P.S- Kendrapara sadar. Dist-kendrapara, Pin- 754212, Odisha declares that I have changed my daughter's name from N R Aradhya Sethy to Aradhya Sethy. Henceforth, The name shall be known as Aradhya Sethy for all purposes.

# ପୁରୁଣା ପେନ୍‌ସନ୍, ଯନ୍ତ୍ରୀଙ୍କ ମାମଲା

**ଭୁବନେଶ୍ୱର,୨।୭:** ଠିକାରେ କାମ କରିବା ପରେ ଯେଉଁ ଯନ୍ତ୍ରୀମାନେ ନିୟମିତ ହୋଇଛନ୍ତି ସେମାନଙ୍କୁ ୧୯୯୨ର ପୁରୁଣା ପେନ୍‌ସନ୍ ରୁଲ୍ ଓ ୧୯୩୮ର ଜିପିଏଫ୍ ରୁଲ୍ ପରିସରରୁ ବାଦ୍ ଦେବା ପାଇଁ ଓଡ଼ିଶା ସରକାର ଯେଉଁ ନିଷ୍ପତ୍ତି କରିଛନ୍ତି ତାହା ଉପରେ ଓଡ଼ିଶା ହାଇକୋର୍ଟ ରୋକ୍ ଲଗାଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୦୫ ଜାନୁଆରୀ ପହିଲା ପୂର୍ବରୁ ଠିକାରେ ଦୀର୍ଘବର୍ଷ ଧରି କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିୟମିତ କରିଥିଲେ । ଏମାନଙ୍କ ମଧ୍ୟରୁ କେତେକ ଅବସର ଗ୍ରହଣ କରି ପୁରୁଣା ପେନ୍‌ସନ୍ ରୁଲ୍ ଆଧାରରେ ପେନ୍‌ସନ, ଜିପିଏଫ୍ ଆଦି ପାଉଛନ୍ତି । ଅନ୍ୟମାନଙ୍କର ଏବେ ବି ପ୍ରତି ମାସରେ ଜିପିଏଫ୍ ଟଙ୍କା କଟୁଛି । ତେବେ ଏଣିକି ଏଭଳି ଯନ୍ତ୍ରୀମାନଙ୍କୁ ଜିପିଏଫ୍ ବ୍ୟବସ୍ଥାରୁ ବାଦ୍ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଗତମାସ ୬ ତାରିଖରେ ସମସ୍ତ ଦପ୍ତରକୁ ଚିଠି ଲେଖି ଆଉ ସେମାନଙ୍କ ମାସିକ ଜିପିଏଫ୍ ଜମା ଦରମାରୁ ନକାଟିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ କ୍ଷତିଗ୍ରସ୍ତ ହୋଇ ସୁଶାନ୍ତ କୁମାର ମହାପାତ୍ର ନାମକ ଜଣେ ଯନ୍ତ୍ରୀ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାଟିର ବିସ୍ତୃତ ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେବା ସହ ତାଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପ୍ରତିକୂଳ ପଦକ୍ଷେପ ନନେବାକୁ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବର୍ଷବର୍ଷ ଧରି ଠିକାରେ କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିୟମିତ କରାଯାଇଛି ଏବଂ ସେମାନଙ୍କ ଭିତରୁ ଅନେକ ମଧ୍ୟ ଏକାଧିକ ପଦୋନ୍ନତି ପାଇଛନ୍ତି ଓ ଆଉ କେତେକ ଅବସର ଗ୍ରହଣ କରିଛନ୍ତି । ଏଭଳି ଘଟଣାରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦପ୍ତର ଆପତ୍ତି ଉଠାଇ ଗତବର୍ଷ ଡିସେମ୍ବର ୨୬ରେ ରାଜ୍ୟ ସରକାରଙ୍କୁ ଏକ ସ୍ପଷ୍ଟୀକରଣ ଦେଇଥିଲେ। ତା'ରି ଆଧାରରେ ଗତ ୧୭ ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ପତ୍ର ଲେଖି ୨୦୦୫ ଜାନୁଆରୀ ପହିଲା ପରେ ନିୟମିତ ହୋଇଥିବା ଠିକା ଯନ୍ତ୍ରୀମାନଙ୍କୁ ପୁରୁଣା ପେନ୍‌ସନ୍ ରୁଲ୍ ଓ ଜିପିଏଫ୍ ରୁଲ୍‌ର ପରିସରରୁ ବାଦ୍ ଦେବାକୁ କହିଥିଲେ। ଓଡ଼ିଶା ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇବା ପରେ ସରକାର ବିଭିନ୍ନ ଦିଗ ପ୍ରସଂଗରେ ତର୍ଜମା କରୁଛନ୍ତି ଏବଂ ତଦନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ଅଧିକାରୀ କହୁଛନ୍ତି। ଅନ୍ୟପକ୍ଷରେ ପୁରୁଣା ପେନ୍‌ସନ୍ ଆଇନ୍ ଓ ଜିପିଏଫ୍ ପରିସରରୁ ବାଦ୍ ପଡୁଥିବା ଯନ୍ତ୍ରୀମାନେ କହିଛନ୍ତି ଯେ ସେମାନେ ୮/୧୦ ବର୍ଷ ଓ ତଦୁର୍ଦ୍ଧ୍ୱ ସମୟ ଠିକାରେ କାମ କରିବା ପରେ ବିଭିନ୍ନ ତାରିଖରେ ନିୟମିତ ହୋଇଛନ୍ତି । ସେମାନଙ୍କୁ ୨୦୦୫ ଜାନୁଆରୀ ପହିଲା ପୂର୍ବରୁ ରାଜ୍ୟ ସରକାର ନିୟମିତ କରିଥିଲେ ଏଭଳି ସମସ୍ୟା ଉପୁଜିନଥାନ୍ତା । ଅନ୍ୟ ବିଭାଗର ବହୁ ଯନ୍ତ୍ରୀ ଏଭଳି ସୁବିଧା ପାଉଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନଙ୍କୁ ଏଥିରୁ ବାଦ୍ ଦିଆଯିବା ଘଟଣା ଘେନି ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। (ତଥ୍ୟ)

### ବନ୍ଧୁକ ମୂନରେ ଇଣ୍ଡିଆନ୍ ବ୍ୟାଙ୍କ୍‌ରୁ ଡକାୟତି

# ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍



**ନୟାଗଡ଼,୨।୭(ସଂଚାର ବ୍ୟୁରୋ):** ବନ୍ଧୁକ ମୂନରେ ଜେମାଦେଇପୁର ଇଣ୍ଡିଆନ୍ ବ୍ୟାଙ୍କ୍‌ରୁ ଡକାୟତି ହୋଇଛି। ୭ ଜଣ ଦୁର୍ବୃତ୍ତ ବ୍ୟାଙ୍କ୍‌ରେ ପଶି ବନ୍ଧୁକ ଦେଖାଇ ସୁନା ଓ ଟଙ୍କା ଲୁଟି ନେଇଛନ୍ତି। ଡକାୟତମାନେ ୨୦ ଲକ୍ଷରୁ ଅଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗ ହୋଇଛି। ସଦର ଥାନା ପୁଲିସ ବ୍ୟାଙ୍କ୍‌ରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ ୨ ଜଣ ଡକାୟତଙ୍କୁ ଅଟକ ରଖି ସେମାନଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି। ଏଥିସହ ଅନ୍ୟମାନଙ୍କୁ ଗିରଫ କରିବା ସକାଶେ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉଜାରି ରଖିଛି। ମିଳିଥିବା ସୂଚନାନୁସାରେ ଆଜି ଅପରାହ୍ଣ ପ୍ରାୟ ୪ଟା ସମୟରେ ବ୍ୟାଙ୍କ ବନ୍ଦ ହେବାକୁ ଯାଉଥିବା ସମୟରେ ଭିତରେ ମାତ୍ର ୨ ଜଣ ମହିଳା ଗ୍ରାହକ ଥିଲେ। ତେବେ ଏହି ସମୟରେ ଗ୍ରାହକ ବେଶରେ ୪ଟି ବାଇକରେ ୭ ଜଣ ଡକାୟତ ଆସି ବ୍ୟାଙ୍କରେ ପହଞ୍ଚିଥିଲେ। ତେବେ ସେମାନେ ଅଚାନକ ବ୍ୟାଙ୍କରେ ପଶି ବନ୍ଧୁକ ଓ ଠେଙ୍ଗାରେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ଆକ୍ରମଣ କରିଥିଲେ। ଏଥିରେ କର୍ମଚାରୀମାନେ ରକ୍ତାକ୍ତ ହୋଇଥିଲେ। ଡକାୟତମାନେ ବ୍ୟାଙ୍କ୍‌ରୁ ଟଙ୍କା ଓ ସୁନା ନେଇଯାଇଥିଲେ। ସେମାନେ ବ୍ୟାଙ୍କ୍‌ରେ ମହଜୁଦ ଥିବା ମହିଳା ଗ୍ରାହକଙ୍କ ମଧ୍ୟରୁ ଜଣଙ୍କଠାରୁ ୨୦ ହଜାର ଟଙ୍କା ଓ ଅନ୍ୟ ଜଣଙ୍କଠାରୁ ସୁନା ଚେନ ଛଡ଼ାଇ ନେଇଥିଲେ। ଡକାୟତଙ୍କ ମାଡରେ ବ୍ୟାଙ୍କ୍‌ର ପିଅନ ଓ କ୍ୟାଶିଅର୍‌ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ସଦର ଥାନା ପୁଲିସ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଯାଞ୍ଚ କରି ତନାଘନା ଚଳାଇଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

● ଯାତ୍ରା ମଞ୍ଚରେ ନୂଆ ଗବେଷଣା

## ରୋବୋଟିକ୍ ଡଗ୍ ଓ ଘୋଡ଼ାରେ ଦୁଲୁକିବ ମଞ୍ଚ



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ମଞ୍ଚ ଦୁଲୁକେଇବ ରୋବୋଟିକ୍ ଡଗ୍ ଓ ଧଳାଘୋଡ଼ା। ଯାତ୍ରାରେ ଅଶ୍ଳୀଳତା, ଅପସଂସ୍କୃତିର ପ୍ରବେଶକୁ ବିରୋଧ ଓ ହୋହାଲ୍ଲା ଭିତରେ ଜଲିଉଡ୍‌ରେ ଏପରି କିଛି ନୂଆ ପ୍ରୟୋଗକୁ ଆପଣାଯାଇଛଇ। ପ୍ରଥମ ଥର ପାଇଁ ଯାତ୍ରା ଜଗତରେ ପାଦ ଥାପିଥିବା ଅପେରା ଯାଜ୍ଞସେନୀ ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ମଞ୍ଚକୁ ରୋବଟିକ୍ ଡଗ୍ ଆଣୁଥିବା ବେଳେ ମଞ୍ଚ ଉପରେ ଘୋଡ଼ା ଚଢ଼େଇବାକୁ ପ୍ରସ୍ତୁତି ଚଳାଇଛି ଧଉଳି ଗଣନାଟ୍ୟ। ଡ୍ୟାନ୍ସ ମାଷ୍ଟରଙ୍କ ଇଶାରାରେ ନାଚିବ ଏହି ରୋବୋଟିକ ଡଗ୍। ଚତୁର ଚାଲିଚଳଣଠୁ ଆରମ୍ଭ କରି ଭଳିକି ଭଳି ଅଙ୍ଗଭଙ୍ଗୀ ସବୁଥିରେ ଦର୍ଶକଙ୍କ ମନ ମୋହିବ। ଏହି ନୂଆ ପ୍ରୟୋଗ ତା'ର ଜଲ୍‌ୱା ଦେଖାଇବା ସହ ବହି ଆରମ୍ଭରୁ ମଞ୍ଚରେ ତାତି ଭରିବା ଆଶା ରହିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଦର୍ଶକଙ୍କ ସାମ୍ନାକୁ ଆସୁଥିବା ଅପେରା ଯାଜ୍ଞସେନୀ ଏପରି ନୂଆ ତରିକାରେ ଯାତ୍ରା ଜଗତକୁ ପ୍ରଭାବିତ କରିବା ସକାଶେ ପ୍ରୟାସ କରିଛି। ନୂଆ ପାର୍ଟି ହୋଇଥିବା ବେଳେ ପ୍ରଦର୍ଶନରେ ବି ନୂଆ ଇନୋଭେସନ ଉଦ୍ୟମ କରିଛି। ନିକଟ ଅତୀତରେ ଯାତ୍ରା ପ୍ରତି ଦର୍ଶକଙ୍କୁ ଆକର୍ଷିତ କରିବା ସକାଶେ ବିଭିନ୍ନ ଅପେରା ଆଇଟମ୍ ଗାର୍ଲଙ୍କ ଅଶ୍ଳୀଳ ନୃତ୍ୟକୁ ମୁଖ୍ୟ ଅସ୍ତ୍ର ବନାଇଆସିଛନ୍ତି। ଯୁବପିଢ଼ିର ଦୁର୍ବଳତାର ଫାଇଦା ନେଇ ଅପେରା ମାଲିକମାନେ ଟଙ୍କା ରୋଜଗାର ପାଇଁ ଏପରି ତରିକା ଆପଣାଇଛନ୍ତି। କିନ୍ତୁ ଯାଜ୍ଞସେନୀ ଏହାଠାରୁ ପାଦେ ଆଗେଇ ଅଶ୍ଳୀଳତାଠାରୁ ଦର୍ଶକଙ୍କଠାରୁ ଦୂରେଇ ନେଇ ଟେକ୍‌ନୋଲୋଜି ମାଧ୍ୟମରେ ଯାତ୍ରା ଜଗତରେ ନାମ କମାଇବାକୁ ଉଦ୍ୟମ କରିଛି। ସେହିପରି ଧଉଳି ଗଣନାଟ୍ୟ ମଧ୍ୟ ମଞ୍ଚରେ ସତସତିକା ଧଳା ଘୋଡ଼ା ଚଢ଼େଇବାକୁ ପ୍ରସ୍ତୁତ ଚଳାଇଛି। ଏହି ପ୍ରୟୋଗ ବି ଯାତ୍ରା ଇତିହାସରେ ସର୍ବପ୍ରଥମ ହେବା ନାଟକ 'ଚଣ୍ଡାଶୋକ'ରେ ସମ୍ରାଟ ଅଶୋକ ଚରିତ୍ରରେ ଅଭିନୟ କରୁଥିବା ଅଭିନେତା ଏଇ ଘୋଡ଼ା ଚଢ଼ି ସିଧା ମଞ୍ଚକୁ ଆସିବେ। ଚଳିତ ଯାତ୍ରା ଋତୁରେ ଧଉଳିର ଏହି ବହି ମଞ୍ଚସ୍ଥ ହେବା ପୂର୍ବରୁ ଆଖଡ଼ା ପୂଜାରେ ବି ଏହି ଧଳାଘୋଡ଼ା ସମସ୍ତଙ୍କ ମନ ଜିଣିଥିଲା।

■ ହାତୀ ହତ୍ୟା ଓ ଦାନ୍ତ ଲୁଟ୍ ଘଟଣା

# ବିଧାୟକଙ୍କ ଗିରଫ ଦାବି କଲା ବିଜେଡି



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରେ):** ଗତ ୧୫ ତାରିଖରେ ନୀଳଗିରି ଅଞ୍ଚଳରେ ଏକ ଦନ୍ତା ହାତୀକୁ ହତ୍ୟା କରାଯିବା ଓ ତା'ର ଦାନ୍ତ ଲୁଟ୍ ଘଟଣାରେ ସ୍ଥାନୀୟ ବନ ବିଭାଗ ଅଧିକାରୀ ୫ ଜଣଙ୍କୁ ଗିରଫ କରିଛନ୍ତି। ତେବେ ଏହି ଘଟଣା ସହ ବିଜେପିର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କର ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ କରିଛି ବିଜେଡି। ଏହି ମାମଲାରେ ରାଜ୍ୟ ସରକାର ସମ୍ପୃକ୍ତ ବିଧାୟକଙ୍କୁ ଘଷ୍ଟ ଘୋଡ଼ାଉଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଗିରଫ ହୋଇଥିବା ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ବିଧାୟକଙ୍କ ଫାର୍ମ ହାଉସ୍‌ରୁ ଧରାଯାଇଛି ବୋଲି କହିବା ସହ ଏହି ମାମଲାରେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଡଃ ସାମନ୍ତସିଂହାର କହିଥିଲେ ଯେ ଗତ ୧୫ରେ ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଡ଼ ପଞ୍ଚାୟତର ହୁଡ଼ିସାହି ଗ୍ରାମ ନିକଟରେ ଏକ ବିଶାଳ ଦନ୍ତାହାତୀର ମୃତଦେହ ମିଳିଥିଲା। ମୃତ ହାତୀର ଦାନ୍ତକୁ ଦୁର୍ବୃତ୍ତମାନେ କାଟି ନେଇଥିଲେ। ଜଙ୍ଗଲ ଅଧିକାରୀମାନେ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ୩ ଜଣ ଅଭିଯୁକ୍ତ ବିଧାୟକଙ୍କ ଫାର୍ମ ହାଉସ୍‌ରୁ ଗିରଫ ହୋଇଥିବାରୁ ଏଥିରେ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତ ନିଶ୍ଚିତ ହୋଇଥିଲେ ବି ସରକାରୀ ଦଳର ହୋଇଥିବାରୁ ବନ ବିଭାଗର ଅଧିକାରୀମାନେ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇପାରିନଥିବା ଡଃ ସାମନ୍ତସିଂହାର କହିଛନ୍ତି।

ସେ ଆହୁରି କହିଛନ୍ତିଯେ ଶ୍ରୀ ଖଟୁଆ ଅନେକ ବେଆଇନ କାମରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ଗତ ୯୦ ଦଶକରେ ବାଲେଶ୍ୱରସ୍ଥିତ ଇସ୍ପାତ ଆଲୟେଜ ଲିମିଟେଡ୍‌ରେ ଜଣେ କର୍ମଚାରୀ ଭାବେ କାମ କରୁଥିବା ଶ୍ରୀ ଖଟୁଆ ପରବର୍ତ୍ତୀ ସମୟରେ କମ୍ପାନୀ ଦେବାଳିଆ ହୋଇଥିଲେ ହେଁ ସେ କୋଟିପତି ହୋଇଯାଇଥିଲେ। ଶ୍ରୀ ଖଟୁଆଙ୍କ ବିରୋଧରେ ପୂର୍ବରୁ ପଦ୍ମଲୋଚନ ମୁଣ୍ଡ ହାଇସ୍କୁଲର ଦେଢ଼ ଏକର ଜମି ଓ ଅନ୍ୟୂନ ୨୦୦ ଏକର ଜଙ୍ଗଲ ଜମି ଜବରଦଖଲ କରିଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଏହାଛଡା ସେ ବେଆଇନ ମୋରମ ଓ ବାଲି ଉଠାଣ କାମରେ ବି ଲିପ୍ତ ଥିବା ଅଭିଯୋଗ ରହିଛି। ତେଣୁ ହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ଶ୍ରୀ ଖଟୁଆଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ପେସା ଆଇନ ଲାଗୁ କରାଯିବାକୁ ଡଃ ସାମନ୍ତସିଂହାର ଦାବି କରିଛନ୍ତି।



## ପୋଖରୀରେ ଭାସୁଛନ୍ତି କ୍ୱିଣ୍ଟାଲ କ୍ୱିଣ୍ଟାଲ ମଲା ମାଛ

**ବାଲେଶ୍ୱର,୨।୭(ସଂଚାର ବ୍ୟୁରୋ) :** ପୋଖରୀରେ ମାଛ ମଡ଼କ । ପାଣିରେ ଭାସୁଛନ୍ତି କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ । କେହି ଦୁର୍ବୃତ୍ତ ବିଷ ପକାଇଦେଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ସିଂଲା ଥାନା ଶଙ୍ଖୁଆ ଗାଁରେ ଥିବା ଶଙ୍ଖେଶ୍ୱର ପୋଖରୀରେ ମରି ଭାସୁଛନ୍ତି ବିଭିନ୍ନ ପ୍ରଜାତିର ମାଛ । ଏହି ପୋଖରୀ ଉପରେ ଗାଁର ଶହେରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରନ୍ତି । ମାଛ ମରି ଦୁର୍ଗନ୍ଧ ସୃଷ୍ଟି ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ପୋଖରୀରେ ପାଣି ଅଧିକ ଥିବାରୁ ମାଛ ମାରିବା ପାଇଁ ବିଷ ପ୍ରୟୋଗ କରାଯାଇଥିବା ଗାଁଲୋକ ଅଭିଯୋଗ କରିଛନ୍ତି। ଏନେଇ ସିଂଲା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି । ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ କବିତା ପାଠୋତ୍ସବ



**ବାଲେଶ୍ୱର,୨।୭(ସଂଚାର ବ୍ୟୁରୋ):** ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ'ର ଷଷ୍ଠ ଦିବସରେ ଆଜି ଉପସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ତଥା କଲ୍ୟାଣୀ ନନ୍ଦ ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରିଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଡକ୍ଟର ରମାକାନ୍ତ ନାୟକ, ମଧୁସୂଦନ ମାଝୀ, ସମର ବଲ୍ଲଭ ଭୋଇ, ରିତେଶ କୁମାର ଦାଶ, ଦୀପକ ବୋଷ, ଦୀନବନ୍ଧୁ ଲେଙ୍କା, ଅର୍ଚ୍ଚନା କର, ସୁବ୍ରତା ମହାନ୍ତି ପ୍ରମୁଖ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଦୀପ କୁମାର ଚାଟାର୍ଜୀ, ଶରତ କୁମାର ମହାପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଦୀପକ ଦାସ, ତପନ ରାୟ, କରୁଣାକର ସ, ରାଜେନ୍ଦ୍ର ରାଉତ ପ୍ରମୁଖ ବହୁ ସାହିତ୍ୟିକ ଓ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରଥଯାତ୍ରାରେ ଅନ୍ନସେବା



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାରର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ୍ ଲଗାତାର ଏକାଦଶତମ ବର୍ଷ ପାଇଁ ପୁରୀରେ ରଥଯାତ୍ରାର ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇଆସୁଛି। ଚଳିତ ବର୍ଷ ନବଯୌବନ ଦର୍ଶନଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ମାଗଣାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇସାରିଛି। ପବିତ୍ର ସୁନାବେଶ ପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇବା ଲକ୍ଷ୍ୟ ରହିଛି। ସର୍ବାଧିକ ସଂଖ୍ୟକ ଲୋକଙ୍କ ନିକଟରେ ସେବା ପହଞ୍ଚିବା ପାଇଁ ପୁରୀ ରେଳ ଷ୍ଟେସନ ନିକଟରେ ଏବଂ ଗୁଣ୍ଡିଚା ମନ୍ଦିର ନିକଟ ବସ୍ ଷ୍ଟାଣ୍ଡରେ ଦୁଇଟି ବିଶାଳ ଖାଦ୍ୟ ବଣ୍ଟନ ଷ୍ଟଲ ସ୍ଥାପନ କରାଯାଇଛି। ଭକ୍ତମାନଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାତ, ଡାଲମା ଓ ଖଟା ଦିଆଯାଉଛି। ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନରେ ପରିଚ୍ଛନ୍ନତା ଏବଂ ନିରାପତ୍ତା ମାନଦଣ୍ଡ ପାଳନ ନିମନ୍ତେ ଫାଉଣ୍ଡେସନ୍ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି। ରାନ୍ଧିବା, ପରିବହନ ଏବଂ ବଣ୍ଟନକୁ ଅତ୍ୟନ୍ତ ଯତ୍ନ ଓ ନିଷ୍ଠାର ସହ ପରିଚାଳନା କରିବା ପାଇଁ ୧୫୦ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀ କାମ କରୁଛନ୍ତି।

ବସ୍‌ଷ୍ଟାଣ୍ଡରେ ଥିବା ଷ୍ଟଲକୁ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଉଦଘାଟନ କରିଥିଲେ। ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରି ଡକ୍ଟର ପାତ୍ର କହିଥିଲେ ଯେ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ଖାଦ୍ୟ ଯୋଗାଇବା ଜିନ୍ଦଲ ଫାଉଣ୍ଡେସନର ପଦକ୍ଷେପ ଭାରତୀୟ ସଂସ୍କୃତିର ଆତ୍ମାକୁ ପ୍ରତିଫଳିତ କରେ। ଯେଉଁଠାରେ ତୀର୍ଥଯାତ୍ରୀଙ୍କ ସେବାକୁ ଈଶ୍ୱରୀୟ ସେବା ଭାବରେ ବିବେଚନା କରାଯାଏ। ଏହି ମହାନ ଉଦ୍ଦେଶ୍ୟ ପ୍ରତି ସେମାନଙ୍କର ୧୧ ବର୍ଷର ନିରନ୍ତର ସମର୍ପଣକୁ ମୁଁ ପ୍ରଶଂସା କରୁଛି। ସେହିପରି ପୁରୀ ରେଳ ଷ୍ଟେସନ ନିକଟରେ ଥିବା ଷ୍ଟଲକୁ ଏଡିଆରଏମ ଡି.କେ. ବେହେରା ବରିଷ୍ଠ ଏସଡିଏମ ଅନିଲ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏ ସଂକ୍ରାନ୍ତରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି ଯେ ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଆସିଥିବା କୌଣସି ଭକ୍ତ ଯେପରି ଭୋକିଲା ନ ରୁହନ୍ତି ତାହା ନିଶ୍ଚିତ କରିବା ପାଇଁ ଗତ ୧୧ ବର୍ଷ ଧରି ଆମର ପ୍ରୟାସ ଜାରି ରହିଛି। ଭାରତର ଏହି ମହାନ ଆଧ୍ୟାତ୍ମିକ ପର୍ବ ଅବସରରେ ସେବା ପ୍ରଦାନର ସୁଯୋଗ ପାଇଁ ଆମେ ମହାପ୍ରଭୁ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଉଛୁ। ଖାଦ୍ୟ ସେବା ବ୍ୟତୀତ ଜିନ୍ଦଲ ଫାଉଣ୍ଡେସନ ଭକ୍ତମାନଙ୍କ ପାଇଁ ୧୦ ହଜାର ଓଆରଏସ ପକେଟ ବଣ୍ଟନ କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟୋଜିତ ଆଗଧାଡ଼ିର ସ୍ୱେଚ୍ଛାସେବୀଙ୍କ ସହାୟତା ପାଇଁ ଫାଉଣ୍ଡେସନ ୬୦୦ ରେନକୋଟ୍ ମଧ୍ୟ ପ୍ରଦାନ କରିଛି। ଭକ୍ତମାନଙ୍କୁ ପାଣି ବଣ୍ଟନ ପାଇଁ ହଜାରେ ଲିଟର କ୍ଷମତା ବିଶିଷ୍ଟ ୩ଟି ଥଣ୍ଡା ପାନୀୟ ଜଳ ଯାନ ନିୟୋଜିତ କରାଯାଇଛି।

# ବନ୍ୟା ପ୍ରଭାବିତ ଜିଲ୍ଲାରେ ଓଡ୍ରାଫ୍ ଟିମ୍‌ର ଉଦ୍ଧାର କାର୍ଯ୍ୟ



**ଭୁବନେଶ୍ୱର,୨।୭ (ସଂଚାର ବ୍ୟୁରୋ) :** ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ଭଳି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପରେ ବନ୍ୟା ସୃଷ୍ଟି ହୋଇଛି। ଏହି ବନ୍ୟାରେ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ୍) ପକ୍ଷରୁ ଉଭୟ ଜିଲ୍ଲାରେ ବ୍ୟାପକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ କରାଯାଇଛି। ଓଡ୍ରାଫ ଟିମ ଲୋକଙ୍କ ଧନଜୀବନ ସୁରକ୍ଷିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ବେଳେ ଜଳମଗ୍ନ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ପହଞ୍ଚାଉଛି। ଉଭୟ ଜିଲ୍ଲାର ୧୮ଟି ବନ୍ୟା ପ୍ରଭାବିତ ବ୍ଲକରୁ ଅଦ୍ୟାବଧି ୮୧୯୧ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇସାରିଛି।

ଓଡ୍ରାଫ୍‌ର ବିଭିନ୍ନ ଟିମ୍ ଅଗ୍ନିଶମ ବାହିନୀ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ପ୍ରଭାବିତ ଅଞ୍ଚଳରେ ସବୁବେଳେ ମହଜୁଦ ରହି ପ୍ରଭାବିତ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି। ଡିଆଇଜି (ପୂର୍ବାଞ୍ଚଳ ରେଞ୍ଜ) ବାଲେଶ୍ୱର ଡ. ସତ୍ୟଜିତ୍ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟିମ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ଭୋଗରାଇ, ବସ୍ତା, କମର୍ଦ୍ଦା, ସିଙ୍ଗଲା ଆଦି ଅଞ୍ଚଳର ୨ ହଜାରରୁ ଅଧିକ ବାସିନ୍ଦାଙ୍କୁ ଜଳ ଘେରରୁ ଉଦ୍ଧାର କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ସାରସକଣା, ରସଗୋବିନ୍ଦପୁର, ବଡ଼ସାହି, ବେତନଟୀ ଓ ବାରିପଦା ଅଞ୍ଚଳର ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ଓଡ୍ରାଫ ଟିମର କର୍ମଚାରୀମାନେ ରାତିଦିନ ଏକରି କରି ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବିଶେଷକରି ତଳିଆ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ କରାଇବା ସହ ସେମାନଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳରେ ପଞ୍ଚାଇବା ଦିଗରେ ଓଡ୍ରାଫ ଟିମ ସକ୍ରିୟ ଭୂମିକା ଗ୍ରହଣ କରିଛି। ମୟୂରଭଞ୍ଜରେ ୬ଟି ଓ ବାଲେଶ୍ୱରରେ ୫ଟି ଓଡ୍ରାଫ୍ ଟିମ୍ ମୁତୟନ ଥିବା ଜଣାପଡ଼ିଛି।



## ସପ୍ତାହ ଶେଷରେ ପୁଣି ଲଘୁଚାପ

**ଭୁବନେଶ୍ୱର, ୨।୭ (ସଂଚାର ବ୍ୟୁରୋ) :** ସପ୍ତାହ ଶେଷରେ ପୁଣି ଲଘୁଚାପ। ଚଳିତ ସପ୍ତାହ ଶେଷ ବେଳକୁ ପଶ୍ଚିମବଙ୍ଗ ନିକଟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି । ଏହି ପୂର୍ବାନୁମାନ କରିଛନ୍ତି ଅନ୍ତର୍ଜାତୀୟ ପାଣିପାଗ ବିଜ୍ଞାନୀ ଜାସନ ନିକୋଲସ । ତେବେ ଏହି ଲଘୁଚାପ ବେଶୀ ଘନୀଭୂତ ହେବନାହିଁ । ସେପଟେ ଓଡ଼ିଶା ଓ ଝାଡଖଣ୍ଡ ଉପରେ ସକ୍ରିୟ ଥିବା ଲଘୁଚାପ ଦୁର୍ବଳ ହୋଇ ବୁଧବାର ମଧ୍ୟ ପ୍ରଦେଶ ଓ ଉତ୍ତର ପ୍ରଦେଶ ଆଡକୁ ଗତି କରିଛି । ତେବେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି । ଆଜି ପାଇଁ ୬ ଜିଲ୍ଲା, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡା, କୋରାପୁଟ, ସୋନପୁର, ବରଗଡ ଓ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ରହିଛି । ରାଜ୍ୟରେ ଆହୁରି ୩ ଦିନ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି ହୋଇଛି । ଗୋଟିଏ ଲଘୁଚାପର ପ୍ରଭାବ ନକମୁଣୁ ସପ୍ତାହ ଶେଷରେ ପୁଣି ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ରହିଛି । ତେବେ ଓଡ଼ିଶା ଉପରେ ଏହାର କଣ ପ୍ରଭାବ ରହିବ ତାହା ସ୍ପଷ୍ଟ ହୋଇନାହିଁ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବଂ ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି । ଆଉ ୫ ଦିନ ଯାଏଁ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କୋରାପୁଟ, ସୋନପୁର, ବରଗଡ଼ ଓ କନ୍ଧମାଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ୧୧ ଜିଲ୍ଲାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ । ଆସନ୍ତାକାଲି ପାଇଁ ୫ ଜିଲ୍ଲାକୁ ରହିଛି ୟେଲୋ ଆଲର୍ଟ ।

## ସେପ୍ଟେମ୍ବରରେ ମା' ହେବ ଜିନ୍ନତ



**ବାରିପଦା,୨।୭ (ସଂଚାର ବ୍ୟୁରୋ) :** ମା' ହେବ ଜିନ୍ନତ । ସେପ୍ଟେମ୍ବରରେ ପ୍ରସବ କରିବ ମହାରାଷ୍ଟ୍ରରୁ ଅଣାଯାଇ ଶିମିଳିପାଳ ଛଡାଯାଇଥିବା ଏହି ବାଘୁଣୀ। ମେ' ମାସରେ ବଡ଼ ଏନକ୍ଲୋଜରରୁ ମୁକ୍ତ ହୋଇ କୋର ଏରିଆକୁ ଛଡ଼ାଯିବା ପରେ ଜିନ୍ନତ ଏବେ ମା ହେବାକୁ ଯାଉଛି। ତେବେ ମରାଠା ବାଘୁଣୀ ସୁନ୍ଦରୀ ଜିନ୍ନତର ପ୍ରେମ କାହାଣୀକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା । କାରଣ ପୁଅକୁ ଛାଡି ବାପା ପ୍ରେମରେ ଫସିଛି ଜିନ୍ନତ । ଜିନ୍ନତ ବାଘୁଣୀର ଏହି ପ୍ରେମ କାହାଣୀର ଅସଲି ହିରୋ ଶିମିଳିପାଳର ଟାଇଗର- ୩୧ ନୁହଁ ବରଂ ଟାଇଗର -୧୨ ମହାବଳ ବାଘ । ସ୍ୱତନ୍ତ୍ର ଏନ୍‌କ୍ଲୋଜରରୁ ମୁକୁଳିବା ପରେ ଯମୁନାଗଡ଼ରେ ଜିନ୍ନତ ସହ ପ୍ରଥମେ ଭେଟ ହୋଇଥିଲା ମହାବଳ ବାଘ 'ଟି-୩୧' ର । ମରାଠା ସୁନ୍ଦରୀ ଚେହେରା ଦେଖି ପ୍ରେମରେ ପଡିଗଲା ଟି-୩୧ । ଢେର ଦିନ ପଛରେ ଗୋଡ଼ାଇଲା । କିନ୍ତୁ ଏହି ଯୁବ ମହାବଳର ଯୌବନକୁ ପସନ୍ଦ କଲାନି ଜିନ୍ନତ । ଶେଷରେ ହତାଶ ହୋଇ ଶିମିଳିପାଳର କୋର ଏରିଆକୁ ପଳାଇଲା ଟି-୩୧ । ବାସ୍ ତାର ସପ୍ତାହେ ପରେ ଏଣ୍ଟ୍ରି ମାରିଥିଲା ଶିମିଳିପାଳର ଜଣାଶୁଣା ମେଲାନିଷ୍ଟିକ୍ ପ୍ରଜାତିର ମହାବଳ 'ଟି-୧୨' । ଟି-୧୨ ହେଉଛି ଟି-୩୧ ରା ପିତା । ବୟସ ୧୧ ଟପିବା ସତ୍ୱେ ବି ଟି-୧୨ର ହୃଷ୍ଟପୃଷ୍ଟ ବଳିଷ୍ଠ ଚେହେରା ଦେଖି ମନ ଦେଇ ବସିଲା ସାଢ଼େ ୩ ବର୍ଷୀୟା ଚୁଲ୍‌ବୁଲି ଜିନ୍ନତ। ଦୁହେଁ ଢେର୍ କିଛି ଦିନ ଜଙ୍ଗଲରେ ଏକାଠି ଘୁରି ବୁଲିଲେ। ଆଉ ଏବେ ଜିନ୍ନତ ମା' ହେବାକୁ ଯାଉଛି।

## କୋଣାର୍କରୁ ୫ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ



**କୋଣାର୍କ, ୨।୭ (ସଂଚାର ବ୍ୟୁରୋ) :** ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଆଇଆଇସି ପାର୍ଥ ସାରଥି ରାଉତଙ୍କ ନେତୃତ୍ୱରେ ଏକ ଟିମ୍ କୋଣାର୍କରେ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ। କୋଣାର୍କ ମାଧିପୁର ଛକ ନିକଟରୁ ମାନସ ସେଠଙ୍କ ପାଖରୁ ୫୩ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିଲା । ଜବତ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ । କୋଣାର୍କ ଅବକାରୀ ଥାନା କେଶ ନଂ ୪୭/୨୫ରେ ମାନସଙ୍କୁ କୋର୍ଟ ଚାଲାଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପ-କାରାଗାରକୁ ପଠାଯାଇଛି।

# ବିଏଡ୍ ଅନିୟମିତତା, ସିଟିମୁହାଁ ଛାତ୍ରଛାତ୍ରୀ



**ଭୁବନେଶ୍ୱର,୨।୭:** ବିଏଡ୍ ନାମଲେଖାକୁ ରାଜ୍ୟ ସରକାର ସ୍ଥଗିତ କରିବା ପରେ ଏବେ ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାମୁହାଁ ହୋଇଛନ୍ତି । ସିଟି ପରୀକ୍ଷା ଦେବାପାଇଁ ବର୍ତ୍ତମାନ ସୁଦ୍ଧା ୫୦ ହଜାରରୁ ଅଧିକ ଆବେଦନ ହୋଇଥିବାବେଳେ ବିଏଡରୁ ହତାଶ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ସିଟି ପରୀକ୍ଷା ଦେବାକୁ ମନ ବଳାଇଛନ୍ତି।

ଚଳିତ ବର୍ଷ ପ୍ରାୟ ଦେଢ଼ ଲକ୍ଷ ଛାତ୍ରଛାତ୍ରୀ ବିଏଡ୍ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ଲକ୍ଷେରୁ ଅଧିକ ଛାତ୍ରଛାତ୍ରୀ ସଫଳ ହୋଇଥିଲେ । ରାଜ୍ୟରେ ଥିବା ପ୍ରାୟ ୨୭୦୦ଆସନରେ ନାମଲେଖା ପାଇଁ ଏମାନେ ଆବେଦନ କରିଥିଲେ । ହେଲେ ନାମଲେଖା ପାଇଁ ପ୍ରଥମ ତାଲିକା ପ୍ରକାଶ ପାଇବା ସମୟରେ ବିଏଡ୍ ପରୀକ୍ଷାରେ ଅନିୟମିତା ହେବାନେଇ ଅଭିଯୋଗ ଆସିବାରୁ ସରକାର ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଉଲ୍ଲେଖନୀୟ ଯେ ବିଏଡ୍ ପରୀକ୍ଷାଫଳ ପ୍ରକାଶ ପାଇବା ସମୟରେ କେତେ ଛାତ୍ରଛାତ୍ରୀ କେତେ ପ୍ରତିଶତ ନମ୍ବର ରଖିଛନ୍ତି ତାହା ପ୍ରକାଶ ପାଇନଥିଲା । ଫଳରେ କୃତକାର୍ଯ୍ୟ ତାଲିକାରେ ଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ନାମଲେଖା ପାଇଁ ଆବେଦନ କରିଥିଲେ । ଏହାକୁ ନେଇ କେତେକ ଗଣମାଧ୍ୟମରେ ଦୁର୍ନୀତି ହୋଇଥିବା ଖବର ପ୍ରକାଶନ ପରେ ସରକାର ବିଏଡ୍ ଖାତା ଯାଞ୍ଚ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି । ତେବେ ଏହି ଯାଞ୍ଚ କେବେ ହେବ ଓ କିଭଳି ହୋଇ କେଉଁ ତାରିଖରେ ସରିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ପ୍ରକାଶ ପାଉନାହିଁ । ଫଳରେ ବିଏଡ୍ ପଢିବାକୁ ପରୀକ୍ଷା ଦେଇଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ଆଶା ଓ ଆଶଙ୍କାରେ ରହିଛନ୍ତି । ଇତିମଧ୍ୟରେ ସିଟି ପରୀକ୍ଷା ଲାଗି ଆବେଦନ ଚାଲିଥିବାରୁ ବିଏଡ୍ ଆଶାୟୀମାନେ ବି ସିଟି ପରୀକ୍ଷାପାଇଁ ଆବେଦନ କରିବାରେ ଲାଗିଛନ୍ତି' ବିଏଡ୍ ନହେଲେ ଅତି କମ୍‌ରେ ସିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷକତା କରିବାକୁ ସେମାନେ ଆଗଭର ହୋଇଛନ୍ତି । ସିଟି ପରୀକ୍ଷାରେ ଅଧିକ ଆସନ ଥିବାରୁ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ।

ଅବସ୍ଥା ଏଭଳି ହୋଇଛନ୍ତି ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାରେ ବସିବାକୁ ଆବେଦନ କରୁଛନ୍ତି । ତେଣୁ ଏଥର ସିଟି ପରୀକ୍ଷାରେ କେବଳ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେନାହିଁ, ପରୀକ୍ଷାରେ ବି ପ୍ରତିଯୋଗିତା ବୃଦ୍ଧି ପାଇବ । ତେଣୁ ସିଟି ପରୀକ୍ଷାରେ ଯେଭଳି ବିଏଡ୍ ଭଳି ଅନିୟମିତତା ହେବନାହିଁ ତାହା ଉପରେ ନଜର ରଖିବାକୁ ଏବେ ଠାରୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କଲେଣି । (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୩ ଜୁଲାଇ ୨୦୨୫, ଭୁବନେଶ୍ୱର
Thursday 3 July 2025, Bhubaneswar

# ଗରିବଙ୍କୁ ସୁଯୋଗ

ଦେଶର ବିକାଶ ପ୍ରକ୍ରିୟାରେ ମୁଖ୍ୟ ପ୍ରତିବନ୍ଧକ ହେଲା ପ୍ରଶାସନିକ ସ୍ଥାଣୁତା। ସରକାରୀ ଅଫିସରେ ଦୁର୍ନୀତିଖୋର ଏବଂ ଅପାରଗ ଅଫିସର ତଥା କର୍ମଚାରୀମାନେ କୌଣସି ଯୋଜନାର ସଫଳ ରୂପାୟନରେ ମୁଖ୍ୟ ପ୍ରତିବନ୍ଧକ। ଅନେକ ସମୟରେ ଅଯୋଗ୍ୟ ବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିବା ଫଳରେ ଏଭଳି ସ୍ଥାଣୁତା ସୃଷ୍ଟି ହେଉଛି। ଅନେକ ଅଯୋଗ୍ୟ ବା ଦୁର୍ବଳ ବ୍ୟକ୍ତି ଜାତିଗତ ସଂରକ୍ଷଣ ମାଧମରେ ଅନୁକମ୍ପାରେ ସରକାରୀ ଚାକିରୀ କରୁଛନ୍ତି। ଜାତିଗତ ସଂରକ୍ଷଣ ବ୍ୟବସ୍ଥାକୁ କେତେକ ବିରୋଧ କରି ଆସୁଛନ୍ତି ଏବଂ ସେମାନଙ୍କ ମତରେ ଜାତି ନୁହେଁ, ଆର୍ôଥକ ସ୍ଥିତିକୁ ଦେଖି ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଉଚିତ। ଏହା ଦ୍ୱାରା ଉଚ୍ଚ ବର୍ଗର ଗରିବ ପିଲାଟିଏ ସଂରକ୍ଷଣ ସିଡ଼ି ଚଢ଼ି ଉପରକୁ ଯାଇପାରିବ। ଏଥିଲାଗି କେନ୍ଦ୍ର ସରକାର ଆର୍ôଥକ ଦୃଷ୍ଟିରୁ ଦୁର୍ବଳ ଉଚ୍ଚ ଜାତିର ପିଲାଙ୍କ ପାଇଁ ଉଭୟ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏଥିଲାଗି ସମ୍ବିଧାନର ୧୦୩ତମ ସଂଶୋଧନକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିଛନ୍ତି। ଏହା ଫଳରେ ଆର୍ôଥକ ଦୃଷ୍ଟିରୁ ଅନଗ୍ରସର ବ୍ୟକ୍ତିଙ୍କୁ ସଂରକ୍ଷଣ ସୁବିଧା ମିଳିବାରେ ଆଉ କିଛି ଅସୁବିଧା ନାହିଁ। ସମ୍ବିଧାନର ୧୦୩ତମ ସଂଶୋଧନକୁ ବିରୋଧ କରିଥିବା ଜଷ୍ଟିସ ୟୁ ୟୁ ଲଲିତ କହିଥିଲେ ଯେ, କେବଳ ଉଚ୍ଚବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଦ୍ୱାରା ଏସଟି/ଏସସି ଏବଂ ଓବିସି ବର୍ଗ ପ୍ରତି ଅନ୍ୟାୟ ହେଉଛି। କେବଳ ଅସଂରକ୍ଷିତ ବର୍ଗ ନୁହେଁ, ସଂରକ୍ଷିତ ବର୍ଗରେ ଯେଉଁମାନେ ଗରିବ ସେମାନଙ୍କୁ ମଧ ଏହି ସବିଧା ପ୍ରଦାନ କରାଯାଉ। ନଚେତ ସଂରକ୍ଷଣ ବ୍ୟବସ୍ଥାର ମୌଳିକ ଉଦ୍ଦେଶ୍ୟ ବିଫଳ ହେବ। ତା ଛଡ଼ା ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ରହୁ। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଜାୟ ରଖିବା ଅନୁଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ବି ସଂରକ୍ଷଣ ବ୍ୟବସ୍ଥା କାଏମ ରହିବା ଏବଂ ଏହା ଅଧିକରୁ ଅଧିକ ସମ୍ପ୍ରସାରିତ ହେବା ଅନୁଚିତ। ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଚାରଯୋଗ୍ୟ। କିନ୍ତୁ ସଂରକ୍ଷିତ ବର୍ଗର ଗରିବଙ୍କୁ ଏହି ୧୦%ରେ ସାମିଲ କରାଯିବା ଏକ ଭୁଲ ଚିନ୍ତାଧାରା। ସେମାନେ ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଉଛନ୍ତି। ଯେଉଁମାନେ ଏହାର ଫାଇଦା ଉଠାଇ ପାରୁନାହାଁନ୍ତି, ସେମାନଙ୍କୁ ପୁଣି ଗରିବ ବୋଲି କହି ଅଧିକ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅସାମ୍ବିଧାନିକ ହେବ। ସଂରକ୍ଷଣ ବ୍ୟବସ୍ଥା ଏକ ସଭ୍ୟ ସମାଜର ପରିଚାୟକ ନୁହେଁ। ସାମାଜିକ ନ୍ୟାୟ ପରିବର୍ତ୍ତେ ଏହା ଏକ ପ୍ରକାର ଆଇନଗତ ଦୁର୍ନୀତି ବୋଲି କହିଲେ ଭୁଲ ହେବ ନାହିଁ। ପାଠ ପଢ଼ିବାକୁ ସମସ୍ତଙ୍କୁ ସମାନ ସବିଧା ମିଳୁ। ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହୁ। ଯିଏ ଯୋଗ୍ୟ ସେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବ। ଜଣେ ଉଚ୍ଚ ବର୍ଗର ଛାତ୍ର ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଯାହା ପାଉନାହିଁ, ତାହା ୫୦ ପ୍ରତିଶତ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ଛାତ୍ରଟିଏ ପାଇ ପାରୁଛି। ଏହା ଏକ ସାମାଜିକ କଳଙ୍କ। ଏହାକୁ ସାମାଜିକ ନ୍ୟାୟ କହିବା ସତ୍ୟର ଅପଲାପ କହିଲେ ଭୁଲ ହେବ ନାହିଁ। ଧର୍ମକୁ ଆଖିଠାର ଭଳି ଏହାକୁ ନ୍ୟାୟ ନାମରେ ଅନ୍ୟାୟ ବୋଲି କୁହାଯାଇପାରେ। ଏହା ହିଁ ଭାରତରେ ଘରୋଇକରଣର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଯେଉଁମାନେ ସଂରକ୍ଷଣ ସୁବିଧାରୁ ବଞ୍ଚିତ ହୋଇ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି ବା ସରକାରୀ ଚାକିରୀ ଖଣ୍ଡେ ପାଇପାରୁନାହାଁନ୍ତି ସେମାନେ ଘରୋଇ କରଣକୁ ସ୍ୱାଗତ କରୁଛନ୍ତି। ସେମାନେ ଘରୋଇ ସ୍କୁଲରେ ପାଠ ପଢୁଛନ୍ତି, ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରିବାର ସୁଯୋଗ ପାଉଛନ୍ତି। ଯଦି ଭାରତରେ ଆର୍ôଥକ ଉଦାରିକରଣ ହୋଇନଥାନ୍ତା ବା ବଡ଼ ବଡ଼ କମ୍ପାନୀ ଭାରତରେ ସେମାନଙ୍କ କାରବାର ବା କାର୍ଯ୍ୟାଳୟ ପ୍ରତିଷ୍ଠା କରିନଥାନ୍ତେ ତେବେ ଆଜି ଅସଂରକ୍ଷିତ ବର୍ଗ ଆହୁରି ଅବହେଳିତ ହୋଇ ରହିଥାନ୍ତେ। ଆଜି କେନ୍ଦ୍ର ସରକାର ଅସଂରକ୍ଷିତ ବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରି ସେମାନଙ୍କ ପାଇଁ କିଛିଟା ଆଶାର ସଞ୍ଚାର କରିଛନ୍ତି ସତ, ମାତ୍ର ଏହା ମଧ ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା। କାରଣ ବାସ୍ତବରେ ଗରିବ କିଏ ଏବଂ ସେମାନଙ୍କୁ କିଏ ଚିହ୍ନଟ କରିବ, କେଉଁ ମାନଦଣ୍ଡରେ ସେମାନେ ଆର୍ôଥକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ବୋଲି କୁହାଯିବେ ତାହା ଏକ ଅସମାହିତ ପ୍ରଶ୍ନ। ଏଥିନେଇ ଦୀର୍ଘ ଦିନ ହେବ ବିବାଦ ଚାଲିଛି। କିନ୍ତୁ ଏହାର ସମାଧାନ ହୋଇ ପାରିନାହିଁ। ଏହି ପ୍ରଶ୍ନର ସମାଧାନ ଯେ ପର୍ଯ୍ୟନ୍ତ ନହୋଇଛି ସେ ପର୍ଯ୍ୟନ୍ତ ଉଚ୍ଚବର୍ଗର ଗରିବଙ୍କ ଲାଗି ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସଫଳ ହୋଇପାରିବ ନାହିଁ। ଅନେକ ସ୍ୱଚ୍ଛଳ ପରିବାରର ପିଲା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଆଶ୍ରା କରି ଅନ୍ୟାୟ ଭାବେ ସଂରକ୍ଷଣ ସୁବିଧା ପାଇବେ। ତେଣୁ ଭାରତ ସରକାର ଏହାର ସମାଧାନ କରିବା ଉଚିତ। ତେବେ ଜଷ୍ଟିସ ୟୁ ୟୁ ଲଲିତ ଯାହା କହିଛନ୍ତି ତାହା ବିଚାରଯୋଗ୍ୟ। ସଂରକ୍ଷଣ ବ୍ୟବସ୍ଥା ଏକ ରୁଗ୍ଣ ଚିନ୍ତାଧାରାର ପ୍ରତୀକ। ଏହାକୁ ଚିରକାଳ ପାଇଁ କାଏମ ରଖାଯିବା ନିହାତି ଅବାନ୍ତର ଏବଂ ଅନ୍ୟାୟ। ଏହାର ଦିନେ ଅନ୍ତ ହେବା ଉଚିତ। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ସମ୍ବିଧାନରେ ଏହି ବ୍ୟବସ୍ଥା କରିବା ବେଳେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଏହା ଚିରକାଳ ପର୍ଯ୍ୟନ୍ତ ଚାଲିପାରିବ ନାହିଁ। ଯେଉଁଦିନ ସଂରକ୍ଷିତ ବର୍ଗ ଅନ୍ୟ ଉଚ୍ଚଜାତି ସହ ସମକକ୍ଷ ହୋଇଯିବ ସେହିଦିନ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରିନିଆଯିବା ଉଚିତ ଏବଂ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି ହେବା ଉଚିତ। ତେଣୁ ସଂରକ୍ଷିତ ବର୍ଗର ଯେଉଁମାନେ ତିନିପୀଢ଼ୀ ଧରି ସଂରକ୍ଷଣ ସୁବିଧା ପାଇ ଆର୍ôଥକ ଓ ସାମାଜିକ ଦୃଷ୍ଟିରୁ ଥଇଥାନ ହୋଇ ସାରିଛନ୍ତି ସେମାନେ ଏଥର ସଂରକ୍ଷଣ ବ୍ୟବସ୍ଥାରୁ ବାଦ ପଡ଼ିବା ଉଚିତ। କିନ୍ତୁ ସଂରକ୍ଷିତ ବର୍ଗ ଏ କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସେମାନେ ସଂରକ୍ଷଣ ରୂପକ ମହୁ ଛାଡ଼ିବାକୁ ନାରାଜ। ସେମାନେ ସାତ ଦଶନ୍ଧି ଧରି ପାଇଆସୁଥିବା ସୁବିଧା ହାତ ଛଡ଼ା କରିବାକୁ ନାରାଜ। ଯେଉଁମାନେ ଏହି ସୁବିଧାରୁ ବଞ୍ଚିତ ସେମାନଙ୍କୁ ଉପରକୁ ଉଠିବା ଲାଗି ସୁଯୋଗ ଦେବାକୁ ସେମାନେ ପ୍ରସ୍ତୁତ ନୁହଁନ୍ତି। ସଂରକ୍ଷଣ ବ୍ୟବସ୍ଥା ହେଉଛି ଯୋଗ୍ୟତାକୁ ଅଣଦେଖା ଏବଂ ଅଯୋଗ୍ୟଙ୍କୁ ପୁରସ୍କୃତ କରିବା। ତେଣୁ ଅସଂରକ୍ଷିତ ବର୍ଗର ଗରିବଙ୍କୁ୧୦% ସ୍ଥାନ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅନେକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ। କିନ୍ତୁ ଏହା ମଧ ସବୁଦିନ କାର୍ଯ୍ୟକାରୀ ହେବା ଅନୁଚିତ। ଏହା ମଧ ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ରହିବା ଉଚିତ। ନଚେତ ସାମ୍ବିଧାନିକ ବିଧିବ୍ୟବସ୍ଥା ଅର୍ଥହୀନ ହୋଇଯିବ। ସଂରକ୍ଷଣ ବ୍ୟବସ୍ଥା ହେଲା ଯୋଗ୍ୟତାକୁ ଉପେକ୍ଷା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆଗକୁ ଠେଲିବାର ଏକ ପ୍ରୟାସ। ଜଣେ ସାଧାରଣ ବର୍ଗର ଗରିବ ବା ନିମ୍ନମଧବିତ୍ତବର୍ଗର ପିଲା ୯୦ ପ୍ରତିଶତ ନମ୍ବର ରକି ଯାହା ହାସଲ କରିପାରୁନାହିଁ, ତାହା ଜଣେ ଧନୀ କିନ୍ତୁ ତଥାକଥିତ ପଛୁଆ ବର୍ଗର ଛାତ୍ର ୬୦ ପ୍ରତିଶତ ନମ୍ବର ରଖି ହାସଲ କରିପାରୁଛି। ଏହା ଦୁର୍ନୀତି ଏବଂ ଅନ୍ୟାୟ ନୁହେଁ ତ ଆଉ କ'ଣ? ସମାଜବାଦ ଅର୍ଥ ହେଲା ସମସ୍ତଙ୍କୁ ସମାନ ସୁବିଧା। ଯୋଗ୍ୟତା ଦୃଷ୍ଟିରୁ ପଛରେ ପଡ଼ିଥିବା ଜଣେ ବ୍ୟକ୍ତିଙ୍କୁ ଯୋର ଜବରଦସ୍ତ ଭିଡ଼ ନେଇ ଆଗକୁ ଆଣିବା ସାମାଜିକ ନ୍ୟାୟ ନୁହେଁ ବା ସମାଜବାଦ ନୁହେଁ। ଏହା ଏକ ଛଳନାତ୍ମକ ଆଭିମୁଖ୍ୟ। ଭାରତରେ ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ଅନେକ ମେଧାବୀ ଛାତ୍ର ବିଦେଶକୁ ଚାଲିଯାଉଛନ୍ତି। ଭାରତରେ ସେମାନଙ୍କ ମେଧାର ଉପଯୁକ୍ତ ଭୂଲ୍ୟାୟନ ହୋଇପାରୁନାହିଁ। ଯେ ପର୍ଯ୍ୟନ୍ତ ଏହି ଅନ୍ୟାୟକୁ ଦୂର କରାଯାଇପାରିନାହିଁ, ସେ ପର୍ଯ୍ୟନ୍ତ ଭାରତ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ଭାରତକୁ ୨୦୨୪୭ ସୁଦ୍ଧା ଏକ ବିକଶିତ ଏବଂ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଥମେ ସଂରକ୍ଷଣ ବ୍ୟବସ୍ଥାରେ ସଂଶୋଧନ ବା ସଂସ୍କାର ଆଣିବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ଜାତିଧର୍ମ ଆଧାରରେ ଯୋଗ୍ୟତା ଅଣଦେଖା କରାଯାଉଥିବ ସେ ପର୍ଯ୍ୟନ୍ତ ସମାଜ ଆଗେଇ ପାରିବ ନାହିଁ। ଆଉ ସମାଜ ଆଗେଇ ନପାରିଲେ ଦେଶ ଆଗେଇବା ଅସମ୍ଭବ। ସମାଜ ହିଁ ଦେଶର ଆର୍ôଥକ ବିକାଶର ମେରୁଦଣ୍ଡ। ସାମାଜିକ ବିଭେଦ ଏବଂ ଅଶାନ୍ତି ଦୂର ହୋଇନପାରିଲେ ଉନ୍ନତ ଚିନ୍ତାଧାରା ସୃଷ୍ଟି ହେବା ସମ୍ଭବ ନୁହେଁ। ଏକ ସୁସ୍ଥ ଏବଂ ସନ୍ତୁଳିତ ସମାଜ, ଏକ ସୁଦୃଢ଼ ସମାଜରେ ଉତ୍ତମ ନାଗରିକ ସୃଷ୍ଟି ହୋଇପାରିବେ। ଅନ୍ୟାୟର ଶିକାର ହୋଇ କ୍ଷୋଭପୂର୍ଣ୍ଣ ମାନସିକତା ନେଇ କେହି ସମୃଦ୍ଧିର ଚିନ୍ତା କରିପାରିବେ ନାହିଁ। ଏହା ସମାଜର ଅପରାଧ ବୃଦ୍ଧିର ପ୍ରମୁଖ କାରଣ।

# ଆଡ଼ପ ମଣ୍ଡପରେ ହେରା ପଞ୍ଚମୀ ମହୋତ୍ସବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଜୀବନ ଶୈଳୀ କୌଣସି ସାଧାରଣ ମଣିଷ ଜୀବନ ଠାରୁ ପାର୍ଥକ୍ୟ ନୁହେଁ। ପ୍ରଭୁଙ୍କର ଦୈନନ୍ଦିନ ର କାର୍ଯ୍ୟ କଳାପ, ଯାନୀ ଯାତ୍ରା, ପର୍ବ ପର୍ବାଣି ଏବଂ ପ୍ରତ୍ୟେକ ଟି ମୁହୂର୍ତ୍ତ ଏକ ସାଧାରଣ ମଣିଷ ର ଜୀବନ ପରି ଘଟଣା ପୂର୍ଣ୍ଣ। ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ହେଲେ ମଧ ତାଙ୍କର ଲୀଳାଖେଳା ଆମ ମଣିଷଙ୍କ ପରି। ତାଙ୍କର ଏହି 'ମାନବୀୟ ଲୀଳା'ର ଗୋଟିଏ ନିଦର୍ଶନ ହେଉଛି 'ହେରା ପଞ୍ଚମୀ'। ଏହା ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କର ଏକ 'ଦାମ୍ପତ୍ୟ-ଲୀଳା'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ମହୋତ୍ସବର ଉପଯାତ୍ରା ହେଉଛି " ହେରା ପଞ୍ଚମୀ "। "ହେରା" ଶବ୍ଦ ର ଅର୍ଥ "ଦର୍ଶନ" ଏବଂ "ପଞ୍ଚମୀ" ଶବ୍ଦର ଅର୍ଥ "ପଞ୍ଚମ ଦିନ"। ଅନ୍ୟ ଏକ ଅର୍ଥରେ କହିବାକୁ ଗଲେ "ହେରା" ତଥା "ହେରିବା" ଅର୍ଥ "ଚାହିଁବା" ଅର୍ଥାତ ଆଷାଢ଼ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବା ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରୁ ମାଆ ଲକ୍ଷ୍ମୀ ଚାହିଁବା ତଥା ଦେଖିବାକୁ ଯାଆନ୍ତି। ରୁକ୍ମିଣୀ ହରଣ ଏକାଦଶୀରେ ବିବାହ ପରେ ମହାପ୍ରଭୁ ଚତୁର୍ଦ୍ଦଶୀ ତିଥି ଦିନ ସ୍ନାନବେଦୀରେ ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପଡ଼ି ଅଣସର ଘରେ ରୁହନ୍ତି। ଜ୍ବର ଭଲ ହେଲା ପରେ ଅଣସର ଘରୁ ବାହାରି ମହାପ୍ରଭୁ ଭାଇ-ଭଉଣୀଙ୍କୁ ଧରି ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ରଥରେ ବସି ବୁଲିବାକୁ ଚାଲି ଯାଆନ୍ତି। ମାଆ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ମହାନ ଗୁଣ୍ଡିଚା ଉତ୍ସବରେ ବାଦ୍ ପଡ଼ିଯାଆନ୍ତି। ମହାପ୍ରଭୁ ସ୍ୱୟଂ ବଡଭାଇ ବଳଭଦ୍ର ଭଗିନୀ ସୁଭଦ୍ରାଙ୍କୁ ନେଇ ଜନ୍ମବେଦୀକୁ ଯାତ୍ରା କରୁଥିବା ସମୟରେ ଲକ୍ଷ୍ମୀ ରହିଯାଆନ୍ତି ଶ୍ରୀମନ୍ଦିର ଭିତରେ। ତେଣୁ ଗୋଟେ ପଟେ ଶ୍ରୀଜଗନ୍ନାଥଙ୍କର ଉଦାସୀନତା ଓ ଅପରପକ୍ଷରେ ମାଆ ଲକ୍ଷ୍ମୀଙ୍କର ଅଭିମାନ। ମାଆ ଲକ୍ଷ୍ମୀ ଠାକୁରାଣୀଙ୍କ ଅଙ୍ଗବାସରୁ ବିବାହ ଗଇଣ୍ଠାଳ ଫିଟି ନଥିବା ସମୟ ତଥା ନବବିବାହିତା ମାଆ ଲକ୍ଷ୍ମୀ ଠାକୁରାଣୀ ପାଞ୍ଚ ଦିନର ବିରହ ବେଦନା ସହ୍ୟ କରି ନ ପାରି ଖୁବ୍ ଦୁଃଖୀ ହୁଅନ୍ତି। 'ଯାତ୍ରା ଭାଗବତ' ଓ 'ବାମଦେବ ସଂହିତା' ଆଦିରେ ଏ ସଂପର୍କରେ ରୋଚକ ବର୍ଣ୍ଣନା ଅଛି। 'ବାମଦେବ ସଂହିତା'ରେ କୁହାଯାଇଛି ଯେ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀଜଗନ୍ନାଥ ଗୁଣ୍ଡିଚାଘରକୁ ଚାଲିଯିବା ପରେ, ବିରହ ବିଧୁରା ଲକ୍ଷ୍ମୀ ନିଜ ମନର ବ୍ୟଥାକୁ ଶ୍ରୀମନ୍ଦିର ପରିସରରେ ଥିବା ଭଗିନୀପ୍ରତିମା ବିମଳା ଦେବୀଙ୍କ ନିକଟରେ ଯାଇ କହନ୍ତି। ଏହାର ପ୍ରତିକାର ପାଇଁ ତାଙ୍କର ପରାମର୍ଶ ଲୋଡ଼ନ୍ତି। ଦେବୀ ବିମଳା ତାଙ୍କୁ ସାନ୍ତ୍ୱନା ଦେଇ କହନ୍ତି ଯେ ସ୍ୱାମୀ ଯଦି କେବେ ଅବିବେକୀ ପରି ଆଚରଣ କରନ୍ତି ବା ସ୍ତ୍ରୀ କୁ ଅଣଦେଖା କରନ୍ତି ତେବେ ତାଙ୍କୁ କୌଶଳ କରି ନିଜ ଆଡ଼କୁ ଆଣିବାକୁ ପଡ଼େ। ତେଣୁ ତୁମେ ତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାପାଇଁ ତାଙ୍କ ଉପରେ 'ମୋହନଚୂର୍ଣ୍ଣ' ପ୍ରୟୋଗ କର। ଏହା କହି ଦେବୀ ବିମଳା, ଲକ୍ଷ୍ମୀଙ୍କୁ 'ମୋହନଚୂର୍ଣ୍ଣ' ବି ଦିଅନ୍ତି। ମାଆ ବିମଳାଙ୍କ ପରାମର୍ଶ କ୍ରମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆଷାଢ଼ ଶୁକ୍ଳପଞ୍ଚମୀ ଦିନ ନିଶାର୍ଦ୍ଧରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାଆ ଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ରାଗ ଓ ଅଭିମାନର ପ୍ରତୀକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି ଓ ଏହା ସହିତ ମାଆ ଲକ୍ଷ୍ମୀ ମଧ୍ଯ ଶ୍ରୀଜୀଉଙ୍କର ଦର୍ଶନ କରିଥାନ୍ତି ଓ ମାଆ ବିମଳା ଦେଇଥିବା ମୋହନଚୂର୍ଣ୍ଣ କୁ ମହାପ୍ରଭୁ ଉପରକୁ ନିକ୍ଷେପ କରନ୍ତି। ଏଥିରୁ ମନେ ହୁଏ ସ୍ୱୟଂ ମହାପ୍ରଭୁ ମା ଲକ୍ଷ୍ମୀଙ୍କର ଏହି ରାଗ, ଅଭିମାନ ଓ ମାନଭଞ୍ଜନ ପାଇଁ ସ୍ନେହ ଏବଂ ପାର୍ଥନା ପୂର୍ବକ ମାଆଙ୍କୁ ବୁଝାଇ ଥାଆନ୍ତି।

କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପବିତ୍ର ତଥା ପ୍ରସିଦ୍ଧ ରଥଯାତ୍ରା ଦିନ ମାଆ ଲକ୍ଷ୍ମୀଙ୍କୁ ପ୍ରତିଶୃତି ଦେଇଥିଲେ ଯେ ମାତ୍ର ଏକ ଦିନ ପରେ ସେ ମାଉସୀ ମାଆଙ୍କ ଘରୁ ଶ୍ରୀମନ୍ଦିରକୁ ଫେରି ଆସିବେ। ମାତ୍ର ଯେତେବେଳେ ମହାପ୍ରଭୁ ପାଞ୍ଚ ଦିନ ପର୍ଯ୍ୟନ୍ତ ନ ଫେରନ୍ତି ମାଆ ଲକ୍ଷ୍ମୀଙ୍କର ସହନଶୀଳତା ଅସମ୍ଭାଳ ହେବାରୁ ଅତ୍ୟନ୍ତ କ୍ରୋଧର ସହ ମହାଲକ୍ଷ୍ମୀ ଅନ୍ଧାର ରାତିରେ ଏକ ପାଲିଙ୍କିରେ ବସି ମାଉସୀ ମାଆ ମନ୍ଦିରକୁ ଆସନ୍ତି। ମହାପ୍ରଭୁଙ୍କୁ ଗୋପନୀୟ ଭାବେ ଦର୍ଶନ କରିବା ପରେ ଏବଂ ଗୁଣ୍ଡିଚା ମନ୍ଦିର ବାହାରୁ ପୂଜା କରନ୍ତି। ଏହାପରେ ମାଆ ଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରାଗି କ୍ରୋଧରେ ନନ୍ଦିଘୋଷ ରଥକୁ କ୍ଷତ କରି ଥାଆନ୍ତି ତଥା ନନ୍ଦିଘୋଷ ରଥର ସାରଥୀଙ୍କର ହାତ ଭାଙ୍ଗି ଦେଇ ନିରାଡ଼ମ୍ବର ଶୋଭାଯାତ୍ରାରେ ପୁନର୍ବାର ଶ୍ରୀମନ୍ଦିରକୁ ଫେରି ଆସନ୍ତି। ଏହି ଐତିହାସିକ ପାରମ୍ପରିକ ବୃତାନ୍ତ ଉପରେ ଆଧାରିତ ଉତ୍ସବକୁ "ହେରା ପଞ୍ଚମୀ" ମହୋତ୍ସବ କୁହଯାଏ।

ହେରା ପଞ୍ଚମୀ ନୀତି ଅନୁସାରେ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରଠାରୁ ଶ୍ରୀଦେବୀ ତଥା ଲକ୍ଷ୍ମୀଙ୍କୁ ମହାଜନ ସେବକ ବିମାନକୁ ବିଜେ କରାଇ ଆଣନ୍ତି। ବିମାନବଡୁ ସେବକ ତାଙ୍କୁ ଆଡ଼ମ୍ବରପୂର୍ଣ୍ଣ ଘଣ୍ଟ, ବାଜା ଓ କାହାଳୀ ଆଦି ସହିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଥିବା ରଥ ନିକଟକୁ ନେଇ ଯାଆନ୍ତି। ସେଠାରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଚିହ୍ନଟ କରିସାରି, ଦେବୀ ଲକ୍ଷ୍ମୀ ସେହି ରଥ ନିକଟରେ ବିମାନରେ ବସି ରହିଥିବା ବେଳେ, ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ତାଙ୍କର ବନ୍ଦାପନା ଓ ଅର୍ଚ୍ଚନା କରନ୍ତି। ତାହା ପରେ ଦେବୀଙ୍କ ବିମାନ ଶ୍ରୀଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ନିକଟକୁ ଯାଏ। ସେହିଠାରେ ବିମାନରେ ଥାଇ, ସେ ବିମଳାଦେବୀଙ୍କଠାରୁ ଆଣିଥିବା 'ମୋହନଚୂର୍ଣ୍ଣ' ଶ୍ରୀଜଗନ୍ନାଥଙ୍କ ଉପରକୁ ନିକ୍ଷେପ କରନ୍ତି। ତାହାର ଫଳ ମଧ ତାଙ୍କୁ ତୁରନ୍ତ ମିଳେ। ଶ୍ରୀଜଗନ୍ନାଥଙ୍କଠାରୁ ତାଙ୍କୁ ଆଜ୍ଞାମାଳ ଦିଆଯାଏ। ତାହା ମାଧମରେ ଶ୍ରୀଜଗନ୍ନାଥ ତାଙ୍କୁ ପ୍ରତିଶ୍ରୁତି ଦିଅନ୍ତି ଯେ ତିନିଦିନ ପରେ ସେ ଶ୍ରୀମନ୍ଦିରକୁ ଫେରିଆସିବେ। କିନ୍ତୁ ଏହି ସମୟରେ ଆଉ ଗୋଟିଏ ଘଟଣା ଘଟେ। ସେତେବେଳକୁ ସଂଧ୍ୟାଧୂପର ସମୟ ହୋଇଯାଇଥିବାରୁ 'ଟେରା' ଅର୍ଥାତ୍ କନାର ଏକ ଆବରଣ ପଡ଼ିଯାଏ ଏବଂ ଦେବୀ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ଶ୍ରୀମୁଖକୁ ଆଉ ଅଧିକ ସମୟ ଦର୍ଶନ କରିପାରନ୍ତି ନାହିଁ। ସେଥିରେ ସେ ରୁଷ୍ଟ ହୁଅନ୍ତି। ପୁନଶ୍ଚ 'ନନ୍ଦିଘୋଷ' ରଥ ପାଖକୁ ଆସି ସେଥିରୁ ଖଣ୍ଡିଏ କାଠ ଭାଙ୍ଗିଦେଇ ଚାଲିଯାଆନ୍ତି। ଏହାକୁ ଦେବୀ ଲକ୍ଷ୍ମୀଙ୍କ କ୍ରୋଧର ପରିପ୍ରକାଶ ବୋଲି ସାଧାରଣତଃ କୁହାଯାଇଥାଏ। କିନ୍ତୁ ଏହା ତାଙ୍କର କ୍ରୋଧ ନୁହେଁ। ଏହା ତାଙ୍କର ପତି-ପ୍ରୀତିର ନିଦର୍ଶନ। ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ସହିତ ଫେରିବାର ପ୍ରତିଶ୍ରୁତି ପାଇବା ପରେ, ଆଉ କ୍ରୋଧର ଅବକାଶ ନଥାଏ। କିନ୍ତୁ ଅଧିକ ସମୟ ସ୍ୱାମୀଙ୍କ ଶ୍ରୀମୁଖ ଦର୍ଶନ ନକରି ପାରିବା ନେଇ ତାଙ୍କ ମନରେ କ୍ଷୋଭ ଜାତ ହୁଏ। ତାହାର ପରିପ୍ରକାଶ ଘଟେ 'ନନ୍ଦିଘୋଷ'ର ରଥକାଠ ଭଙ୍ଗାରେ। 'ହେରାପଞ୍ଚମୀ' ଯାତ୍ରାରେ ଯିବାବେଳେ ଦେବୀ ଲକ୍ଷ୍ମୀ ଘଣ୍ଟ, ବାଜା ଓ କାହାଳୀ ସହିତ ରଥମାର୍ଗ ତଥା ବଡ଼ଦାଣ୍ଡ ଦେଇ ଯାଇଥାଆନ୍ତି କିନ୍ତୁ ରଥକାଠ ଭାଙ୍ଗି ଫେରିବା ବେଳେ ସେ ବିନା ଘଣ୍ଟ, ବାଜା, କାହାଳୀରେ, ହେରାଗୋହିରୀ ସାହି ବାଟ ଦେଇ ଫେରନ୍ତି। ମାଆ ଲକ୍ଷ୍ମୀ ରଥକାଠ ଭାଙ୍ଗିବା କାର୍ଯ୍ୟ ଠିକ୍ ହେଲାନାହିଁ ବୋଲି ହୃଦ୍‌ବୋଧ କରି ନିଜକୁ ଅପରାଧୀଟିଏ ଭାବି ହେରା ଗୋହିରୀ ସାହି ବାଟଦେଇ, ଲୁଚିଲାପରି, ବିନା ଘଣ୍ଟ , ବାଜା ଓ କାହାଳୀରେ ଶ୍ରୀମନ୍ଦିରକୁ ଫେରନ୍ତି।

**ଅରଙ୍ଗାବାଦ, ବରୀ , ଯାଜପୁର**
**ମୋବାଇଲ୍: ୮୨୪୯୫୦୨୭୭୬**



# ସୁନାମ କଳଙ୍କିତ ନହେଉ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଆମ ରାଜ୍ୟରେ କର୍ତ୍ତବ୍ୟରତ ସରକାରୀ ଓ ଅଧିକାରୀଙ୍କୁ ମାଡ ନୂଆ ନୁହେଁ। ଏବେ ସରକାରୀ ଅଧିକାରୀଙ୍କୁ ବାଲି ଓ ଜଙ୍ଗଲ ମାଫିଆଙ୍କ ମାଡ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। କିନ୍ତୁ ଖୋଦ ରାଜଧାନୀରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) କାର୍ଯ୍ୟାଳୟରେ ଲୋକଙ୍କ ଆପତି ଅଭିଯୋଗ ଶୁଣାଣୀ କରୁଥିବା ସମୟରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ)ର ଅଧିକାରୀ ତଥା ଅତିରିକ୍ତ କମିଶନରଙ୍କୁ ବିଏମସିର ଜଣେ କର୍ପୋରେଟର(ୱାର୍ଡ ସଭ୍ୟ) ଏବଂ ତାଙ୍କର ୭/୮ ସହଯୋଗୀ ଅଫିସରୁ ଘୋଷାରୀ ଆଣି ତଳେ ପକାଇ ସର୍ବ ସମ୍ମୁଖରେ ମାଡ ମାରିବା ଘଟଣା କେବଳ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟାସ୍ତ ହୋଇପଡ଼ିଥିବା ନେଇ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ, ଶାସକ ଦଳର ନେତା ଓ କର୍ମୀଙ୍କ ଅହଂକାରର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ରିପୋର୍ଟ ପ୍ରକାଶ ପାଇଛି ଯେ, ଜଣେ ପରାଜିତ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ କଥା ନଶୁଣିବାରୁ ଅତିରିକ୍ତ କମିଶନରଙ୍କ ଉପରେ ଦଳର କର୍ମୀମାନେ ଆକ୍ରମଣ କରିଛନ୍ତି। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯାଇଯିବ। ଅବଶ୍ୟ ପୋଲିସ ତ୍ୱରିତ ପଦକ୍ଷେପ ନେଇ କର୍ପୋରେଟରଙ୍କ ସହ ୫ଜଣଙ୍କୁ ଗିରଫ କରିଥିବାବେଳେ ଦଳର ରାଜ୍ୟ ଶାଖା ସଭାପତି ସେମାନଙ୍କୁ ଦଳର ପ୍ରାଥମିକ ସଦସ୍ୟରୁ ନିଲମ୍ବନ କରିଛନ୍ତି। ତେବେ ଆକ୍ରମଣର ମୁଖ୍ୟ ନାୟକ ଥିବା ପରାଜିତ ନେତା ଏବେ ବି ବାହାରେ ବୁଲୁଛନ୍ତି, ତାଙ୍କୁ ତୁରନ୍ତ ଗିରଫ କରାଯିବା ଜରୁରୀ। କହିବା ବାହୁଲ୍ୟ ଯେ, ଏହି ଘଟଣାକୁ ନେଇ ରାଜ୍ୟରେ ଏବେ ଏକ ଅଦଭୂତ୍ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟବ୍ୟାପୀ ଓଏଏସ ଅଧିକାରୀମାନେ ସମୂହ ଛୁଟିରେ ଯିବା ଯୋଗୁଁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି କେବଳ ଏତକି ନୁହେଁ, ବିଏମସିର କର୍ମଚାରୀମାନେ ଅସହଯୋଗ ଆନ୍ଦୋଳନ କରିବା ଯୋଗୁଁ ରାଜଧାନୀବାସିନ୍ଦା ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା କୁହାଯାଏ। ଏହା ନିସନ୍ଦେହ ଯେ, ସରକାରୀ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ପଛରେ ପ୍ରଭାବଶାଳୀ ବ୍ୟକ୍ତି ତଥା ରାଜନେତାମାନଙ୍କ ଅଭୟ ହାତ ରହୁଥିବାରୁ ରାଜ୍ୟରେ ସରକାରୀ କର୍ମଚାରୀଙ୍କୁ ଦଳୀୟ କର୍ମୀ ଏବଂ ଅସାମାଜିକ ମାଡ ମାରିବା ଏକ ନିତିଦିନଆ ଘଟଣାରେ ପରିଣତ ହେବାକୁ ଯାଉଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଓଡିଆ ଅସ୍ମିତାର ନାରା ଦେଇ ରାଜ୍ୟରେ ପ୍ରଥମ ଥର ପାଇଁ କ୍ଷମତାସୀନ ହୋଇଥିବା ବିଜେପି ସରକାର ନିକଟରେ ଏକ ବର୍ଷର ପୂର୍ତ୍ତି ପାଳନ କରିଥିବାବେଳେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କ ସରକାର ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କ ଆସ୍ଥା ଭାଜନ ହେବା ଦିଗରେ ଅଗ୍ରସର ହେଉଥିବା ସମୟରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟଣା ହୋଇନପାରିବା, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା, ବିଏମସି ଅତିରିକ୍ତ କମିଶନରଙ୍କ ଉପରେ ଆକ୍ରମଣ, ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସହ ମହିଳା ଅସୁରକ୍ଷିତ ହେବା ଘଟଣାମାନ ସରକାରଙ୍କ ବର୍ଷକର ସଫଳତା ତଥା ସୁନାମକୁ କଳଙ୍କିତ କରିଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆହୁରି ମଧ ଗଲା ମାସ ୧୬ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ଆମେରିକୀୟ ନାଗରୀକମାନଙ୍କ ପାଇଁ ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟ ଲାଗି କଠୋର ଯାତ୍ରା ନିର୍ଦ୍ଦେଶ ଜାରି କରିବା ନିଶ୍ଚିତ ଭାବେ ବିଶ୍ୱ ଦରବାରରେ ରାଜ୍ୟର ସୁନାମକୁ କଳଙ୍କିତ କରିଛି ବୋଲି କୁହାଯାଇପାରେ। ଭାରତରେ ଦୁଷ୍କର୍ମ ସବୁଠାରୁ ଦୃତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରୁ ଅନ୍ୟତମ ବୋଲି ଆମେରିକା ଉଲ୍ଲେଖ କରିବା ସହ ପର୍ଯ୍ୟଟନସ୍ଥଳୀ ଓ ଅନ୍ୟାନ୍ୟ ସ୍ଥାନରେ ଯୌନ ନିର୍ଯ୍ୟାତନା ସମେତ ଅନ୍ୟାନ୍ୟ ହିଂସାତ୍ମକ ଅପରାଧ ଘଟୁଥିବା କହିଛି। ଏକୁଟିଆ କୌଣସି ସ୍ଥାନକୁ ଯାତ୍ରା ନକରିବା ପାଇଁ ନିଜ ଦେଶର ମହିଳାମାନଙ୍କୁ ଆମେରିକା ସତର୍କ କରାଇଦେଇଛି। କହିବା ବାହୁଲ୍ୟ ଯେ, ଆମେରିକାର କଠୋର ଯାତ୍ରା ନିର୍ଦ୍ଦେଶ ଜାରୀ ପୂର୍ବରୁ ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ବୋଧହୁଏ ଏହି ଘଟଣା ପାଇଁ ଆମେରିକା ଓଡ଼ିଶାର ନାମ ନେଇଛି। ଶାନ୍ତପ୍ରିୟ ଓଡ଼ିଶାର ପର୍ଯ୍ୟଟନ ସ୍ଥଳ ବିଶ୍ୱ ବନ୍ଦିତ। ଯେଉଁଥିପାଇଁ ରାଜ୍ୟକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଆଗମନ ଘଟିଥାଏ। ଏବେ ଆମେରିକାର ନିଜ ଦେଶର ମହିଳାଙ୍କ ଉପରେ କଟକଣା କେବଳ ରାଜ୍ୟକୁ ନିନ୍ଦିତ କରିନାହିଁ, ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରଗୁଡିକ ପ୍ରଭାବିତ ହୋ ଆଶଙ୍କା ସୃଷ୍ଟି କରିଛି। ଯାହାକି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମହିଳା ଅସୁରକ୍ଷିତ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସ୍ଥିତି ସୁଧାରିବା ସରକାରଙ୍କ ପାଇଁ ଏକ ଆହ୍ୱାନ। ଏଥିରେ ସନ୍ଦେହ ନାହିଁ। ଦୋଷୀଙ୍କ ବିରୁଦ୍ଧରେ ଉଦାହରଣୀୟ ଦଣ୍ଡବିଧାନ କରି ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ସରକାରଙ୍କ ପ୍ରଥମ କର୍ତବ୍ୟ ହେଉ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୭୪୦୩**

# ତୁରନ୍ତ ଉତ୍ତରରେ କ୍ଷଣିକ ଆଶ୍ୱସ୍ତି



ପ୍ରଣତି ଆଚାର୍ଯ୍ୟ ମିଶ୍ର

କେବେ ନିର୍ଦ୍ଦେଶ ଦେଇ ସ୍ମାର୍ଟ ଡିଭାଇସର ଆକର୍ଷଣୀୟ ଆଲୋକରେ ସ୍ନାନ କରିଛନ୍ତି? ଗୁଗଲି ହୋମ, ଆଲେକ୍ସା ଏବଂ ଶିରି ଭଳି ଡିଭାଇସ ଆମ ପାଇଁ ଗୀତ ଗାଇ, ରୋଷେଇ ପରାମର୍ଶ ଦେଇ ଆମର ଦୈନନ୍ଦିନ ପ୍ରତ୍ୟେକ କାର୍ଯ୍ୟକୁ ନିୟନ୍ତ୍ରଣ କରନ୍ତି । ଏମାନଙ୍କୁ ଆମେ ହୃଦୟରେ ସ୍ଥାନ ଦେଇଛନ୍ତି । ଏହି ପ୍ରଯୁକ୍ତିବିଦ୍ୟା ଯାଦୁର ଚମକ ଭିତରେ ଏକ ଗଭୀର ପ୍ରଶ୍ନ ଲୁଚି ରହିଛି। ଯାହା ମନକୁ ଦୋହୋଲାଇ ପଚାରେ - ଜୀବନକୁ ସହଜ କରୁଥିବା ଏହି ଡିଭାଇସଗୁଡ଼ିକ ଗୁପ୍ତ ଭାବରେ ଆମ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି କି? ଏହି ପ୍ରଶ୍ନ କେବଳ ଏକ ଚିନ୍ତାଧାରା ନୁହେଁ, ବରଂ ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅସ୍ପୃଶ୍ୟ ବିତର୍କ ପାଇଁ ଏକ ଆହ୍ୱାନ। ଆଜି ସ୍ମାର୍ଟ ଡିଭାଇସଗୁଡ଼ିକ ଆମର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲେଣି। ଏଗୁଡିକ ତୁରନ୍ତ ସୂଚନା ପ୍ରଦାନ କରେ, ଘରୋଇ କାର୍ଯ୍ୟକୁ ସ୍ୱୟଂଚାଳିତ କରେ ଏବଂ ମନୋରଞ୍ଜନର ଅଗଣିତ ରାସ୍ତା ଖୋଲିଦିଏ। କିନ୍ତୁ କେବେ ଭାବିଛନ୍ତି କି ସେମାନଙ୍କର ନିରନ୍ତର ବ୍ୟବହାର ମନରେ କ'ଣ ପ୍ରଭାବ ପକାଉଛି? କୁହାଯାଉଛି ଏହି ଡିଭାଇସଗୁଡ଼ିକ ଚାପରୁ ମୁକ୍ତି ଦେଇପାରେ। ଯେତେବେଳେ ଆମେ ଏକାକୀ ରହୁ, କାହା ସହିତ କଥା ହେବାକୁ ଇଚ୍ଛା ହୁଏନି , ସେତେବେଳେ ସ୍ମାର୍ଟ ସ୍ପିକରମାନଙ୍କ ସହିତ କଥା ହେଲେ ଏମାନଙ୍କ ତୁରନ୍ତ ଉତ୍ତରରେ କ୍ଷଣିକ ଆଶ୍ୱସ୍ତି ମିଳେ। କିଛି ଅଧୟନ ଦାବି କରନ୍ତି ଏପରି ଡିଭାଇସ୍ ସହିତ କଥା ହେବା ଦ୍ୱାରା ଏକାକୀତା ହ୍ରାସ ପାଇଥାଏ, ବିଶେଷକରି ଯେଉଁମାନେ ସାମାଜିକ ଭାବରେ ବିଚ୍ଛିନ୍ନ ସେମାନଙ୍କ କ୍ଷେତ୍ରରେ । କିନ୍ତୁ ଏହି ଆଶ୍ୱସ୍ତି କେତେ ବାସ୍ତବ ତାହା ବିଚାର୍ଯ୍ୟ। ଏହି ଡିଭାଇସ୍ ସହିତ ଯୋଗାଯୋଗ କରିବା ସମୟରେ, ଆମେ ଏକ କୃତ୍ରିମ ଭାବପ୍ରବଣ ବନ୍ଧନ ବିକଶିତ କରୁ। ଏଗୁଡ଼ିକ କେବଳ ଏକ ମେସିନ୍ ନୁହେଁ, ବରଂ ସହାୟକ କିମ୍ବା ସାଥୀ ବୋଲି ଭାବିବା ଆରମ୍ଭ କରୁ। ଏହି ସମ୍ପର୍କ ଆମକୁ ଆଶ୍ୱସ୍ତି ଦିଏ ସତ , କିନ୍ତୁ ଦୀର୍ଘକାଳୀନ ଭାବରେ ପ୍ରକୃତ ସମ୍ପର୍କରୁ ଦୂରକୁ ନେଇଯାଏ। ବନ୍ଧୁ କିମ୍ବା ପରିବାର ସହିତ କଥା ହେବା ପରିବର୍ତ୍ତେ ଆମେ ସ୍ମାର୍ଟ ଡିଭାଇସ୍ କୁ ପ୍ରଶ୍ନ ପଚାରିବା ସହଜ ମନେ କରୁ। ଏହି ପ୍ରବୃତ୍ତି ସାମାଜିକ ଦୂରତା ବୃଦ୍ଧି କରି ଏକାନ୍ତକୁ ଗଭୀର କରେ।

ମନସ୍ତତ୍ତ୍ୱବିତମାନେ କୁହନ୍ତି ମୁହାଁମୁହିଁର ମାନବ ସମ୍ପର୍କ ମାନସିକ ସୁସ୍ଥତାର ମେରୁଦଣ୍ଡ। ସ୍ମାର୍ଟ ଡିଭାଇସ୍, ଯେତେ ବୁଦ୍ଧିମାନ ହେଉ ନା କାହିଁକି, ଏହା ସଂଯୋଗର ଗଭୀରତା ଏବଂ ଭାବପ୍ରବଣ ସନ୍ତୋଷ ପ୍ରଦାନ କରିପାରିବ ନାହିଁ। ସ୍ମାର୍ଟ ଡିଭାଇସ୍ ର ଅତ୍ୟଧିକ ବ୍ୟବହାର ଆମର ସୃଜନଶୀଳତା ଏବଂ ସ୍ୱାଧୀନ ଚିନ୍ତାଧାରାକୁ ଦୁର୍ବଳ କରିପାରେ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଏକ ସ୍ୱରର ନିର୍ଦ୍ଦେଶରେ ଉପଲବ୍ଧ ହେଉଥିବାରୁ , ଆମେ ଚିନ୍ତା କରିବା ଏବଂ ସମସ୍ୟା ସମାଧାନ କରିବାର କଳାକୁ ଭୁଲିବା ଆରମ୍ଭ କରୁଛନ୍ତି । ଏହା ବିଶେଷକରି ଶିଶୁ ଏବଂ କୈଶୋର ମାନଙ୍କ ପାଇଁ ବିପଦପୂର୍ଣ୍ଣ, ଯାହାଙ୍କ ମସ୍ତିଷ୍କ ଏପର୍ଯ୍ୟନ୍ତ ବିକଶିତ ହେଉଛି। ଯଦି ସେମାନେ ପ୍ରତ୍ୟେକ ସୂଚନା ପାଇଁ ସ୍ମାର୍ଟ ଡିଭାଇସ୍ ଉପରେ ନିର୍ଭର କରନ୍ତି, ତେବେ ସେମାନଙ୍କର ଜ୍ଞାନାତ୍ମକ କ୍ଷମତା ସଙ୍କୁଚିତ ହୋଇପାରେ। ଉଦାହରଣ ସ୍ୱରୂପ, ପୂର୍ବରୁ ଲୋକମାନେ ମାନଚିତ୍ର ପଢ଼ି ପଥ ଖୋଜୁଥିଲେ, ଯାହା ସେମାନଙ୍କର ସ୍ଥାନିକ ବୁଦ୍ଧିମତ୍ତାକୁ ମଜବୁତ କରୁଥିଲା। ଆଜି ଯେ କେହିବି ଜିପିଏସ ଏବଂ ଗୁଗଲ ମ୍ୟାପ୍ ଉପରେ ନିର୍ଭରଶୀଳ। ଏହି




ଡିଭାଇସ୍ ଆମର ଗୋପନୀୟତାକୁ ବିପଦରେ ପକାଇ ପରୋକ୍ଷ ଭାବରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି । ଏହି ଡିଭାଇସ୍ ଆମର ବାର୍ତ୍ତାଳାପକୁ ରେକର୍ଡ କରି ଆଗ୍ରହକୁ ବିଶ୍ଳେଷଣ କରେ। ଅନେକ ଲୋକ ଭୟ କରନ୍ତି ଯେ ସେମାନଙ୍କର ବ୍ୟକ୍ତିଗତ ସୂଚନା ଭୁଲ ହାତରେ ପଡ଼ିପାରେ। ଏହି ଚିନ୍ତା ଚାପ ଏବଂ ଅବିଶ୍ୱାସକୁ ଜନ୍ମ ଦିଏ, ଯାହା ମାନସିକ ଶାନ୍ତିକୁ ବିଚଳିତ କରେ। ଯଦିଓ କମ୍ପାନୀଗୁଡ଼ିକ ଡାଟା ସୁରକ୍ଷା ଦାବି କରନ୍ତି ତଥାପି, ଅନେକ ଡାଟା ଉଲ୍ଲଂଘନର ଘଟଣା ଏହି ବିଶ୍ୱାସକୁ ଦୁର୍ବଳ କରିଦିଏ। ଅନ୍ୟପକ୍ଷରେ, ସ୍ମାର୍ଟ ଡିଭାଇସ୍ କିଛି କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଅନେକ ସ୍ମାର୍ଟ ସ୍ପିକର ଧାନ ଏବଂ ସଚେତନତା ପାଇଁ ମାର୍ଗଦର୍ଶିତ ଅଧିବେଶନ ରଖିଛନ୍ତି, ଯାହା ଚାପ ପରିଚାଳନା ଏବଂ ନିଦକୁ ଉନ୍ନତ କରିବାରେ ସାହାଯ୍ୟ କରେ। ସ୍ମାର୍ଟ ଡିଭାଇସ୍ ର ପ୍ରଭାବ ଆମର ଜୀବନଶୈଳୀ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ପଡେ। ଯଦି ଆମେ ସେଗୁଡ଼ିକୁ ସଚେତନତା ଏବଂ ସଂଯମତା ସହିତ ବ୍ୟବହାର କରୁ, ତେବେ ସେମାନେ ଆମର ଜୀବନକୁ ସମୃଦ୍ଧ କରିପାରିବେ କିନ୍ତୁ ଅନ୍ଧ ଭାବରେ ସେମାନଙ୍କ ଉପରେ ନିର୍ଭରତା , ଆମ ଭାବପ୍ରବଣ ଏବଂ ଜ୍ଞାନାତ୍ମକ ଶକ୍ତିକୁ ଦୁର୍ବଳ କରିପାରେ। ସମସ୍ତେ ବୁଝିବା ଦରକାର ଯେ ପ୍ରଯୁକ୍ତିବିଦ୍ୟା ଆମର ସେବକ, ମାଲିକ ନୁହେଁ। ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେବା ପାଇଁ, ଆମକୁ ବାସ୍ତବ ଦୁନିଆ ସହିତ ଯୋଡ଼ି ରହିବାକୁ ହେବ - ତାହା ପ୍ରକୃତିର କୋଳରେ ସମୟ ବିତାଇବା ହେଉ ବା ପ୍ରିୟଜନଙ୍କ ସହିତ ସୁଖଦୁଃଖ ବାଣ୍ଟିବା । ସ୍ମାର୍ଟ ଡିଭାଇସ ସହିତ ଆମ ସମ୍ପର୍କ ଏପରି ଏକ ସୁକ୍ଷ୍ମ ଡୋରି ଯାହା ଆମକୁ ସଶକ୍ତ କରିପାରେ, କିନ୍ତୁ ଅସାବଧାନତା ଆମର ମାନସିକ ଶାନ୍ତି ଛଡ଼ାଇନିଏ। ଆମକୁ ପ୍ରତ୍ୟେକ ପଦକ୍ଷେପରେ ନିଜକୁ ପଚାରିବାକୁ ପଡିବ: ଏହି ଡିଭାଇସଗୁଡ଼ିକ ଆମର ଆବଶ୍ୟକତା ପୂରଣ କରୁଛନ୍ତି ନା ଆମକୁ ଏକ କୃତ୍ରିମ ଦୁନିଆରେ ବନ୍ଦୀ କରୁଛନ୍ତି? ପ୍ରଯୁକ୍ତିବିଦ୍ୟା ଆମକୁ ଅଗଣିତ ଉପହାର ଦେଇଛି,କିନ୍ତୁ ଆମ ଭାବନା ଏବଂ ଚିନ୍ତାଧାରା ଆମ ନିଜସ୍ୱ ସମ୍ପତ୍ତି। ଏହି ସମ୍ପତ୍ତି କୁ ସମ୍ଭାଳି ବୁଝିବାକୁ ହେବ, ଡିଭାଇସଗୁଡ଼ିକ ଜୀବନକୁ ଉନ୍ନତ କରିବା ପାଇଁ ପ୍ରଯୁଜ୍ୟ, କବଳିତ ପାଇଁ ନୁହେଁ।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

# ସୀମାରେ ମୁତୟନ ହେବ ଆପାଚେ ହେଲିକାପ୍ଟର



ନୂଆଦିଲ୍ଲୀ,୨।୭: ଅନେକ ବିଳମ୍ବ ପରେ ଭାରତୀୟ ସେନାକୁ ମିଳିଛି ପ୍ରଥମ ପର୍ଯ୍ୟାୟରେ ଅତ୍ୟାଧୁନିକ ଆପାଚେ ଲଢୁଆ ହେଲିକାପ୍ଟର। ଏହି ହେଲିକାପ୍ଟରଗୁଡ଼ିକ ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ମୁତୟନ କରାଯିବ, ଯାହା ଭାରତୀୟ ସେନାର ଯୁଦ୍ଧ କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ। ଏହି ଖବର ଭାରତୀୟ ସେନାର ପଶ୍ଚିମ ସୀମାରେ ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ୬୦୦ ମିଲିୟନ ଡଲାରର ଏକ ଚୁକ୍ତି ଅନୁଯାୟୀ, ଭାରତୀୟ ସେନା ୨୦୨୪ ମେ-ଜୁନ ମାସ ମଧ୍ୟରେ ଛଅଟି ଆପାଚେ ହେଲିକାପ୍ଟର ପାଇବାର ଆଶା ରଖିଥିଲା। କିନ୍ତୁ ଏହା ପ୍ରଦାନରେ ବିଳମ୍ବ ହୋଇଥିଲା, ଯାହାର କାରଣ ଭାବେ ଆମେରିକାର ବୋଇଙ୍ଗ କମ୍ପାନୀ ଉତ୍ପାଦନରେ କାରିଗରୀ ସମସ୍ୟାକୁ ଦାୟୀ କରିଛି। ଏବେ ବୋଇଙ୍ଗ ପକ୍ଷରୁ ଜୁଲାଇ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ହେଲିକାପ୍ଟର ଯୋଗାଇ ଦିଆଯାଇଛି ଏବଂ ଅକ୍ଟୋବର ୨୦୨୫ ସୁଦ୍ଧା ମୋଟ ଛଅଟି ଆପାଚେ ହେଲିକାପ୍ଟରର ଯୋଗାଇ ଦେବା ବୋଲି ଘୋଷଣା କରାଯାଇଛି। ଏହି ଅତ୍ୟାଧୁନିକ ଆପାଚେ ହେଲିକାପ୍ଟରଗୁଡ଼ିକୁ ପାକିସ୍ତାନ ସୀମା ନିକଟସ୍ଥ ରାଜସ୍ଥାନର ଯୋଧପୁର ସୈନ୍ୟ ବେସରେ ମୁତୟନ କରାଯିବ। ଏହି ସ୍ଥାନରେ ଏକ ବିଶେଷ ଆପାଚେ ଆକ୍ରମଣ ହେଲିକାପ୍ଟର ସ୍କ୍ୱାଡ୍ରନ ଗଠନ କରାଯିବ, ଯାହା ଭାରତୀୟ ସେନାର ଏଭିଏସନ କର୍ପସର ଅଂଶ ହେବ। ଏହି ସ୍କ୍ୱାଡ୍ରନ ପଶ୍ଚିମ ସୀମାରେ ସୈନ୍ୟର ଆକ୍ରମଣ କ୍ଷମତାକୁ ନୂଆ ଉଚ୍ଚତା ପ୍ରଦାନ କରିବ। ବୋଇଙ୍ଗ ଦ୍ୱାରା ନିର୍ମିତ ଆପାଚେ ହେଲିକାପ୍ଟର (ଏଏଚ୍-୬୪ ଆପାଚେ) ହେଉଛି ବିଶ୍ୱର ସବୁଠାରୁ ଉନ୍ନତ ଆକ୍ରମଣ ହେଲିକାପ୍ଟରଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହାର ଅଜଣା ଆକ୍ରମଣ କ୍ଷମତା, ଅତ୍ୟାଧୁନିକ ସେନସର ଏବଂ ସଠିକତା ସହ ଲକ୍ଷ୍ୟଭେଦୀ ଅସ୍ତ୍ର ବ୍ୟବସ୍ଥା ଏହାକୁ ଯୁଦ୍ଧକ୍ଷେତ୍ରରେ ଅତୁଳନୀୟ ଶକ୍ତି ପ୍ରଦାନ କରୁଛି। ଏହା ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ଏବଂ ଅସ୍ତ୍ରଶସ୍ତ୍ର ବହନ କରିବାରେ ସକ୍ଷମ, ଯାହା ଶତ୍ରୁ ସୈନ୍ୟ ଓ ସମର ଟ୍ୟାଙ୍କ ନଷ୍ଟ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ। ଏହି ହେଲିକାପ୍ଟରର ମୁତୟନ ପାକିସ୍ତାନ ସୀମା ନିକଟସ୍ଥ ଅଞ୍ଚଳରେ ଭାରତୀୟ ସେନାର ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବ। ଏହା ଅପରେସନ ସିନ୍ଦୂର ଭଳି ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତୀୟ ସେନାର ଶକ୍ତିଶାଳୀ ଉପସ୍ଥିତିକୁ ଆହୁରି ବୃଦ୍ଧି କରିବ। ଏହା ଅଞ୍ଚଳୀୟ ସ୍ଥିରତା ଓ ନିରାପତ୍ତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ନୌସେନାରେ ଆଇଏନ୍ଏସ୍ ଉଦୟଗିରି ଓ ତମାଲ ସାମିଲ

ନୂଆଦିଲ୍ଲୀ,୨।୭: ଭାରତୀୟ ନୌସେନାକୁ ଆହୁରି ବଳ ମିଳିଛି । ଆଧୁନିକ ଷ୍ଟିଲ୍ଥ ଯୁଦ୍ଧପୋତ ଆଇଏନ୍ଏସ୍ ଉଦୟଗିରି ଓ ତମାଲ ମଙ୍ଗଳବାର ନୌସେନାରେ ସାମିଲ ହୋଇଛି । ମୁମ୍ବାଇର ମାଜଗାଓଁ ଡକୟାର୍ଡରେ ଆଇଏନ୍ଏସ୍ ଉଦୟଗିରିକୁ ବିଧିବଦ୍ଧ ଭାବେ ନୌସେନାରେ ସାମିଲ କରାଯାଇଥିଲା ବେଳେ ଆଇଏନ୍ଏସ୍ ତମାଲକୁ ରୁଷର କାଲିନିନଗାର୍ଡରେ ନୌସେନାକୁ ହସ୍ତାନ୍ତର କରାଯାଇଛି ।

ଆଇଏନ୍ଏସ୍ ଉଦୟଗିରି ହେଉଛି ପ୍ରୋଜେକ୍ଟ ୧୭-ଏ ଅନ୍ତର୍ଗତ ଦ୍ୱିତୀୟ ଷ୍ଟିଲ୍ଥ ଯୁଦ୍ଧ ଜାହାଜ । ଦୀର୍ଘ ୩୦ ବର୍ଷ ଧରି ନୌସେନାରେ କାର୍ଯ୍ୟ କରିବା ପରେ ୨୦୦୭ରେ ଉଦୟଗିରି ଯୁଦ୍ଧପୋତକୁ ସେବାନିବୃତ୍ତ କରାଯାଇଥିଲା । ତେବେ ସେହି ନାମରେ ଏକ ନୂଆ ଯୁଦ୍ଧପୋତ ନିର୍ମାଣ ଆରମ୍ଭ ହୋଇଥିଲା। ମାତ୍ର ୩୭ ମାସ ଭିତରେ ଆଇଏନ୍ଏସ୍ ଉଦୟଗିରିର ନିର୍ମାଣ ଶେଷ ହୋଇ ନୌସେନାକୁ ହସ୍ତାନ୍ତର କରାଯାଇଛି। ଏଥିରେ ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଜ୍ଞାନକୌଶଳ ଓ ଉପକରଣ ବ୍ୟବହାର କରାଯାଇଛି । ଏଥିରେ ଜାହାଜ ବିଧ୍ୱଂସୀ ସୁପରସୋନିକ ମିସାଇଲ, ମଧ୍ୟମ ଦୂରଗାମୀ ଭୂପୃଷ୍ଠରୁ ଆକାଶ ମାର୍ଗକୁ ନିକ୍ଷେପ କରାଯାଇପାରୁଥିବା ମିସାଇଲ ସିଷ୍ଟମ, ୭୬ ମି.ମି. ଗନ୍, ମଲ୍ଟିପୁଲ କ୍ଲୋଜ୍-ଇନ ୱିପନ ସିଷ୍ଟମ ଆଦି ମୁତୟନ କରାଯିବ । ଯାହାଫଳରେ ଉଭୟ ଜଳ ଓ ସ୍ଥଳ ପକ୍ଷରେ ଶତ୍ରୁର ମୁକାବିଲା କରାଯାଇପାରିବ । ରୁଷଠାରୁ ମିଳିଥିବା ଅଷ୍ଟମ ତଥା ତୁସିଲ ଶ୍ରେଣୀର ଦ୍ୱିତୀୟ ଯୁଦ୍ଧପୋତ ହେଉଛି ଆଇଏନ୍ଏସ୍ ତମାଲ । ୨୦୧୬ରେ ଭାରତ ଓ ରୁଷ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ବୁଝାମଣାର ଏହା ଅଂଶବିଶେଷ। ଏହି ବୁଝାମଣା ଅନୁସାରେ ରୁଷରେ ୪ଟି ତଲୱାର ଶ୍ରେଣୀର ଷ୍ଟିଲଥ ଯୁଦ୍ଧପୋତ ନିର୍ମାଣ କରାଯାଉଛି । ସେଥିରୁ ୨ଟି ରୁଷର ୟନ୍ତର ଓ ଅନ୍ୟ ୨ଟି ଗୋଆର ସିପୟାର୍ଡରେ ନିର୍ମିତ ହେଉଛି । ଭାରତୀୟ ବିଶେଷଜ୍ଞଙ୍କ ତଦାରଖରେ ରୁଷର ୟନ୍ତର ସିପୟାର୍ଡରେ ଆଇଏନ୍ଏସ୍ ତମାଲ ନିର୍ମାଣ କରାଯାଇଛି । ଏଥିରେ ୨୬ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ ହୋଇଛି ।



ଏହି ଯୁଦ୍ଧପୋତ ଘଣ୍ଟା ପ୍ରତି ୫୫ କି.ମି. ବେଗରେ ଗତି କରିପାରିବ। ସମୁଦ୍ର ଭିତରେ ଓ ଆକାଶ ମାର୍ଗରେ ଏହା ଲକ୍ଷ୍ୟଭେଦ କରିପାରିବ । ଏଥିରେ ବ୍ରହ୍ମୋସ ମିସାଇଲ ନିୟୋଜିତ କରାଯାଇଛି ଏବଂ ଏହା ରାଡାର ନଜରକୁ ଏଡାଇପାରିବ । ନୌସେନାର ପଶ୍ଚିମ ଫ୍ଲିଟ୍‌ରେ ଏହାକୁ ସାମିଲ କରାଯିବ । ଯାହା ପାକିସ୍ତାନ ଉପରେ କଡା ନଜର ରଖିବ । ପୁରାଣ ବର୍ଣ୍ଣିତ ଇନ୍ଦ୍ରଙ୍କ ଅସ୍ତ୍ର ତମାଲର ନାମ ଅନୁସାରେ ଏହି ଯୁଦ୍ଧପୋତର ନାମକରଣ ହୋଇଛି ।

# କୋଭିଡ୍ ଟିକା ହାର୍ଟ ଆଟାକର କାରଣ ନୁହେଁ: ଆଇସିଏମଆର୍ ଏବଂ ଏଆଇଆଇଏମ୍ଏସ୍




ନୂଆଦିଲ୍ଲୀ,୨।୭: କୋଭିଡ-୧୯ ଟିକା ଏବଂ ହଠାତ ମୃତ୍ୟୁ ବା ହୃଦଘାତ ବିଷୟରେ ଥିବା ଭୟ ଏବଂ ପ୍ରଶ୍ନର ଉତ୍ତର ଏବେ ମିଳିଯାଇଛି। ଆଇସିଏମଆର୍ ଏବଂ ଏଆଇଆଇଏମ୍ଏସ୍ ଦ୍ୱାରା କରାଯାଇଥିବା ଏକ ନୂତନ ଅଧ୍ୟୟନ ସ୍ପଷ୍ଟ ଭାବରେ କହିଛି ଯେ ଭାରତରେ ଟିକା ଏବଂ ହଠାତ ମୃତ୍ୟୁ ବା ହୃଦଘାତ ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ନାହିଁ।

ରିପୋର୍ଟ ଅନୁଯାୟୀ, ଏହି ମୃତ୍ୟୁର କାରଣ ଟିକା ନୁହେଁ, ବରଂ ପୂର୍ବରୁ ଥିବା ରୋଗ, ଖରାପ ଜୀବନଶୈଳୀ ଏବଂ ଶରୀର ଗଠନ (ଜେନେଟିକ କାରଣ)। ଅର୍ଥାତ, ଯଦି କାହାକୁ ପୂର୍ବରୁ ହୃଦରୋଗ, ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଅଛି ଏବଂ ଚିକିତ୍ସା ଠିକ ଭାବରେ କରାଯାଇ ନାହିଁ, ତେବେ ମୃତ୍ୟୁର ଆଶଙ୍କା ବଢ଼ିପାରେ। ଏହାର ଟିକା ସହିତ କୌଣସି ସମ୍ପର୍କ ନାହିଁ। ଅଧ୍ୟୟନରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ କୋଭିଡ ଟିକା ନିରାପଦ ଏବଂ ଲୋକଙ୍କୁ ଏହା ପ୍ରତି ଭୟଭୀତ ହେବାର ଆବଶ୍ୟକତା ନାହିଁ।

ଅଧ୍ୟୟନରୁ ଜଣାପଡିଛି ଯେ ଟିକା ଏବଂ ହୃଦଘାତ ମୃତ୍ୟୁ ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ନାହିଁ। ଅଧିକାଂଶ କ୍ଷେତ୍ରରେ, ମୃତ୍ୟୁର କାରଣ ପୂର୍ବରୁ ଥିବା ରୋଗ, ଜେନେଟିକ କାରଣ ଏବଂ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଥିଲା। ଏହା ସହିତ, ଟିକା ଦ୍ୱାରା ସୃଷ୍ଟ ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା ଅତ୍ୟନ୍ତ ବିରଳ। ବିଶେଷକରି ୧୮ ରୁ ୪୫ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ହୃଦଘାତ ମୃତ୍ୟୁର ତଦନ୍ତ କରିବା ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗବେଷଣା ଅଧ୍ୟୟନ କରାଯାଇଛି।

ଏହି ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡିଛି ଯେ ହୃଦଘାତ, ଖରାପ ଜୀବନଶୈଳୀ, ପୂର୍ବରୁ ଥିବା ରୋଗ ଏବଂ ଜେନେଟିକ କାରଣ ଏପରି ମୃତ୍ୟୁ ପାଇଁ ଦାୟୀ, ଟୀକାକରଣ ନୁହେଁ। ଆଇସିଏମ୍ଆର୍ ର ଏହି ଅଧ୍ୟୟନ ଦେଶର ୧୯ ଟି ରାଜ୍ୟର ୪୭ ଟି ପ୍ରମୁଖ ହସ୍ପିଟାଲରେ ୨୦୨୩ମସିହା ମେ ରୁ ଅଗଷ୍ଟ ମଧ୍ୟରେ କରାଯାଇଥିଲା। ଏଥିରେ, ସେହି ଲୋକମାନଙ୍କ ମାମଲା ଦେଖାଯାଇଥିଲା ଯେଉଁମାନେ ସମ୍ପୂର୍ଣ୍ଣ ସୁସ୍ଥ ଦେଖାଯାଉଥିଲେ, କିନ୍ତୁ ଅକ୍ଟୋବର ୨୦୨୧ ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ହୃଦଘାତରେ ମୃତ୍ୟୁବରଣ କରିଥିଲେ। ରିପୋର୍ଟରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଏହି ମୃତ୍ୟୁ ଏବଂ କୋଭିଡ ଟିକା ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ମିଳିନାହିଁ।

ଏଆଇଆଇଏମ୍ଏସ୍ ଦିଲ୍ଲୀ ଏବଂ ଆଇସିଏମ୍ଆର୍ ର ଦ୍ୱିତୀୟ ଅଧ୍ୟୟନ ଏବେ ବି ଚାଲିଛି। ଏହି ଅଧ୍ୟୟନର ଉଦ୍ଦେଶ୍ୟ ହେଉଛି ହୃଦଘାତ ମୃତ୍ୟୁର କାରଣଗୁଡ଼ିକୁ ଗଭୀର ଭାବରେ ବୁଝିବା। ପ୍ରାରମ୍ଭିକ ତଥ୍ୟରୁ ଜଣାପଡିଛି ଯେ ହୃଦଘାତ (ମାୟୋକାର୍ଡିଆଲ ଇନଫାର୍କ୍ସନ) ହେଉଛି ସବୁଠାରୁ ସାଧାରଣ କାରଣ। ଅନେକ କ୍ଷେତ୍ରରେ ଜେନେଟିକ କାରଣ ମଧ୍ୟ ମିଳିଛି। ଏପର୍ଯ୍ୟନ୍ତ ତଥ୍ୟରୁ ଏହା ମଧ୍ୟ ଜଣାପଡିଛି ଯେ ପୂର୍ବ ବର୍ଷ ତୁଳନାରେ ହୃଦଘାତ ମୃତ୍ୟୁ ସଂଖ୍ୟାରେ କୌଣସି ଅସ୍ୱାଭାବିକ ବୃଦ୍ଧି ହୋଇନାହିଁ।

# ସୁପ୍ରିମକୋର୍ଟରେ ଲାଗୁ ହେଲା ଏସ୍‌ସି ଏସ୍‌ଟି ସଂରକ୍ଷଣ ନୀତି

ନୂଆଦିଲ୍ଲୀ,୨।୭: ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ। ୭୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଅନୁସୂଚିତ ଜାତି (ଏସସି) ଏବଂ ଜନଜାତି (ଏସ୍ଟି) ବର୍ଗ ପାଇଁ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ସଂରକ୍ଷଣର ଏକ ଆନୁଷ୍ଠାନିକ ନୀତି କାର୍ଯ୍ୟକାରୀ କରିଛି। ଏହି ନୀତି ୨୩ ଜୁନ୍ ୨୦୨୫ ରୁ କାର୍ଯ୍ୟକାରୀ ହୋଇଛି। ଏହାକୁ ସୁପ୍ରିମକୋର୍ଟଙ୍କ ଅନ୍ତରୀଣ ପ୍ରଶାସନରେ ସାମାଜିକ ଅନ୍ତର୍ଭୁକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଉଛି।

ଏହି ସଂରକ୍ଷଣ ନୀତି ବିଚାରପତିଙ୍କ ଉପରେ ଲାଗୁ ହେବନି। କେବଳ ରେଜିଷ୍ଟ୍ରାର, ବରିଷ୍ଠ ବ୍ୟକ୍ତିଗତ ସହାୟକ, ସହକାରୀ ଲାଇବ୍ରେରିଆନ୍, ଜୁନିଅର କୋର୍ଟ ଆସିଷ୍ଟାଣ୍ଟ, ଚାମ୍ବର ଆଟେଣ୍ଡାଣ୍ଟ ସହ ଅନ୍ୟ କର୍ମଚାରୀଙ୍କ ପଦରେ ଲାଗୁ ହେବ। ନୂଆ ମଡେଲ ରୋଷ୍ଟର ଅନୁସାରେ କର୍ମଚାରୀଙ୍କୁ ତିନୋଟି ଶ୍ରେଣୀ- ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅଣସଂରକ୍ଷିତ ରେ ବର୍ଗୀକୃତ କରାଯାଇଛି।



କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ସଂରକ୍ଷଣ

୨୪ ଜୁନ୍‌ରେ ଜାରି କରାଯାଇଥିବା ସର୍କୁଲାରରେ ପଦରେ ସଂରକ୍ଷଣ ନେଇ ସୂଚନା ଦିଆଯାଇଛି। ସୁପ୍ରିମକୋର୍ଟ ପ୍ରତିବର୍ଷ ୨୦୦ ପଦରେ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି। ଏଭଳି ଭାବରେ ପ୍ରତିବର୍ଷ ହେବାକୁ ଥିବା ଭର୍ତ୍ତିରେ ୧୫% ଏସସି ଓ ୭.୫% ଏସଟି ସଂରକ୍ଷଣ ଲାଗୁ ରହିବ। ଏଭଳି ସ୍ଥିତିରେ ମୋଟ ପଦକୁ ଏସସି ସଂରକ୍ଷିତ କରାଯିବ। ଏହାଛଡା ୧୫ ପଦ ଏସଟି ବର୍ଗ ପାଇଁ ପ୍ରସ୍ତୁତ କରାଯିବ। ସୁପ୍ରିମକୋର୍ଟଙ୍କ ଏହି ରାୟ ସାମାଜିକ ନ୍ୟାୟର ଦାବିକୁ ଦେଖି ଖୁବ୍ ଗୁରୁତ୍ୱପୂର୍ଣ୍ଣ।

କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ନିଯୁକ୍ତି ତିଳେରେ କୁହାଯାଇଛି ସିନିୟର ପର୍ସନାଲ ଆସିଷ୍ଟାଣ୍ଟର ୯୪ ପଦ ନିଯୁକ୍ତିରେ ୧୪ ଏସସି କୋଟା ପାଇଁ ରହିବ। ଏହାଛଡା ୬ଟି ପଦ ଏସ୍ଟି କୋଟା ପାଇଁ ସଂରକ୍ଷିତ ରହିବ। ୭୪ ପଦକୁ ଅଣସଂରକ୍ଷିତ କରାଯିବ। ଏଭଳି ଭାବରେ ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ୨୦ ପଦରେ ୩ ଜଣଙ୍କୁ ଏସସି ଓ ଜଣକୁ ଏସ୍ଟି କୋଟାରେ ରଖାଯିବ। ଜୁନିଅର କୋର୍ଟ ଆସିଷ୍ଟାଣ୍ଟର କଥା ଯଦି ହେବା ତେବେ ୪୩୭ ପଦ ରହିଛି, ଯାହା ଭିତରେ ୬୫ ପଦ ଏସସି ପାଇଁ ସଂରକ୍ଷିତ ହେବ। ଏହାଛଡା ୩୨ ପୋଷ୍ଟ ଏସ୍ଟି ପାଇଁ ହେବ। ୩୪୦ ପଦ ଅଣସଂରକ୍ଷିତ ରହିବ। କେବଳ ସେତିକି ନୁହେଁ ଜୁନିଅର କୋର୍ଟ ଆସିଷ୍ଟାଣ୍ଟର ୨୦ ପଦ ଉପରେ ମଧ୍ୟ କୋଟା ଲାଗୁ ରହିବ। ଜୁନିଅର କୋର୍ଟ ଆଟେଣ୍ଡାଣ୍ଟଙ୍କୁ ମଧ୍ୟ ୬୦୦ ପଦରେ ସଂରକ୍ଷଣ ଲାଗୁ ହେବ। କେବଳ ସେତିକି ନୁହେଁ ଚାମ୍ବର ଆଟେଣ୍ଡାଣ୍ଟ ପଦରେ ମଧ୍ୟ କୋଟା ଲାଗୁ ହେବ। ସର୍କୁଲାରରେ କୁହାଯାଇଛି, ଯଦି ସଂରକ୍ଷଣ ନିୟମକୁ ଲାଗୁ କରାଯିବନି ତେବେ ଏହାର ଅଭିଯୋଗ ରେଜିଷ୍ଟ୍ରାରଙ୍କୁ କରାଯାଉ।

# ମୁଖ୍ୟମନ୍ତ୍ରୀଙ୍କ ନୂଆ ଘରେ ଖର୍ଚ୍ଚ ହେବ ୬୦ ଲକ୍ଷ



ନୂଆଦିଲ୍ଲୀ,୨।୭: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ନୂଆ ସରକାରୀ ବାସଭବନର ନବୀକରଣ ପାଇଁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଯାହା ପାଇଁ ପିଡବ୍ଲ୍ୟୁଡି ଏକ ଟେଣ୍ଡର ଜାରି କରିଛି। ପ୍ରକୃତରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଦୁଇଟି ବଙ୍ଗଳା ଆବଣ୍ଟିତ ହୋଇଛି। ୧ ନମ୍ବର ବଙ୍ଗଳା ତାଙ୍କ ବାସଭବନ ଭାବରେ ପ୍ରସ୍ତୁତ ହେଉଛି, ଯେତେବେଳେ ଦ୍ୱିତୀୟ ବଙ୍ଗଳାକୁ କ୍ୟାମ୍ପ୍ ଅଫିସ୍ ଭାବରେ ବ୍ୟବହାର କରାଯିବ। ବର୍ତ୍ତମାନ ରେଖା ଗୁପ୍ତା ଶାଲିମାର ବାଗରେ ତାଙ୍କ ବ୍ୟକ୍ତିଗତ ଘରେ ରୁହନ୍ତି। ପବ୍ଲିକ ୱାର୍କସ ବିଭାଗ (ପିଡବ୍ଲ୍ୟୁଡି) ବଙ୍ଗଳା ନମ୍ବର-୧ର ନବୀକରଣ ପାଇଁ ଜୁନ୍ ୨୮ରେ ଏକ ଟେଣ୍ଡର ଜାରି କରିଛି। ଯାହାର ମୋଟ୍ ଖର୍ଚ୍ଚ ପ୍ରାୟ ୬୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଏହି ନବୀକରଣର ପ୍ରଥମ ପର୍ଯ୍ୟାୟ ମୁଖ୍ୟତଃ ବୈଦ୍ୟୁତିକ ଉପକରଣ ସ୍ଥାପନ ଏବଂ ଅପଗ୍ରେଡିଂ ପାଇଁ ହେବ। ପିଡବ୍ଲ୍ୟୁଡି ଅନୁଯାୟୀ, ଏହି ବଙ୍ଗଳାକୁ ମୁଖ୍ୟମନ୍ତ୍ରୀଙ୍କ ବାସସ୍ଥାନ ପାଇଁ ଉପଯୁକ୍ତ କରିବା ପାଇଁ ଅନେକ ପରିବର୍ତ୍ତନ ଆବଶ୍ୟକ, କାରଣ ପୂର୍ବରୁ ଏହା ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ସଚିବାଳୟର କାର୍ଯ୍ୟାଳୟ ଭାବରେ ବ୍ୟବହୃତ ହେଉଥିଲା। ବଙ୍ଗଳାରେ ମୋଟ ୧୧୫ ୟୁନିଟ ଆଲୋକ ଉପକରଣ ସ୍ଥାପନ କରାଯିବ ଯେଉଁଥିରେ ଝୁଲି ଲାଇଟ, କାନ୍ଥ ଲାଇଟର ଏବଂ ତିନୋଟି ବଡ଼ ଝାଡୁ ଅନ୍ତର୍ଭୁକ୍ତ ହେବ। ଏସବୁର ମୋଟ୍ ମୂଲ୍ୟ ୬.୦୩ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ସରକାରଙ୍କ ବଡ଼ ନିଷ୍ପତ୍ତି

# ଟୁ-ହ୍ୱିଲରକୁ ଟ୍ୟାକ୍ସି ଭାବରେ କରିପାରିବେ ବ୍ୟବହାର




ନୂଆଦିଲ୍ଲୀ,୨।୭: କେନ୍ଦ୍ର ସରକାର ସରକାରଙ୍କ ବଡ଼ ଘୋଷଣା। ବ୍ୟକ୍ତିଗତ ଗାଡିକୁ ଓଲା-ଉବେର ଓ ରାପିଡୋରେ ବ୍ୟବସାୟିକ ଉପଯୋଗ ପାଇଁ କରିହେବ ବ୍ୟବହାର। ଏବେ ଯେ କୌଣସି ବ୍ୟକ୍ତି ନିଜର ବାଇକ୍ କିମ୍ବା ସ୍କୁଟିକୁ ଆପ୍ ଜରିଆରେ ପ୍ରାଇଭେଟ୍ ଟୁ-ହ୍ୱିଲର ଟାକ୍ସି ଭଳି ବ୍ୟବହାର କରିପାରିବେ। ସେଥିରୁ ଆୟ ମଧ୍ୟ ହୋଇପାରିବ। ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ମଙ୍ଗଳବାର ନୂଆ ମୋଟର ଭେଇକିଲ ଏଗ୍ରିଗେଟର ଗାଇଡଲାଇନ୍ ଜାରି କରିଛି। ଏହା ଅନୁସାରେ ରାଜ୍ୟ ସରକାର ଏବେ ଯାତ୍ରୀଙ୍କ ପରିବହନ ପାଇଁ ନନ୍-କମର୍ସିଆଲ ବା ବ୍ୟକ୍ତିଗତ ଦୁଇଚକିଆ ଗାଡିକୁ ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଦୀର୍ଘ ସମୟ ଧରି ଚାଲି ଆସୁଥିବା ପରିବହନ ସମସ୍ୟାର ସମାଧାନ କରିପାରିବ। ଟ୍ୟାକ୍ସି ଭାବରେ ପ୍ରାଇଭେଟ୍ ଟୁ ହ୍ୱିଲରର ବ୍ୟବହାର ବହୁ ସ୍ଥାନରେ ବେଆଇନ ବୋଲି ମନେକରାଯାଏ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଟ୍ରାଫିକ୍ ଜାମ୍ ଓ ଗାଡିଦ୍ୱାରା ହେଉଥିବା ପ୍ରଦୂଷଣ ମଧ୍ୟ କମ୍ କରିହେବ। ଏହାସହ ଲୋକଙ୍କୁ ଶସ୍ତାରେ ଯାତ୍ରା ସୁବିଧା, ହାଇପରଲୋକାଲ ଡେଲିଭରି ଓ ରୋଜଗାରର ନୂଆ ସୁଯୋଗ ମଧ୍ୟ ମିଳିପାରିବ। ଗାଇଡଲାଇନ୍ ଅନୁସାରେ, ରାଜ୍ୟ ସରକାର ମୋଟର ଭେଇକିଲ୍ ଆକ୍ଟର ଆଧାରା ୬୭(୩) ଅନୁସାରେ, ଏହି ଅନୁମତି ଦେଇ ପାରିବେ। ଘରୋଇ ମୋଟର ସାଇକେଲ୍ ପାସେଞ୍ଜର ସବାରୀ ପାଇଁ ଏଗ୍ରିଗେଟର୍ସ ଭଳି ଆପ୍ ଆଧାରିତ ସେବା ମାଧ୍ୟମରେ ବ୍ୟବହାର କରିପାରିବେ। ଏହାଛଡା ରାଜ୍ୟ ସରକାର ଏହି ସେବାକୁ ଅନୁମତି ଦେବା ବଦଳରେ ଏଗ୍ରିଗେଟର୍ସଙ୍କଠାରୁ ଫି' ଆଦାୟ କରିପାରିବେ। ଏହି ଫି' ପ୍ରତିଦିନ ଓ ପ୍ରତି ସପ୍ତାହ ଆଧାରରେ ଧାର୍ଯ୍ୟ କରାଯାଇଥାଏ। ବାଇକ୍ ଟ୍ୟାକ୍ସି ଚଳାଉଥିବା କମ୍ପାନୀ ଯେପରିକି ଓଲା, ରାପିଡୋ ଓ ଉବେର ଭଳି କମ୍ପାନୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି। ଏହି ପଦକ୍ଷେପ କର୍ଣ୍ଣାଟକରେ ଆଶ୍ୱସ୍ତି ଆଣିଛି। ନିକଟରେ ଏହି ସେବାକୁ ବନ୍ଦ କରିବା ପରେ ସେଠାରେ ବିରୋଧ ପ୍ରଦର୍ଶନ କରାଯାଇଥିଲା।

# ଶେଖ ହାସିନାଙ୍କୁ ୬ ମାସ ଜେଲ

ଢାକା,୨।୭: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମସ୍ୟା ଆହୁରି ବଢ଼ିଛି। ଅଦାଲତ ତାଙ୍କୁ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ବାଂଲାଦେଶୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କୁ ଛଅ ମାସ ଜେଲଦଣ୍ଡ ଦିଆଯାଇଛି। ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଦଣ୍ଡର ନିଷ୍ପତ୍ତି ଘୋଷଣା କରିଛନ୍ତି। ବୁଧବାର ମାମଲାର ଶୁଣାଣି କରି ଏକ ତିନି ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ତାଙ୍କ ରାୟ ଦେଇଛନ୍ତି। 'ଢାକା ଟ୍ରିବ୍ୟୁନ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଜଷ୍ଟିସ ମହମ୍ମଦ ଗୁଲାମ ମୁର୍ତାଜା ମଜୁମଦାର ଶେଖ ହାସିନାଙ୍କ ମାମଲାର ଶୁଣାଣି କରିଥିଲେ। ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଶେଖ ହାସିନାଙ୍କ ଏକ ଅଡିଓ କ୍ଲିପ ଲିକ ହୋଇଥିଲା। ଲିକ ହୋଇଥିବା ଅଡିଓ କ୍ଲିପରେ ଶେଖ ହାସିନା ଗୋବିନ୍ଦଗଞ୍ଜ ଉପଜିଲା ଅଧ୍ୟକ୍ଷ ଶକିଲ ବୁଲବୁଲଙ୍କ ସହ କଥା ହେଉଥିବା ଅଭିଯୋଗ ହୋଇଛି, ଯେଉଁଥିରେ ସେ କହିଥିଲେ, 'ମୋ ବିରୁଦ୍ଧରେ ୨୨୭ଟି ମାମଲା ରୁଜୁ ହୋଇଛି, ତେଣୁ ମୁଁ ଏହି ଲୋକମାନଙ୍କୁ ହତ୍ୟା କରିବାକୁ ଲାଇସେନ୍ସ ପାଇଛି।' କୋର୍ଟ ଅବମାନନା ମାମଲାରେ ଶକିଲ ବୁଲବୁଲଙ୍କୁ ଦୁଇ ମାସ ଜେଲ ଦଣ୍ଡ ଦିଆଯାଇଛି। ବୁଲବୁଲ ଢାକାର ଜଣେ ରାଜନୈତିକ ବ୍ୟକ୍ତିତ୍ୱ ଏବଂ ଆୱାମୀ ଲିଗର ଛାତ୍ର ଶାଖା ବାଂଲାଦେଶ ଛାତ୍ର ଲିଗ (ବିସିଏଲ୍) ସହିତ ଜଡିତ। ବାଂଲାଦେଶରେ ଛାତ୍ର ଭେଦଭାବ ବିରୁଦ୍ଧରେ ଷ୍ଟୁଡେଣ୍ଟ ଏଗେନଷ୍ଟ ଡିସ୍କ୍ରିମିନେଶନ (ଏସ୍ଏଡି) ଦ୍ୱାରା ହୋଇଥିବା ହିଂସାତ୍ମକ ପ୍ରତିବାଦ ପରେ ଶେଖ ହାସିନାଙ୍କୁ ଅଗଷ୍ଟ ୨୦୨୪ରେ ପଦରୁ ହଟାଇ ଦିଆଯାଇଥିଲା। ସରକାରୀ ଚାକିରିରେ କୋଟା ସଂସ୍କାର ଦାବି ସହିତ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା, କିନ୍ତୁ ଏହା ବହୁତ ହିଂସାତ୍ମକ ରୂପ ନେଇଥିଲା। ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ଜୁଲାଇ ମଧ୍ୟଭାଗରୁ ଅଗଷ୍ଟ ମଧ୍ୟଭାଗ ପର୍ଯ୍ୟନ୍ତ ପ୍ରାୟ ୧,୪୦୦ ଲୋକଙ୍କୁ ହତ୍ୟା କରାଯାଇଥିଲା। ହିଂସାତ୍ମକ ପ୍ରତିବାଦ ସମୟରେ ଶେଖ ହାସିନା ବାଂଲାଦେଶରୁ ଭାରତ ପଳାଇ ଆସିଥିଲେ। ବିଦ୍ରୋହ ସମୟରେ ନିଆଯାଇଥିବା ମାରାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କର ଅନେକ ପୂର୍ବତନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀ ଏବେ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଛନ୍ତି। ଶେଖ ହାସିନା ଚାଲିଯିବାର ତିନି ଦିନ ପରେ, ମହମ୍ମଦ ୟୁନୁସଙ୍କୁ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ପ୍ରଶାସନର ନେତୃତ୍ୱ ନେବା ପାଇଁ ନିଯୁକ୍ତ କରାଯାଇଥିଲା।



# କିଏ ହେବେ ଦଲାଇ ଲାମାଙ୍କ ଉତ୍ତରାଧିକାରୀ



ନୂଆଦିଲ୍ଲୀ,୨।୭: କିଏ ହେବେ ଦଲାଇ ଲାମାଙ୍କ ଉତ୍ତରାଧିକାରୀ। ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଲେ ନିଜେ ବୌଦ୍ଧ ଧର୍ମଗୁରୁ ତେନଜିନ ଗ୍ୟାତ୍ସୋ। ୧୫ତମ ଉତ୍ତରାଧିକାରୀ ଚୟନକୁ ନେଇ ଦେଲେ ବଡ଼ ବୟାନ। କହିଲେ ତାଙ୍କ ମୃତ୍ୟୁ ପରେ ହେବ ଉତ୍ତରାଧିକାରୀଙ୍କ ନାମ ଘୋଷଣା। ତିବ୍ବତୀ ବୌଦ୍ଧ ପରମ୍ପରା ଅନୁସାରେ ହେବ ଚୟନ ପ୍ରକ୍ରିୟା। ଏଥିରେ ଚୀନର ରହିବନି କୌଣସି ଭୂମିକା। ଗାଡେନ ଫୋଡରଙ୍ଗ ଟ୍ରଷ୍ଟକୁ ଦେଲେ ଦାୟିତ୍ୱ। ଦଲାଇ ଲାମା ସ୍ପଷ୍ଟ କରିଛନ୍ତି ଯେ, ଭବିଷ୍ୟତରେ ବି ଦଲାଇ ଲାମା ସଂସ୍ଥା ଜାରି ରହିବ। ପରବର୍ତ୍ତୀ ଦଲାଇ ଲାମାଙ୍କ ଚୟନ କେବଳ ଗାଡେନ ଫୋଡରଙ୍ଗ ଟ୍ରଷ୍ଟର ଆଧିକାର ରହିବ। ଏଥିରେ ଅନ୍ୟ କୌଣସି ବ୍ୟକ୍ତି, ସଙ୍ଗଠନ କିମ୍ବା ସରକାର ହସ୍ତକ୍ଷେପ କରିବେ ନାହିଁ। ଚୟନ ପ୍ରକ୍ରିୟାରେ ଚୀନର ମଧ୍ୟ କୌଣସି ଭୂମିକା ନାହିଁ। ଏହି ସମୟରେ ସେ ୨୦୧୧ର ଏକ ପ୍ରତିଜ୍ଞା ବିଷୟରେ ମନେ ପକାଇଛନ୍ତି। ଜୁଲାଇ ୬ରେ ଦଲାଇ ଲାମାଙ୍କ ୯୦ ବର୍ଷ ବୟସରେ ପାଦ ଥାପିବେ। ସେ ତାଙ୍କର ଏକ ପୁସ୍ତକ ଭଏସ୍ ଫର ଦ ଭଏସଲେସ୍‌ରେ ଲେଖିଛନ୍ତି ଯେ, ତାଙ୍କର ପରବର୍ତ୍ତୀ ଅବତାର ଚୀନ ବାହାରେ, ସ୍ୱତନ୍ତ୍ର ଦୁନିଆରେ ହେବ। ସମ୍ଭବତଃ ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ହୋଇପାରେ। ଯେଉଁଠାରେ ତିବ୍ବତୀ ବୌଦ୍ଧ ଧର୍ମର ସ୍ୱତନ୍ତ୍ରତା ରହିବ। ସେ କହିଛନ୍ତି ଯେ, ପୁନର୍ଜନ୍ମର ଉଦ୍ଦେଶ୍ୟ ମୋ କାମକୁ ଆଗକୁ ନେବା। ଏଥିପାଇଁ ନୂଆ ଦଲାଇ ଲାମା ଏକ ସ୍ୱତନ୍ତ୍ର ବିଶ୍ୱରେ ଜନ୍ମ ନେବେ। ଯାହାଦ୍ୱାରା ସେ ତିବ୍ବତୀ ବୌଦ୍ଧ ଧର୍ମର ନେତୃତ୍ୱ ଏବଂ ତିବ୍ବତୀ ଲୋକଙ୍କ ଆକାଂକ୍ଷାର ପ୍ରତୀକ ହୋଇପାରିବେ। ଚୀନ ଦଲାଇ ଲାମାଙ୍କ ଏହି ବୟାନଙ୍କୁ ଖାରଜ କରିଛି। ଚୀନର ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ମାଓ ନିଙ୍ଗ କହିଛନ୍ତି ଯେ, ଦଲାଇ ଲାମା ଜଣେ ରାଜନୈତିକ ନିର୍ବାସିତ ବ୍ୟକ୍ତି। ତାଙ୍କୁ ତିବ୍ବତୀ ଲୋକଙ୍କ ପ୍ରତିନିଧିତ୍ୱ କରିବାର କୌଣସି ଅଧିକାର ନାହିଁ। ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ଚୀନ ଆଇନ ଏବଂ ପରମ୍ପରା ଅନୁସାରେ ହେବା ଉଚିତ୍।

# ଇସ୍କନ ମନ୍ଦିର ଉପରେ ଗୁଳିମାଡ଼



ଆମେରିକା,୨।୭: ଇସ୍କନ ମନ୍ଦିର ଉପରେ ଗୁଳିମାଡ଼। ଆମେରିକା ଉଟାହର ସ୍ପାନିଶ ଫୋର୍କ ଇସ୍କନ ରାଧା କୃଷ୍ଣ ମନ୍ଦିରରେ ୨୦ରୁ୩୦ ଗୁଳିମାଡ ହୋଇଛି । ଫାୟାରିଂରେ ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗତକାଲି ମନ୍ଦିର ଭିତରେ ଭକ୍ତ ଓ ଅତିଥିମାନେ ଉପସ୍ଥିତ ଥିବା ବେଳେ ଗୁଳିମାଡ ହୋଇଥିବା ଇସ୍କନ ପକ୍ଷରୁ ସୂଚନା ଦିଆଯାଇଛି । ମୁଖ୍ୟ ପୂଜା ହଲର କାନ୍ଥକୁ ଭେଦ କରିଛି ଗୁଳି। ଫଳରେ ଭକ୍ତଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ଘଟଣାର ତଦନ୍ତ କରୁଛି । ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଉଛି। ଇସ୍କନ ମନ୍ଦିର ଅଧିକାରୀ ସ୍ଥାନୀୟ ସମୁଦାୟଙ୍କ ବୈଠକ ଡାକିଛନ୍ତି । ମନ୍ଦିର ପରିସରରେ ସୁରକ୍ଷା ବୃଦ୍ଧି ପାଇଁ ଅତିରିକ୍ତ ପଦକ୍ଷେପ ନେବାକୁ ଯୋଜନା କରୁଛନ୍ତି। ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନାହିଁ । ଭାରତ ସରକାର ଏହି ଘଟଣାରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ।

# ଭାରତ ସହ ସବୁଠୁ ବଡ଼ ଡିଲ୍ କରିବେ ପୁଟିନ୍



ନୂଆଦିଲ୍ଲୀ,୨।୭: ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆଗାମୀ ସେପ୍ଟେମ୍ବର ମାସରେ ଭାରତ ଗସ୍ତ ପୂର୍ବରୁ ରୁଷ ଭାରତକୁ ଏକ ବଡ଼ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବରେ ରୁଷ ଭାରତୀୟ ନୌସେନାକୁ ପରମାଣୁ ଶକ୍ତିଚାଳିତ ସମ୍ବରିନ, ପୁନରୁଦ୍ଧାର କରାଯାଇଥିବା କିଲୋ ଶ୍ରେଣୀର ସବମାରାଇନ ଏବଂ ଦୀର୍ଘ ଦୂରତାର କାଲିବର କ୍ରୁଜ ମିସାଇଲ ଯୋଗାଇ ଦେବାକୁ ପ୍ରସ୍ତୁତ ହୋଇଛି। ଏହା ଭାରତର ଜଳସୀମା ଯୁଦ୍ଧ କ୍ଷମତାକୁ ନିଶ୍ଚିତ ଭାବେ ବୃଦ୍ଧି କରିବ।

ସୂଚନା ଅନୁସାରେ, ରୁଷିଆ ଭାରତକୁ ଏକ ଦ୍ୱିତୀୟ ଆକୁଲା ଶ୍ରେଣୀର ପରମାଣୁ ଶକ୍ତିଚାଳିତ ଆକ୍ରମଣ ସବମାରାଇନ ଲିଜରେ ଏବଂ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଛି। ଏହା ସହିତ ଛଅଟି ପୁନରୁଦ୍ଧାର କରାଯାଇଥିବା କିଲୋ ଶ୍ରେଣୀର ସବମାରାଇନ ଏବଂ ୧୫୦୦ କିଲୋମିଟର ପରିସର ବିଶିଷ୍ଟ କାଲିବର କ୍ରୁଜ ମିସାଇଲ ମଧ୍ୟ ପ୍ରଦାନ କରାଯିବ। ଏହି ପ୍ରସ୍ତାବ ଭାରତର ନୌସେନାର ପୁରୁଣା ସବମାରାଇନକୁ ବଦଳାଇବା ଏବଂ ଆଧୁନିକ ଯୁଦ୍ଧ କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ଆସିଛି।

ବର୍ତ୍ତମାନ ଭାରତ ପାଖରେ ୧୭ଟି ପାରମ୍ପରିକ ସମ୍ବରିନ ରହିଛି, ଯେଉଁଗୁଡିକ ଦୁଇ-ତୃତୀୟାଂଶ ୧୯୮୦ ଦଶକରେ କିଣାଯାଇଥିଲା ଏବଂ ଏବେ ସେଗୁଡିକୁ ସେବା ଜୀବନ ଶେଷ ହେଉଛି। ଏହି ପରିପ୍ରେକ୍ଷୀରେ ଭାରତ ନୂଆ ସବମାରାଇନ ଆବଶ୍ୟକ କରୁଛି। ଭାରତ ବର୍ତ୍ତମାନ ପ୍ରୋଜେକ୍ଟ ୭୫ଆଇ ଉପରେ କାମ କରୁଛି, ଯାହା ଦ୍ୱାରା ନୌସେନାର କ୍ଷମତାକୁ ଆହୁରି ବୃଦ୍ଧି କରାଯିବ।

ଏହି ଆକୁଲା ଶ୍ରେଣୀର ସବମାରାଇନ ୨୦୨୮ ସୁଦ୍ଧା ଭାରତୀୟ ନୌସେନାକୁ ହସ୍ତାନ୍ତର କରାଯିବ, ଯାହା ୨୦୧୯ରେ ସ୍ୱାକ୍ଷରିତ ୩ ବିଲିୟନ ଡଲାରର ଏକ ଆନ୍ତଃସରକାରୀ ଚୁକ୍ତିର ଅଂଶ। ଏହି ସବମାରାଇନ ଅତ୍ୟାଧୁନିକ ୩ଏମ୧୪କେ କାଲିବର (ଏସଏସ-ଏନ-୩୦ଏ) କ୍ରୁଜ ମିସାଇଲରେ ସଜ୍ଜିତ ହେବ, ଯାହାର ଆକ୍ରମଣ ପରିସର ୧୫୦୦ରୁ ୨୦୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି। ଏହା ପୂର୍ବ ଯୋଜନାର ୫୦୦-୬୦୦ କିଲୋମିଟର ତୁଳନାରେ ଏକ ବ ଉନ୍ନତି। ଅନ୍ୟପକ୍ଷରେ, ପୁନରୁଦ୍ଧାର କରାଯାଇଥିବା କିଲୋ ଶ୍ରେଣୀର ସବମାରାଇନକୁ ନୋଭାଟର କାଲିବର କ୍ରୁଜ ମିସାଇଲରେ ସଜ୍ଜିତ ହେବ, ଯାହା ଭାରତୀୟ ନୌସେନାର ମାରିଟାଇମ ଏବଂ ସ୍ଥଳଭାଗ ଆକ୍ରମଣ କ୍ଷମତାକୁ ବୃଦ୍ଧି କରିବ। ଏହି ସବମାରାଇନଗୁଡିକୁ ସମସ୍ତ ଛଅଟି ଟର୍ପେଡୋ ଟ୍ୟୁବରୁ ମିସାଇଲ ଉତକ୍ଷେପଣ କରାଯାଇପାରିବ, ଯାହା ବର୍ତ୍ତମାନର ଭାରତୀୟ କିଲୋ ଫ୍ଲିଟ୍ରେ ମାତ୍ର ଦୁଇଟି ଟ୍ୟୁବ ମାଧ୍ୟମରେ ମିସାଇଲ ଉତ୍କ୍ଷେପଣର ସୀମିତ କ୍ଷମତା ତୁଳନାରେ ଏକ ବ ଉନ୍ନତି।

ପୁଟିନଙ୍କ ଏହି ଗସ୍ତ ରୁଷ-ୟୁକ୍ରେନ ଯୁଦ୍ଧ ପରେ ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ଜୁଲାଇରେ ମସ୍କୋ ଗସ୍ତ କରି ୨୨ତମ ଭାରତ-ରୁଷ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଏବେ ୨୩ତମ ସମ୍ମିଳନୀ ପୂର୍ବରୁ ରୁଷ ଏହି ପ୍ରସ୍ତାବ ଦେଇଛି, ଯାହା ଆମେରିକା ପ୍ରଦାନ କରିପାରୁନଥିବା କ୍ଷେତ୍ର ଯଥା ପରମାଣୁ ସବମାରାଇନ, ଦୀର୍ଘ ଦୂରତାର କ୍ରୁଜ ମିସାଇଲ ଏବଂ ଏସ-୫୦୦ ଆକାଶ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛି।

ଏହି ପ୍ରସ୍ତାବ ଭାରତର ଇଣ୍ଡୋ-ପାସିଫିକ ଅଞ୍ଚଳରେ ବୃଥିବା ରଣନୀତିକ ପ୍ରତିଯୋଗିତା ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆକୁଲା ଶ୍ରେଣୀର ସବମାରାଇନ ଏବଂ କାଲିବର ମିସାଇଲ ଭାରତର ନୌସେନାକୁ ଅତ୍ୟାଧୁନିକ ଯୁଦ୍ଧ କ୍ଷମତା ଯୋଗାଇବ, ଯାହା ଦୀର୍ଘ ଦୂରତାର ଆକ୍ରମଣ ଏବଂ ଜଳସୀମା ସୁରକ୍ଷାରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ। ଏହି ଚୁକ୍ତି ସ୍ୱାକ୍ଷରିତ ହେଲେ ଭାରତ-ରୁଷ ମଧ୍ୟରେ ଦୀର୍ଘକାଳୀନ ପ୍ରତିରକ୍ଷା ସହଯୋଗୀତାକୁ ଆହୁରି ମଜବୁତ କରିବ ଏବଂ ଭାରତର ନୌସେନାକୁ ଆଧୁନିକ ଯୁଗର ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ କରିବ।

# ଶାମିଙ୍କୁ ଝଟକା, ପତ୍ନୀଙ୍କ ସପକ୍ଷରେ ହାଇକୋର୍ଟଙ୍କ ରାୟ

**ନୂଆଦିଲ୍ଲୀ,୨।୭(ସଂଚାର ବ୍ୟୁରୋ):** ଟିମ୍ ଇଣ୍ଡିଆର ଷ୍ଟାର ବୋଲର ମହମ୍ମଦ ଶାମିଙ୍କୁ ଏକ ବଡ଼ ଝଟକା ଲାଗିଛି । ଏହା ତାଙ୍କ କ୍ୟାରିୟର ବିଷୟରେ ନୁହେଁ ବରଂ ଛାଡପତ୍ର ମାମଲାରେ । କଲିକତା ହାଇକୋର୍ଟ ତାଙ୍କ ପତ୍ନୀ ହାସିନ ଜାହାଁଙ୍କ ସପକ୍ଷରେ ରାୟ ଦେଇଛନ୍ତି । ଏବେ ଶାମିଙ୍କୁ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କା ଅଲଗା ହୋଇ ରହୁଥିବା ତାଙ୍କ ପତ୍ନୀଙ୍କୁ ଦେବାକୁ ପଡିବ । ଝିଅ ଏବଂ ସ୍ତ୍ରୀଙ୍କ ଖର୍ଚ୍ଚ ବୁଝୁଛନ୍ତି । ଶାମିଙ୍କ ଆୟ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। କୋର୍ଟ ଷ୍ଟାର କ୍ରିକେଟରଙ୍କୁ ତାଙ୍କଠାରୁ ଦୂରେଇ ଯାଇଥିବା ପତ୍ନୀ ହସିନ ଜାହାନ ଓ ଝିଅ ଆୟରାଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଭରଣପୋଷଣ ବାବଦରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ହସିନ ଜାହାନଙ୍କୁ ପ୍ରତି ମାସରେ ୧.୫୦ ଲକ୍ଷ ଟଙ୍କା ଏବଂ ଝିଅକୁ ୨.୫୦ ଲକ୍ଷ ଟଙ୍କା ଦେବାକୁ ପଡିବ। ସୂଚନା ଅନୁଯାୟୀ, ହସିନ ଜାହାନ ହାଇକୋର୍ଟରୁ ଶାମିଙ୍କଠାରୁ ପ୍ରତି ମାସରେ ୭ ଲକ୍ଷ ଟଙ୍କା ଦାବି କରିଥିଲେ, ଯେଉଁଥିରେ ସେ କହିଥିଲେ ଯେ ତାଙ୍କର ମାସିକ ଖର୍ଚ୍ଚ ୬.୫ ଲକ୍ଷ ଟଙ୍କା । କିନ୍ତୁ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ।

ହସିନ ଜାହାନ ଏବଂ ଶାମିଙ୍କ ମଧ୍ୟରେ ବିବାଦ ଦୀର୍ଘ ଦିନ ଧରି ଚାଲିଛି । ପୂର୍ବରୁ ଆଲିପୁର କୋର୍ଟ ଶାମିଙ୍କୁ ତାଙ୍କ ସ୍ତ୍ରୀ ଏବଂ ପିଲାଙ୍କ ପାଇଁ ପ୍ରତି ମାସରେ ୮୦,୦୦୦ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଜଜ୍ ଏହାକୁ ପରିବର୍ତ୍ତନ କରି ମାସିକ ମୋଟ ୧.୩ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହସିନ ଜାହାନ ଏଥିରେ ମଧ୍ୟ ଖୁସି ନଥିଲେ । ସେ କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ, ହାଇକୋର୍ଟ ହସିନ ଜାହାନଙ୍କ ସପକ୍ଷରେ ରାୟ ଦେଇଥିଲେ । ଏବେ ଶାମିଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ ପଡିବ। ତେବେ ଏନେଇ ଶାମିଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।



## ଦ୍ୱିତୀୟ ଟେଷ୍ଟ: ଜୈସ୍ୱାଲ୍‌ଙ୍କ ଅର୍ଦ୍ଧଶତକ

# ଗିଲ୍‌ଙ୍କ ଲଗାତାର ଶତକ, ଦୃଢ଼ ସ୍ଥିତିରେ ଭାରତ



**ବର୍ମିଂହାମ,୨।୭:** ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଆଜି ଏଠାରେ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନର ଖେଳକୁ ଭ୍ରମଣକାରୀ ଭାରତୀୟ ଦଳର ନିଜ ନାମରେ କରିଛି। ଘରୋଇ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ୫ ୱିକେଟ୍ ହରାଇ ୩୧୦ ରନ୍ ସଂଗ୍ରହ କରି ଦୃଢ଼ ସ୍ଥିତିରେ ରହିଛି। ଅଧିନାୟକ ଶୁଭମନ ଗିଲ୍ କ୍ରମାଗତ ଦ୍ୱିତୀୟ ଶତକ ଅର୍ଜନ କରିବା ସହ ୧୧୪ ଓ ରବୀନ୍ଦ୍ର ଜାଡେଜା ୪୧ ରନ୍ କରି ଅପରାଜିତ ଅଛନ୍ତି। ଉଭୟ ଷଷ୍ଠ ୱିକେଟ୍ ପାଇଁ ଅପରାଜିତ ଭାବେ ୯୯ ରନ୍‌ର ଭାଗୀଦାରୀ କରିସାରିଛନ୍ତି। ଏହା ପୂର୍ବରୁ ଓପନର୍ ଯଶସ୍ୱୀ ଜୟସ୍ୱାଲ୍ ୮୭ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିବା ବେଳେ କରୁନ୍ ନାୟାର ୩୧ ଓ ରିଷଭ ପନ୍ତ ୨୫ ରନ୍‌ର ଯୋଗଦାନ ଦେଇଛନ୍ତି।

ବର୍ମିଂହାମର ଏଜବାଷ୍ଟନ୍ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଅଧିବେଶନରେ ୯୮ ରନ୍‌ରେ ୨ ୱିକେଟ୍ ହରାଇବା ପରେ ଭାରତୀୟ ଦଳ ଚା' ବିରତି ପର୍ଯ୍ୟନ୍ତ ଭଲ ପ୍ରତ୍ୟାବର୍ତ୍ତନ କରିଥିଲା। ସେତେବେଳକୁ ଭାରତୀୟ ଦଳର ସ୍କୋର ୩ ୱିକେଟ୍ ବିନିମୟରେ ୧୮୨ ରନ୍ ଥିଲା। କିନ୍ତୁ, ତୃତୀୟ ଅଧିବେଶନ ଆରମ୍ଭରେ ଦଳ ଲଗାତାର ୨ ଓଭରରେ ପନ୍ତ ଓ ନୀତିଶ ରେଡ୍ଡୀଙ୍କ ୱିକେଟ୍ ହରାଇଥିଲା। ଫଳରେ ଦଳର ୫ ବ୍ୟାଟ୍ସମ୍ୟାନ୍ ୨୧୧ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ଏପରି ପରିସ୍ଥିତିରେ ଅଧିନାୟକ ଗିଲ ଏବଂ ଅଭିଜ୍ଞ ଜାଡେଜା ଷଷ୍ଠ ୱିକେଟ ପାଇଁ ଦୃଢ଼ ଭାବେ ବ୍ୟାଟିଂ କରି ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଆଉ କୌଣସି କ୍ଷତି ହେବାକୁ ଦେଇନଥିଲେ। ଗିଲ୍‌ଙ୍କ ଇନିଂସରେ ୧୨ଟି ଚୌକା ରହିଥିବା ବେଳେ ଜୟସ୍ୱାଲ୍ ୧୩ଟି ଚୌକା ମାଧ୍ୟମରେ ଦୃଢ଼ ଇନିଂସ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ୨ଟି ୱିକେଟ ନେଇଥିବା ବେଳେ ବ୍ରାଇଡନ୍ କାର୍ସେ, ସୋଏବ ବଶିର ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ସୂଚନାଯୋଗ୍ୟ ଯେ ସିରିଜ୍‌ରେ ଭାରତ ୦-୧ରେ ପଛୁଆ ରହିଛି।



# ମାଉଣ୍ଟ୍ ୟୁନମ୍ ଚଢ଼ିଲେ ଦୀପକ

**ଭୁବନେଶ୍ୱର, ୨।୭ (ସଂଚାର ବ୍ୟୁରୋ):** ଆଉ ଜଣେ ଉଦୀୟମାନ ପର୍ବତାରୋହୀ ଦୀପକ କୁମାର ମହାନ୍ତ ମାଉଣ୍ଟ୍ ୟୁନମ୍ ଆରୋହଣ କରିବାରେ ସଫଳ ହୋଇଛନ୍ତି। ହିମାଚଳପ୍ରଦେଶର ଲାହୌଲ ଓ ସ୍ପିତିରେ ଅବସ୍ଥିତ ୬୧୧୧ ମିଟର୍ ଉଚ୍ଚତା ବିଶିଷ୍ଟ ମାଉଣ୍ଟ୍ ୟୁନମ୍‌କୁ ଆରୋହଣ କରିଥିବା ଏକ ୧୦ ଜଣିଆ ଅଭିଯାତ୍ରୀ ଦଳରେ ଦୀପକ ଏକମାତ୍ର ଓଡ଼ିଆ ପର୍ବତାରୋହୀ ଥିଲେ। ୨୦୨୨ରେ ସେ ବେସିକ୍ ଏବଂ ୨୦୨୪ରେ ଆଡ୍‌ଭାନ୍ସ ପର୍ବତାରୋହଣ ପାଠ୍ୟକ୍ରମ ସମୟରେ ଦୁଇଟି (ମାଉଣ୍ଟ୍ ଶକ୍ତିଧର ଓ ମାଉଣ୍ଟ୍ କାବ୍ରୁ ଡୋମ୍) ୫୦୦୦ ମିଟର୍‌ରୁ ଉର୍ଦ୍ଧ୍ୱ ପର୍ବତାରୋହଣ କରିଥିଲେ। ପ୍ରଥମ ଥର ପାଇଁ ୬୦୦୦+ ଆରୋହଣ କରି ଆତ୍ମବିଶ୍ୱାସ ବଢ଼ାଇଥିବା 'ସମ୍ବାଦ'କୁ କହିଛନ୍ତି। କେନ୍ଦୁଝର ଜୋଡ଼ା ନିକଟସ୍ଥ କାସିଆ ଗାଁର ଦୀପକ ମଙ୍ଗଳବାର ଓଡ଼ିଶା ଫେରିବା ପରେ ତାଙ୍କୁ ରାଜ୍ୟର ସର୍ବପୁରାତନ ଦୁଃସାହସିକ ଅନୁଷ୍ଠାନ 'ଆସା' ପକ୍ଷରୁ ସ୍ୱାଗତ ସମ୍ବର୍ଧନା ଦିଆଯାଇଛି। 'ଆସା'ର ସମ୍ପାଦକ ଏଭରେଷ୍ଟର୍ ଗଣେଶ ଚନ୍ଦ୍ର ଜେନା, ଉପଦେଷ୍ଟା ଅଶୋକ ମହାନ୍ତିଙ୍କ ସହ ଶକ୍ତିରଂଜନ ମହାନ୍ତି, ହରେଶ କୁମାର ମିଶ୍ର, ଶିବଶଙ୍କର ପଣ୍ଡା, ବିକ୍ରମ କିଶୋର ଦାସ ପ୍ରମୁଖ ସ୍ୱାଗତ କରିଥିଲେ। ଓଡ଼ିଶା ଫେରିବା ପରେ ଦୀପକ କିନ୍ତୁ ନିଜ ଘରକୁ ଯିବା ବାଟରେ ଘଟଗାଁରେ ମା ତାରିଣୀଙ୍କୁ ଦର୍ଶନ କରିଥିଲେ। ମାଉଣ୍ଟ୍ ୟୁନମ୍ ଶୀର୍ଷରେ ମଧ ସେ ମା'ଙ୍କ ପତାକା ସ୍ଥାପନ କରିଥିଲେ। ଜଣେ ପାନ ଦୋକାନୀର ଏହି ୩୦ ବର୍ଷୀୟ ପୁଅ ଭବିଷ୍ୟତ ପାଇଁ ବଡ଼ ସ୍ୱପ୍ନ ଦେଖିଲେ ମଧ ଆର୍ଥିକ ଅନଟନ ବାଧା ଉପୁଜାଇଛି।

# ସ୍ୱିଜରଲାଣ୍ଡରେ ଛୁଟି କଟାଉଛନ୍ତି ରୋହିତ



**ଲୁସାନେ, ୨।୭:** ଭାରତୀୟ ଦଳର ସୀମିତ ଓଭର ଅଧିନାୟକ ରୋହିତ ଶର୍ମା ଏବେ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି। ଏହି ଖାଲି ସମୟକୁ 'ହିଟ୍ ମ୍ୟାନ୍' ପରିବାର ସହ କଟାଇବାରେ ଖର୍ଚ୍ଚ କରୁଛନ୍ତି। ପତ୍ନୀ ରିତିକା, ଝିଅ ସମାଇରା ଓ ପୁଅ ଆହନ ସହ ସଂପ୍ରତି ସ୍ୱିଜରଲାଣ୍ଡରେ ଛୁଟି କଟାଉଛନ୍ତି। ସେଠାକାର ମନଲୋଭା ପ୍ରାକୃତିକ ପରିବେଶର ମଜା ଉଠାଉଛନ୍ତି। ଇନ୍‌ଷ୍ଟାଗ୍ରାମରେ ମଧ ଏହାର ଫଟୋ ପ୍ରକାଶ କରି ପ୍ରଶଂସକଙ୍କୁ ଅବଗତ କରାଉଛନ୍ତି। ରୋହିତ ଅବଶ୍ୟ ସ୍ୱିଜରଲାଣ୍ଡର କେଉଁ ଅଞ୍ଚଳରେ ବୁଲାବୁଲି କରୁଛନ୍ତି, ତା'ର ସୂଚନା ଦେଇ ନାହାନ୍ତି। ତେବେ ସଂପ୍ରତି ସେ ସ୍ୱିଜରଲାଣ୍ଡର କଣ୍ଡରଷ୍ଟେଜ୍ ନାମକ ଏକ ଗାଁରେ ଥିବା ପ୍ରଶଂସକମାନେ ଅନୁମାନ କରିଛନ୍ତି। ଏହି ଗାଁ ସ୍ୱଚ୍ଛ ନୀଳ ଜଳ ବିଶିଷ୍ଟ ହ୍ରଦ ଏବଂ ଅପରୂପ ସୌନ୍ଦର୍ଯ୍ୟଭରା ପର୍ବତାଞ୍ଚଳ ପାଇଁ ବେଶ୍ ପରିଚିତ। ଏପ୍ରିଲରେ ୩୮ତମ ଜନ୍ମଦିବସ ପାଳନ କରିଥିବା ରୋହିତ ମେ ମାସରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ୨୦୨୪ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ ପରେ ଟ୍ୱେଣ୍ଟି-୨୦ରୁ ଅବସର ଘୋଷଣା କରିଥିଲେ। ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି।

# ବଡ଼ ବିପର୍ଯ୍ୟୟ; ପେଗୁଲା, ଝେଙ୍ଗ୍ ପ୍ରଥମ ରାଉଣ୍ଡରୁ ବିଦା

**ଲଣ୍ଡନ, ୨।୭:** ଚଳିତ ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୟୁଏସ୍ ଓପନ୍ ଉପବିଜୟିନୀ ତଥା ତୃତୀୟ ମାନ୍ୟତାପ୍ରାପ୍ତ ଜେସିକା ପେଗୁଲା ଏବଂ ପ୍ୟାରିସ୍ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟିନୀ ଝେଙ୍ଗ୍ କ୍ୱିନ୍‌ୱେନ୍‌ଙ୍କ ୱିମ୍ବଲଡନ୍ ଅଭିଯାନ ପ୍ରଥମ ରାଉଣ୍ଡରେ ଶେଷ ହୋଇଛି। ଆମେରିକାର ପେଗୁଲାଙ୍କୁ ୬-୨, ୬-୩ ସେଟ୍‌ରେ ବିଶ୍ୱର ୧୧୬ ନମ୍ବର ଇଟାଲୀ ଲଳନା ଏଲିସାବେଟା କୋସିଆରେଟୋ ହରାଇ ବିଦାୟ ରାସ୍ତା ଦେଖାଇଥିଲେ। କୋସିଆରେଟୋ ଏଥିସହ ପେଗୁଲାଙ୍କଠୁ ଦୁଇ ବର୍ଷ ତଳର ୱିମ୍ବଲଡନ୍ ପରାଜୟର ପ୍ରତିଶୋଧ ନେଇଛନ୍ତି। ପଞ୍ଚମ ମାନ୍ୟତାପ୍ରାପ୍ତ ଝେଙ୍ଗ୍ କଡ଼ା ସଂଘର୍ଷ କରି ୫-୭, ୬-୪, ୧-୬ ସେଟ୍‌ରେ ଚେକ୍‌ଗଣରାଜ୍ୟର କାଟେରିନା ସିନିଆକୋଭାଙ୍କଠୁ ହାରିଯାଇଥିଲେ। ପୁରୁଷ ଏକକରେ ବିଶ୍ୱର ଏକ ନମ୍ବର ଜାନିକ ସିନ୍ନର, ୧୧ ନମ୍ବର ଆଲେକ୍ସ ଡି'ମିନୁର ଓ ୧୩ ନମ୍ବର ଟମି ପଲ୍ ସହଜ ବିଜୟ ସହ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ଇଟାଲିର ସିନ୍ନର ୬-୪, ୬-୩, ୬-୦ ସେଟ୍‌ରେ ନିଜ ଦେଶର ଲୁକା ନାର୍ଡିଙ୍କୁ, ଡି'ମିନୁର ୬-୨, ୬-୨, ୭-୬ ସେଟ୍‌ରେ ସ୍ପେନ୍‌ର ରୋବର୍ଟୋ କାର୍ବାଲେସ ବାଏନାଙ୍କୁ ଏବଂ ପଲ୍ ୬-୪, ୬-୪, ୬-୨ ସେଟ୍‌ରେ ବ୍ରିଟିସ୍ ଖେଳାଳି ଜୋହାନସ ମନ୍‌ଡେଙ୍କୁ ପରାସ୍ତ କରିଥିଲେ। ତେବେ ଗତ ସଂସ୍କରଣ ସେମିଫାଇନାଲିଷ୍ଟ ଇଟାଲିର ଲୋରେଞ୍ଜୋ ମୁସେଟି ୨-୬, ୬-୪, ୫-୭, ୧-୬ ସେଟ୍‌ରେ ଜର୍ଜିଆର ନିକୋଲୋଜ ବାସିଲାଶଭିଲିଙ୍କଠୁ ଏବଂ ୩ ନମ୍ବର ଆଲେକ୍‌ଜାଣ୍ଡର ଭେରେଭ ୬-୭, ୭-୬, ୩-୬, ୭-୬, ୪-୬ ସେଟ୍‌ରେ ଫ୍ରାନ୍ସର ଆର୍ଥର ରିଣ୍ଡରନେଚ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।

## ପେରିକାର୍ଡ କଲେ ଦ୍ରୁତତମ ସର୍ଭିସ୍ ରେକର୍ଡ



ଫ୍ରାନ୍ସର ୬ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଜିଏଭାନି ପେରିକାର୍ଡ ଚଳିତ ୱିମ୍ବଲଡନ୍ ଓପନ୍‌ରେ ଇତିହାସ ରଚିଛନ୍ତି। ୱିମ୍ବଲଡନ୍ ଇତିହାସର ଦ୍ରୁତତମ ସର୍ଭିସ୍ ମାରିବାର ରେକର୍ଡ ନିଜ ନାମରେ ଲିପିବଦ୍ଧ କରି ନେଇଛନ୍ତି ସେ। ପଞ୍ଚମ ସିଡ୍ ଟେଲର ଫ୍ରିଜ୍‌ଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ର ପ୍ରଥମ ଗେମ୍‌ରେ ହିଁ ପେରିକାର୍ଡ ଘଣ୍ଟାପ୍ରତି ୨୪୬ କିଲୋମିଟର ବେଗରେ ସର୍ଭିସ୍ କରିଥିଲେ। ହେଲେ ଫ୍ରିଜ୍ କେବଳ ଏହାକୁ ସଫଳତାର ସହ ରିଟର୍ଣ୍ଣ କରି ନଥିଲେ, ବରଂ ପଏଣ୍ଟ୍ ବି ଜିତି ନେଇଥିଲେ। ପେରିକାର୍ଡ କିନ୍ତୁ ପ୍ରଥମ ଦୁଇ ସେଟ୍ ଜିତି ନେଇଥିଲେ। ଫ୍ରିଜ୍ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଯାଇଥିଲେ। ସମୟ ଅଭାବରୁ ସୋମବାର ଏହି ମ୍ୟାଚ୍ ସେହିଠାରେ ସ୍ଥଗିତ ରହିଥିଲା। ମଙ୍ଗଳବାର ପଞ୍ଚମ ତଥା ଶେଷ ସେଟ୍‌କୁ ଜିତି ଫ୍ରିଜ୍ ମ୍ୟାଚ୍‌କୁ ନିଜ ନାଁରେ କରି ଦେଇଥିଲେ। ଫଳରେ ନୂଆ ରେକର୍ଡ ସତ୍ତ୍ୱେ ପେରିକାର୍ଡ ନୈରାଶ୍ୟଜନକ ଭାବେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ପେରିକାର୍ଡ ଏହିକ୍ରମରେ ୨୦୧୦ ମସିହାରେ ଆମେରିକାର ଟେଲର ଡେଣ୍ଟ୍ ମାରିଥିବା ଘଣ୍ଟାପ୍ରତି ୨୩୮ କିଲୋମିଟର ବେଗର ସର୍ଭିସ୍ ରେକର୍ଡକୁ ଭାଙ୍ଗିଥିଲେ। ଏହି ରେକର୍ଡ ସେ ପୂର୍ବବିଜେତା ନୋଭାକ ଜୋକୋଭିକ୍‌ଙ୍କ ବିପକ୍ଷ ମ୍ୟାଚ୍‌ରେ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତଦନ୍ତ...

୮ ତାରିଖ ପର୍ଯ୍ୟନ୍ତ ସେମାନେ ସେଠାରେ ରହିବେ। କମିଟିରେ ସ୍ଥାନ ପାଇଥିବା ୪ ଅଧିକାରୀ ନିଜ ନିଜର ବର୍ତ୍ତମାନର ଦାୟିତ୍ୱ ସହ ଏହି ତଦନ୍ତ କାର୍ଯ୍ୟ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଆହୁରି କୁହାଯାଇଛି ଯେ, ଏହି ଅଧିକାରୀମାନେ ପ୍ରତିଦିନ ଅପରାହ୍ନ ୩ଟାରୁ ୨ ଘଣ୍ଟା ପାଇଁ ଯୋଜନା ଓ ସମନ୍ୱୟ ବିଭାଗର ବିକାଶ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦନ୍ତରେ ସହାୟତା କରିବେ।

ସୂଚନାଯୋଗ୍ୟ ଯେ ଗତ ୨୯ ତାରିଖ ଭୋର୍ ସମୟରେ ଘଟିଥିବା ଦଳାଚକଟାରେ ଦୁଇ ଜଣ ମହିଳାଙ୍କ ସମେତ ମୋଟ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ। ଏଥିସହ ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତ୍ୱରିତ ବଦଳି କରିବା ସହ ସେମାନଙ୍କ ସ୍ଥାନରେ ଯଥାକ୍ରମେ ଚଞ୍ଚଲ୍ ରାଣା ଓ ପ୍ରତୀକ ମିଶ୍ରଙ୍କୁ ଦାୟିତ୍ୱ ଦେଇଛନ୍ତି।

### ପୁରୁଣା...

ଏହି ନିର୍ଦ୍ଦେଶକୁ ମାନିନଥିଲେ। ଦଳୀୟ ଶୃଙ୍ଖଳା ଭାଙ୍ଗି ସେ ନିଲମ୍ବିତ ନେତାଙ୍କୁ ନେଇ ବାରମ୍ବାର ନିଜର ରାଜନୈତିକ ବୈଠକ କରୁଥିଲେ।

ରାଜ୍ୟ ବିଜେପିରେ ବର୍ଷ ବର୍ଷ ଧରି ଲହୁ ଲୁହ ଦେଇ କାମ କରୁଥିବା ବରିଷ୍ଠ ନେତା ଗୋଲକ ମହାପାତ୍ର, ଦିଲ୍ଲୀପ ମଲ୍ଲିକ, ସମୀର ମହାନ୍ତିଙ୍କ ପରି ନେତାମାନେ ଏବେ ବି ଦଳୀୟ ଶୃଙ୍ଖଳା ଓ ଅନୁଶାସନକୁ ସମ୍ମାନ ଦେଇ ଆସୁଛନ୍ତି। ଦଳ ପାଇଁ ଏହି ନେତାମାନେ ଜେଲ ବି ଯାଇଛନ୍ତି। ହେଲେ ଦଳ ବିରୋଧରେ କି ଦଳୀୟ ନେତାଙ୍କ ବିରୋଧରେ ମୁହଁ ଖୋଲି ନାହାଁନ୍ତି। କିନ୍ତୁ ଅପରାଜିତା ମ୍ୟାଡମ ବୋଧହୁଏ କୌଣସି ଦଳୀୟ ଅନୁଶାସନରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିନଥିବାରୁ ସେ ଦଳ ପାଇଁ ସଂଘର୍ଷ କରି ନିଜକୁ ପ୍ରତିଷ୍ଠିତ କରିଥିବା ନେତାଙ୍କ ମାନସିକତାକୁ କେବେ ବୁଝିପାରିବେ ନାହିଁ ବୋଲି କିଛି ବରିଷ୍ଠ ନେତା କହିଛନ୍ତି। ଯେଉଁଥିପାଇଁ ସେ ସବୁବେଳେ ଦଳର ଶୃଙ୍ଖଳାକୁ ଭାଙ୍ଗୁଛନ୍ତି।

### ଖୁବ୍‌ଶୀଘ୍ର...

୩/୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୪ରୁ ୨୦୨୪ ଦୀର୍ଘ ୧୦ ବର୍ଷ ମଧ୍ୟରେ କେବଳ ୨ ଲକ୍ଷ ୭୯ ହଜାର ୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା।

### ୧୮ ହଜାର...

ଖବର ପାଇବା ପରେ ସୁରକ୍ଷା ବାହିନୀ ଟଙ୍ଗୋ ଥାନା ହୁସିପି ଗାଁରେ ଚଢ଼ାଉ କରିଥିଲା। ଉକ୍ତ ଅଞ୍ଚଳରେ ମାଓବାଦୀମାନେ ବେଶ୍ ସକ୍ରିୟ ଥିବାରୁ କୌଣସି ବଡ଼ ଧରଣର ଅଘଟଣ ଘଟାଇବା ସକାଶେ ସେମାନେ ଏହି ଡେଟୋନେଟର୍‌ଗୁଡ଼ିକୁ ଲୁଚାଇ ରଖିଥିବା ଅନୁମାନ କରାଯାଉଛି।

### ନବୀନ...

ରବୀନ୍ଦ୍ର ସେଠୀ ଗୋଟେ ସମୟରେ ନବୀନ ନିବାସର ବୋଲକରା ଭଳି କାମ କରୁଥିଲେ ଏବଂ ତାଙ୍କ ପତ୍ନୀଙ୍କୁ ବିଜେଡିରୁ ସାଂସଦ ପ୍ରାର୍ଥୀ ବି କରାଇଥିଲେ। ଗତ ନିର୍ବାଚନ ସମୟରେ ସେ ବିଜେଡିର ଟିକେଟ ବଣ୍ଟା କାମରେ ବି ଲାଗିଥିବା ସେ ସମୟରେ ଅଭିଯୋଗ ହେଉଥିଲା। କାରଣ କିଛି ଅସନ୍ତୁଷ୍ଟ ବିଜେଡି ନେତା ମଧ୍ୟ ତାଙ୍କ ନାଁକୁ ନେଇ ଗଣମାଧ୍ୟମରେ ବିକ୍ଷୋଦଗାର କରିଥିଲେ। ନବୀନ ନିବାସର ଏହି ବୋଲକରା ଏବେ ଓଏଏସ ଅଫିସରଙ୍କୁ ସରକାରଙ୍କ ବିରୋଧରେ ତେଜୁଥିବା ଚର୍ଚ୍ଚା ହେଉଛି। ସେପଟେ ଜଗନ୍ନାଥ ପ୍ରଧାନଙ୍କ ସହ ଆଜି ରାଜ୍ୟ ବିଜେପି ସଭାପତି ଓ ଅନ୍ୟ ବରିଷ୍ଠ ପଦଧିକାରୀ ପୁରୁ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏପରିକି ଆଜି ଜଗନ୍ନାଥ ପ୍ରଧାନ ସୋସିଆଲ ମିଡିଆରେ ଆଇନକୁ ସମ୍ମାନ ଜଣାଇବେ ବୋଲି ମଧ୍ୟ ଲେଖିଥିଲେ। ସନ୍ଧ୍ୟାରେ ପ୍ରାୟ ଦୁଇ ଘଣ୍ଟା ଧରି ପାର୍ଟି ଅଫିସରେ ଏନେଇ ଆଲୋଚନା ହୋଇଥିଲା। ଗଣମାଧ୍ୟମରେ ଜଗନ୍ନାଥଙ୍କ ଗିରଫଦାରୀକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଥିବା ବେଳେ ଦଳ ଏ ସମ୍ପର୍କରେ ନିଷ୍ପତ୍ତି ସରକାରଙ୍କ ଉପରେ ଛାଡିଦେଇଛି। ବିଏମସିର ଅତିରିକ୍ତ କମିଶନରଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦଳ ପୂର୍ବରୁ ନିନ୍ଦା କରିବା ସହ ଯେଉଁ ୫ଜଣ ସଂପୃକ୍ତ ଥିଲେ ସେମାନଙ୍କୁ ଦଳରୁ ନିଲମ୍ବିତ କରିସାରିଛି। ଆଇନ ତା ବାଟରେ କାମ କରୁଥିବା ବେଳେ ଏହି ଘଟଣାକୁ ନେଇ ବିଜେଡି ରାଜନୈତିକ ରୁଟି ସେକିବା ଆରମ୍ଭ କରିଦେଇଛି।

### ତେଲେଙ୍ଗାନା...

ଉକ୍ତ ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ୨ ଜଣ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ୨ ଜଣ ଅଧିକାରୀ ଡକ୍ଟର ଚନ୍ଦ୍ର ଶେଖର ହୋତା ଓ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଥିବା ଓଡ଼ିଆମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଛନ୍ତି। ଏଥିସହିତ ଅଧିକାରୀମାନେ ଆହତ ହୋଇଥିବା ଓଡ଼ିଆମାନଙ୍କୁ ଚିକିତ୍ସାଳୟରେ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାଛଡ଼ା ଆହତମାନଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ମଧ୍ୟ ସେମାନେ ଯୋଗାଇ ଦେଉଛନ୍ତି। ଆହତମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କ ଶରୀରର ୩୫ ପ୍ରତିଶତରୁ ଅଧିକ ଜଳିଯାଇଥିବା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ମୃତ୍ୟୁବରଣ କରିଥିବା ଓଡ଼ିଆମାନଙ୍କର ମୃତଦେହ ଓଡ଼ିଶାକୁ ଫେରାଇ ଆଣିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ବଳଭଦ୍ର...

ସମସ୍ତ ନୀତିକାନ୍ତି କରାଯିବ। ବାହୁଡ଼ା ଯାତ୍ରା ପରଦିନ ସୁନାବେଶ ଅନୁଷ୍ଠିତ ହେବାକୁ ଥିବାରୁ କିପରି ଠାକୁରଙ୍କ ସଅଳ ନୀତିକାନ୍ତି କରାଯିବ, ସେନେଇ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସେବାୟତଙ୍କ ସହ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଜି ସନ୍ଧ୍ୟା ସୁଦ୍ଧା ତାଳଧ୍ୱଜ ଓ ଦର୍ପଦଳନ ରଥ ନାକଚଣା ଦୁଆରେ ଲାଗି ଥିବା ବେଳେ ନନ୍ଦିଘୋଷ ରଥ ଆସନ୍ତାକାଲି ସକାଳୁ ଟଣାଯିବ ବୋଲି ଜଣାପଡ଼ିଛି।

# ଟ୍ରମ୍ପଙ୍କ ୬୦ଦିନିଆ ଯୁଦ୍ଧ ବିରାମ ଦାବି

## ମିଳିପାରିନାହିଁ ହମାସର ପ୍ରତିକ୍ରିୟା



**ନୂଆଦିଲ୍ଲୀ,୨।୭:** ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ହେବ ୬୦ ଦିନିଆ ଯୁଦ୍ଧବିରତି । ସର୍ତ୍ତମୂଳକ ଯୁଦ୍ଧବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି । ହମାସକୁ ଯୁଦ୍ଧବିରତି ମାନିବାକୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଇସ୍ରାଏଲ ଗାଜାରେ ୬୦ ଦିନିଆ ଯୁଦ୍ଧବିରତି ପାଇଁ ସର୍ତ୍ତ ମାନିଛି । ହମାସକୁ ଏହି ଚୁକ୍ତି ଗ୍ରହଣ କରିବାକୁ ଆହ୍ୱାନ ଜଣାଇଛନ୍ତି । ନଚେତ୍ ପରିସ୍ଥିତି ଆହୁରି ଖରାପ ହେବ। ତେବେ ଯୁଦ୍ଧବିରତି ନେଇ ହମାସର ପ୍ରତିକ୍ରିୟା ମିଳିନାହିଁ ।

ଯୁଦ୍ଧବିରତି ନେଇ ଟ୍ରମ୍ପ ଦୀର୍ଘଦିନ ହେଲା ଉଦ୍ୟମ କରିଆସୁଛନ୍ତି । ପୂର୍ବରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଗତ ଜାନୁଆରୀ ୧୫ ତାରିଖରେ ଯୁଦ୍ଧବିରତି ନେଇ ସହମତି ହୋଇଥିଲା । ତେବେ ମାର୍ଚ୍ଚ ୧୮ ତାରିଖରେ ଏହାର ଉଲଂଘନ ହୋଇଥିଲା । ଗାଜାରୁ ଇସ୍ରାଏଲୀ ସୈନ୍ୟର ସମ୍ପୂର୍ଣ୍ଣ ପ୍ରତ୍ୟାହାର ସହ ମାନବୀୟ ସହାୟତା ପାଇଁ ହମାସ ଦାବି କରିଆସୁଛି ।

୨୦୨୩ ମସିହା ଅକ୍ଟୋବରରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା ହମାସ। ଏଥିରେ ୧୨ ଶହ ଇସ୍ରାଏଲ ନାଗରକ ପ୍ରାଣ ହରାଇଥିଲେ। ୨୫୧ ଜଣଙ୍କୁ ପଣବନ୍ଦୀ କରାଯାଇଥିଲା । ପରେ ହମାସ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ କରିଆସୁଛି ଇସ୍ରାଏଲ । ଆଇଡିଏଫର ଆକ୍ରମଣରେ ଗାଜାରେ ୫୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ।

- ଲାଲକୃଷ୍ଣ ଆଡଭାନୀଙ୍କ ରଥଯାତ୍ରାକୁ ବୋମାରେ ଉଡ଼ାଇବାକୁ ରଚିଥିଲେ ଷଡ଼ଯନ୍ତ୍ର

## ୩୦ ବର୍ଷ ପରେ ଆତଙ୍କୀ ସିଦ୍ଦିକୀ ଓ ସହଯୋଗୀ ଗିରଫ

**ନୂଆଦିଲ୍ଲୀ,୨।୭:** ଦେଶର ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ରଥଯାତ୍ରା ସମୟରେ ପାଇପ୍ ବୋମା ଲଗାଇବାକୁ ଚେଷ୍ଟା କରିଥିବା ଆତଙ୍କବାଦୀ ଗିରଫ। ଆତଙ୍କୀ ଅବୁବକର ସିଦ୍ଦିକୀକୁ ୩୦ ବର୍ଷ ପରେ ଗିରଫ କରାଯାଇଛି । ତାମିଲନାଡୁର ମଦୁରାଇରେ ଏହି ଘଟଣା ଘଟିଥିଲା । ଏବେ ଦୀର୍ଘ ୩୦ ବର୍ଷ ପରେ ଆତଙ୍କୀକୁ ଆନ୍ଧ୍ର ପ୍ରଦେଶରେ ତା' ଆଡ୍ଡାରୁ ଗିରଫ କରାଯାଇଛି । ପୋଲିସ ମଙ୍ଗଳବାର ଏହି ସୂଚନା ଦେଇଛି । ପୋଲିସ କହିଛି ଯେ ସିଦ୍ଦିକୀ ଦକ୍ଷିଣ ଭାରତରେ ହୋଇଥିବା କେତେକ ବୋମା ବିସ୍ଫୋରଣ ଘଟଣା ଘଟାଇବାରେ ସମ୍ପୃକ୍ତ ଥିଲା । ତାକୁ ତାମିଲନାଡୁର ଆତଙ୍କବାଦ ନିରୋଧୀ ସ୍କ୍ୱାଡ ଅନ୍ନାମୟା ଜିଲ୍ଲାରେ ତା' ଆଡ୍ଡାସ୍ଥଳୀରୁ ଗିରଫ କରିଛି । ଗତ ୩ ଦଶନ୍ଧି ହେବ ନାଗୋରର ସିଦ୍ଦିକୀକୁ ପୋଲିସ ଖୋଜୁଥିଲା ଏବଂ ତା' ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ମଧ୍ୟ ଥିଲା । ତେବେ ୬୦ ବର୍ଷୀୟ ସିଦ୍ଦିକୀ ସହିତ ତିରୁନେଲଭେଲିର ଅନ୍ୟ ଜଣେ ପଳାତକ ମହମ୍ମଦ ଉଲି ଓରଫ୍ ୟୁନୁସ୍ ଓରଫ୍ ମଂସୁରକୁ ବି ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି । ପୋଲିସ ସୂଚନା ମୁତାବକ, ସେମାନେ ଅନେକ ବୋମା ବିସ୍ଫୋରଣ ଏବଂ ସାମ୍ପ୍ରଦାୟିକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲେ ଏବଂ ୩ ଦଶନ୍ଧି ଧରି ପୋଲିସ ପଞ୍ଝାରୁ ଖସି ଯାଉଥିଲେ । ମଙ୍ଗଳବାର ଏକ ଗୁପ୍ତ ସୂଚନା ଆଧାରରେ ପୋଲିସ ଆତଙ୍କୀ ଦ୍ୱୟଙ୍କୁ ଗିରଫ କରିଛି । ସେମାନଙ୍କୁ କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସି ସହାୟତାରେ ଗିରଫ କରାଯାଇଛି । ଅବୁବକର ଅନେକ ହାଇ ପ୍ରୋଫାଇଲ୍ ଆତଙ୍କବାଦୀ ମାମଲାର ଅଭିଯୁକ୍ତ । ଏହି ମାମଲାଗୁଡ଼ିକ ମଧ୍ୟରେ ୧୯୯୫ରେ ଚିନ୍ତାଦ୍ରିପେଟସ୍ଥିତ ହିନ୍ଦୁ ମୁନ୍ନାନୀ କାର୍ଯ୍ୟାଳୟରେ ହୋଇଥିବା ବୋମା ବିସ୍ଫୋରଣ, ସେହି ବର୍ଷ ନାଗୌରରେ ହିନ୍ଦୁ ଦକ୍ଷିଣପନ୍ଥୀ କାର୍ଯ୍ୟକର୍ତ୍ତା ଟି. ମୁଥୁକୃଷ୍ଣନଙ୍କ ପାଇଁ ମରଣାନ୍ତକ ପ୍ରମାଣିତ ହୋଇଥିବା ପାର୍ସଲ ବୋମା ବିସ୍ଫୋରଣ, ୧୯୯୯ରେ ଏଗମୋରସ୍ଥିତ ଚେନ୍ନାଇ ପୋଲିସ ଆୟୁକ୍ତ କାର୍ଯ୍ୟାଳୟ ଏବଂ ତିରୁଚିରାପଲ୍ଲି, କୋୟମ୍ବଟୁର ଓ କେରଳ ସମେତ ଅନ୍ୟ ୬ଟି ଜାଗାରେ ବୋମା ଲଗାଇବାର ମାମଲା ଅନ୍ତର୍ଭୁକ୍ତ ।

## ଉଡ଼ାଣ ଭରିବା ସମୟରେ ବିମାନ ଭିତରୁ ହଠାତ୍ ବାହାରିଲା ସାପ

**ନୂଆଦିଲ୍ଲୀ,୨।୭:** ଉଡାଣ ଭରିବା ପାଇଁ ପ୍ରସ୍ତୁତ ଥାଏ ବିମାନ । ଜଣକ ପରେ ଜଣେ ଯାତ୍ରୀ ଚଢୁଥାନ୍ତି ବିମାନରେ । ଏହି ସମୟରେ ବିମାନ ଭିତରୁ ହଠାତ୍ ବାହାରିଲା ସାପ । ଯାହାପରେ ସୃଷ୍ଟି ହୋଇଥିଲା ଭୟର ବାତାବରଣ। ଯାତ୍ରୀମାନେ ଭୟରେ ଚିତ୍କାର କରି ଏଣେ ତେଣେ ଦୌଡ଼ିବାକୁ ଲାଗିଥିଲ। ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ବିମାନବନ୍ଦରରୁ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ଏକ ଘରୋଇ ବିମାନର କାର୍ଗୋ ହୋଲ୍ଡରେ ଏକ ଜୀବନ୍ତ ସାପ ଦେଖାଯିବା ପରେ ହଇଚଇ ସୃଷ୍ଟି ହୋଇଥିଲା । ଏହି ଘଟଣା ମଙ୍ଗଳବାର ଦିନ ମେଲବୋର୍ଣ୍ଣରୁ ବ୍ରିସବେନ ଯାଉଥିବା ଭର୍ଜିନ୍ ଅଷ୍ଟ୍ରେଲିଆ ବିମାନ VA337 ରେ ଘଟିଥିଲା । ଯାତ୍ରୀମାନେ ବିମାନରେ ଚଢ଼ିବା ସମୟରେ, କ୍ରୁ' ମାନେ ବିମାନର ତଳ ଅଂଶ ଅର୍ଥାତ୍ କାର୍ଗୋ ହୋଲ୍ଡରେ କିଛି ସନ୍ଦେହଜନକ କାର୍ଯ୍ୟକଳାପ ଲକ୍ଷ୍ୟ କରିଥିଲେ । ଆଉ ବିମାନରେ ଏକ ସାପ ଥିବାର ଅନୁମାନ କରାଯାଇଥିଲା । ଯାହାପରେ ତୁରନ୍ତ ଜଣେ ସ୍ଥାନୀୟ ମାର୍କ ପେଲି ନାମକ ଜଣେ ସାପ ଧରାଳିଙ୍କୁ ଡକାଯାଇଥିଲା । ମାର୍କଙ୍କ ଅନୁସାରେ, ସାପଟି ଏକ ପ୍ୟାନେଲ୍ ପଛରେ ଅଧା ଲୁଚି ରହିଥିଲା ଏବଂ ଅନ୍ଧାରରେ ଏହା ବିଷାକ୍ତ କି ନାହିଁ ତାହା ଚିହ୍ନଟ କରିବା କଷ୍ଟକର ଥିଲା । ମାର୍କ କହିଥିଲେ, "ଯେତେବେଳେ ସେ ସାପକୁ ପ୍ରଥମେ ଦେଖିଲେ ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଦେଖାଯାଉଥିଲା । ଯଦି ସେ ପ୍ୟାନେଲ୍ ଭିତରେ କୁଆଡେ ଲୁଚି ଯାଇଥାନ୍ତା, ତେବେ ସମ୍ପୂର୍ଣ୍ଣ ବିମାନକୁ ଖାଲି କରିବାକୁ ପଡ଼ିଥାନ୍ତା ।" ସାପ ଧରାଳି କହିଛନ୍ତି ଯେ ସୌଭାଗ୍ୟବଶତଃ ସେ ପ୍ରଥମ ପ୍ରୟାସରେ ସାପଟିକୁ ଧରିବାରେ ସଫଳ ହୋଇଥିଲେ । ସାପଟି ପ୍ରାୟ ୬୦ ସେମି ଅର୍ଥାତ ପ୍ରାୟ ୨ ଫୁଟ ଲମ୍ବା ଥିଲା । ପରେ ଏହାକୁ ଏକ ଗ୍ରୀନ ଟ୍ରି ସାପ ଭାବରେ ଚିହ୍ନଟ କରାଯାଇଥିଲା, ଯାହା ବିଷାକ୍ତ ନୁହେଁ । କିନ୍ତୁ ଆରମ୍ଭରେ ଏହା ସ୍ପଷ୍ଟ ନଥିଲା ଏବଂ ତେଣୁ ପରିସ୍ଥିତିକୁ ଗମ୍ଭୀରତାର ସହ ନିଆଯାଇଥିଲା। ସାପଟି ମିଳିବା ପରେ, ସୁରକ୍ଷା କାରଣରୁ ବିମାନ ପ୍ରାୟ ୨ ଘଣ୍ଟା ବିଳମ୍ବ ହୋଇଥିଲା ।

# ୬୧ଗ୍ରାମ ଧଳା ଜହର ଜବତ, ଜଣେ ଗିରଫ



- ୬ଲକ୍ଷରୁ ଉର୍ଦ୍ଧ ଟଙ୍କାର ଧଳା ଜହର ଜବତ
- କାକଟପୁରରୁ ଅଭିଯୁକ୍ତକୁ ଧରିଲା ଅବକାରୀ ବିଭାଗ

**କାକଟପୁର/ଅସ୍ତରଙ୍ଗ, ୨।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ନିମାପଡା ଅବକାରୀ ଟିମ୍ କାକଟପୁର ଅଂଚଳରୁ ଏକ ଧଳା ଜହର ବ୍ୟବସାୟୀଙ୍କୁ ଗିରଫ କରିଛି। ୬ଲକ୍ଷରୁ ଉର୍ଦ୍ଧ ଟଙ୍କାର ଧଳା ଜହର ଜବତ ହୋଇଛି। ଅବକାରୀ ଟିମ୍ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ଭବାନୀ ଶଙ୍କର ପଣ୍ଡା।ତାଙ୍କ ନିକଟରୁ ୬୧ଗ୍ରାମର ଧଳାଜହର ଜବତ କରିଛି ଅବକାରୀ ବିଭାଗ। ବିଶେଷ ସୂତ୍ରରୁ ଖବର ପାଇଁ ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲ ଙ୍କ ନିର୍ଦ୍ଦେଶ କ୍ରମେ ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ନାରାୟଣ ବେହେରା ଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ପୂର୍ବାହ୍ନରେ କାକଟପୁର ଥାନା ଠାରୁ ଅଳ୍ପ କିଛି ଦୂରରେ ଅବସ୍ଥିତ ଶ୍ରୀସାଇ ହସ୍ପିଟାଲ ନିକଟରେ ଚଢ଼ାଉ କରି ଭବାନୀ ଶଙ୍କର ପଣ୍ଡା (୨୭)ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୬୧ଗ୍ରାମ ବ୍ରାଉନସୁଗାର ଜବତ କରାଯାଇ ନିମାପଡା ଅବକାରୀ ଥାନା କେଶ ନଂ -୬୧/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାର କୁ ପଠାଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ପ୍ରାୟ ୬ଲକ୍ଷ ୧୦ହଜାର ଟଙ୍କାରୁ ଉର୍ଦ୍ଧ ହେବ। ଏହି ଚଢ଼ାଉରେ ଅବକାରୀ ଥାନା ଏ ଏସ ଆଇ ସନ୍ତୋଷ ମହାରଣା, କର୍ମଚାରୀ ତପନ ପ୍ରଧାନ, ସବିତା ସାହୁ, ଜନ୍ମଜୟ, ସୁଶାନ୍ତ କୁମାର ଜେନା ପ୍ରମୁଖ ସାମିଲ ଥିଲେ। ଏତେ ପରିମାଣରେ ଜବତ ହେବା ସ୍ଥାନୀୟ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି। ଧରା ପଡ଼ିଥିବା ଅଭିଯୁକ୍ତ ମାନେ ବାରମ୍ବାର ଏପରି ଅପରାଧ ଭିଆଇ ସହଜରେ ମୁକୁଳି ଯାଉଥିବାରୁ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ପର୍ଯ୍ୟାୟ କ୍ରମେ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ହେବ



**ସାଲେପୁର,୨।୭(ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳରେ ବହୁ ସରକାରୀ ଜାଗା ଜବରଦଖଲକାରୀଙ୍କ କବ୍ଜାରେ ରହିଥିବାବେଳେ କେତେକ ଜବରଦଖଲକାରୀ ସର୍ବସାଧାରଣ ରାସ୍ତାକୁ ମଧ୍ୟ ଜବରଦଖଲ କରି ତାହା ଉପରେ ଗୃହ ନିର୍ମାଣ କରିବା ସହ ବ୍ୟବସାୟ ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି। ସେହିପରି କଟକ ସାଲେପୁର ରାସ୍ତାର ଶିଶୁଆ ଠାରୁ କଲାଗ୍ନୀ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଜବରଦଖଲକାରୀ ଜବରଦଖଲ କରିବା ସହ ରାସ୍ତା ଉପରେ ନିଜର ବ୍ୟବସାୟ ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି। ଏହି ସବୁ ସମସ୍ୟା ପାଇଁ ସାଲେପୁର ସହରର ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି। ସେହିପରି ବହୁ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜାଗାକୁ ଜବରଦଖଲ କରି ଗୃହ ନିର୍ମାଣ କରିବା ଓ ନିଜ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରି ବ୍ୟବସାୟ ଆଦି କରିଚାଲିଛନ୍ତି। ଏ ସଂପର୍କରେ କଟକ ଜିଲ୍ଲାପାଳ ଅବଗତ ହେଲାପରେ ସାଲେପୁର ଅଞ୍ଚଳରେ ସରକାରୀ ଜମି ପର୍ଯ୍ୟାୟ କ୍ରମେ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଜବରଦଖଲକାରୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଜବରଦଖଲକାରୀ ସରକାରୀ ଜାଗାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଦୋକାନ ଗୃହ ନିର୍ମାଣ କରିଥିବାରୁ କେଉଁ ମୁହୂର୍ତ୍ତରେ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବ, ସେ ନେଇ ଏବେ ଚିନ୍ତାରେ ପଡିଛନ୍ତି। ଅପର ପକ୍ଷରେ ବହୁ ବ୍ୟକ୍ତି ନୟନଯୋରୀ ଓ ସର୍ବସାଧାରଣ ରାସ୍ତା, ଗୋଚର, ଅନାବାଦୀ ଜମିକୁ ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିଚାଲିଛନ୍ତି। ସେହିପରି ସାଲେପୁର-କୁଆଁପାଳ ରାସ୍ତାର ୬ନଂ କେନାଲବନ୍ଧ ପାର୍ଶ୍ୱରେ ଥିବା ନୟନଯୋରୀକୁ ସାଲେପୁର ବଜାର ଠାରୁ ମିର୍ଜାପୁର ବଜାର ପର୍ଯ୍ୟନ୍ତ ବିଭିନ୍ନ ବଜାର ନିକଟରେ ବହୁ ବ୍ୟକ୍ତି ଜବରଦଖଲ କରି ବ୍ୟବସାୟ ପ୍ରତିଷ୍ଠାନ କରୁଥିବାବେଳେ ସାଲେପୁର କଲେଜରୋଡ୍‌ର ଉଭୟ ପାର୍ଶ୍ୱର୍ ଜବରଦଖଲ କରାଯାଇଥିବା ଜିଲ୍ଲପାଳ ଜାଣିବାପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଲେପୁର କଲେଜରୋଡ୍‌ର ପ୍ରବେଶପଥରେ ଜବରଦଖଲ କରାଯାଇ ଦୋକାନ ନିର୍ମାଣ କରାଯାଇଥିବାରୁ ସେଠାରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ସେହିପରି ସାଲେପୁର ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀ ନିଜର ବ୍ୟବସାୟ ପସରା ମେଲାଇଥିବାରୁ ଏହା ସାଲେପୁର ସହରର ଟ୍ରାଫିକ୍ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଏ ଘଟଣା ସଂପର୍କରେ ଜିଲ୍ଲାପାଳ ଅବଗତ ହେଲାପରେ ଅସନ୍ତୋଷ ପ୍ରକାଶ କରିବା ସହ ସାଲେପୁରଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ସାଲେପୁର ଅଞ୍ଚଳରେ ଜବରଦଖଲକାରୀଙ୍କ କବ୍ଜାରେ ଥିବା ସରକାରୀ ଜମିକୁ ପର୍ଯ୍ୟାୟକ୍ରମେ ଜବରଦଖଲମୁକ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି। ଜବରଦଖଲ ମୁକ୍ତ ହେଲେ ବହୁ ସରକାରୀ ଜମି ସରକାରଙ୍କ ହାତକୁ ଫେରିବ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଅପର ପକ୍ଷରେ ବହୁ ବ୍ୟକ୍ତି ସରକାରୀ ଜମିରେ ପାହାଡ଼ ପରି ବାଲି ଜମା କରି ଖୁଲମ୍ ଖୁଲା ବେଆଇନ୍ ବାଲି ଚାଲାଣ କରୁଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ବାଲିମାଫିଆଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

# ରୋଗୀ ସେବାର ପ୍ରାଣ କେନ୍ଦ୍ର ହେଉଛନ୍ତି ନର୍ସ : ସୋଆ ଉପସଭାପତି



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବାରେ ଉତ୍କର୍ଷ ଆଣିବାରେ ନର୍ସମାନଙ୍କର ପ୍ରମୁଖ ଭୂମିକା ରହିଥିବା ବେଳେ ସେମାନେ ରୋଗୀ ସେବାର ପ୍ରାଣ କେନ୍ଦ୍ର ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ କହିଛନ୍ତି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ନର୍ସିଂ କ୍ଷେତ୍ରରେ ଦକ୍ଷ ନେତୃତ୍ୱ ସମ୍ପର୍କିତ ବୁଧବାର ଆୟୋଜିତ ଏକ ମ୍ୟାନେଜମେଂଟ ଡେଭେଲପ୍‌ମେଂଟ ପ୍ରୋଗ୍ରାମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଏହା କହିଥିଲେ। ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ ସୁରକ୍ଷା, ଦକ୍ଷତା ଓ ସେବା ମନୋଭାବ ରଖିବା ନିମନ୍ତେ ନର୍ସିଂ କ୍ଷେତ୍ରରେ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ରୋଗୀ ସେବା ନିମନ୍ତେ ନେତୃତ୍ୱ ପ୍ରଦାନ କରୁଥିବା ପ୍ରକୃତ ନର୍ସ କେବଳ ନିଜ କାର୍ଯ୍ୟ ତୁଲାଇ ନଥାଏ ବରଂ ନିଜ ନର୍ସିଂ ଟିମ୍‌କୁ ମଧ ପ୍ରୋତ୍ସାହନ ଦେବା ସହ ରୋଗୀମାନଙ୍କର ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଥାଏ ବୋଲି ଶ୍ରୀମତି ଦାସ କହିଥିଲେ। ତେଣୁ ଏ କ୍ଷେତ୍ରରେ ନର୍ସମାନଙ୍କୁ ଅଧିକ ଦକ୍ଷ ଓ ସଶକ୍ତ କରାଇବା ନିମନ୍ତେ ଏଭଳି ନେତୃତ୍ୱ ସମ୍ପର୍କିତ ପ୍ରଶିକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ସ୍ୱାସ୍ଥ୍ୟ ସେବା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବା ବେଳେ ଏହି କ୍ଷେତ୍ରରେ ନର୍ସମାନଙ୍କର ପ୍ରମୁଖ ଭୂମିକା ରହିଛି।

# ବୋରିଗୁମ୍ମା ଜେବି ସ୍କୁଲ ପରିସରରେ ବୃକ୍ଷ ରୋପଣ



**ବୋରିଗୁମ୍ମା, ୨।୭ (ସଂଚାର ବ୍ୟୁର):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାରା ରାଜ୍ୟରେ ୭୬ ତମ ବନ ମହୋତ୍ସବ ପାଳନ କରାଯାଉଛି।ଏହି ଅବସରରେ ବୋରିଗୁମ୍ମା ବନ ବିଭାଗ ପକ୍ଷରୁ ସ୍ଥାନୀୟ ଜେବି ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା।ମୁଖ୍ୟ ଅତିଥି ଭାବେ ଜେଏମଏଫସି ମାଜିଷ୍ଟ୍ରେଟ ସ୍ୱାସ୍ତିକା ପଣ୍ଡା ଯୋଗ ଦେଇ ଜେବି ସ୍କୁଲ ପରିସରରେ ବୃକ୍ଷ ରୋପଣ ର ଶୁଭାରମ୍ଭ କରିଥିଲେ।ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଯଥା ଅଁଳା, କରଞ୍ଜ, ଜାମୁ ଓ ଫାସୀ ବୃକ୍ଷ ରୋପଣ କରାଯାଇଥିଲା।ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସିଆରସିସି ଆଶିଷ କୁମାର ହୋତା,ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ଶତପଥୀ, ଶିକ୍ଷକ ଅପୂର୍ବ କୁମାର ରଥ, ଆଇନଜୀବୀ ମୁନା ଦୋରା, ପ୍ରସାଦ ବିଡିକା, ହରିହର ରଥ, ଲୁଲୁ ପଣ୍ଡା,କୋର୍ଟ ଷ୍ଟେନୋ ଦିଲ୍ଲୀପ କୁମାର ବେହେରା, ବନ ବିଭାଗର ଫରଷ୍ଟେର ମନୋଜ କୁମାର ମହାପାତ୍ର ଓ ଅନ୍ୟ କର୍ମଚାରୀ ମାନେ ମିଳିମିଶି ବୃକ୍ଷ ରୋପଣ କରିଥିଲେ।ଜେବି ସ୍କୁଲ ପରିସରରେ ମୋଟ ୫୦ ଗୋଟି ବୃକ୍ଷ ରୋପଣ କରାଯାଇଥିଲା।ସେହିଭଳି ନବ ନିର୍ମିତ ଜେଏମଏଫସି କୋର୍ଟରେ ପରିସରରେ ମାଜିଷ୍ଟ୍ରେଟ ସ୍ୱାସ୍ତିକା ପଣ୍ଡା ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ ର ଶୁଭାରମ୍ଭ କରିଥିଲେ।ବୃକ୍ଷ ରୋପଣ ରେ ଆଇନଜୀବୀ ଓ କୋର୍ଟ କର୍ମଚାରୀ ମାନେ ରହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ। କୋର୍ଟ ପରିସରରେ ମୋଟ ୫୦ ଗୋଟି ବୃକ୍ଷ ରୋପଣ କରାଯାଇଥିଲା।

### ଯୁବତୀଙ୍କୁ ହତ୍ୟା ମାମଲାରେ କ୍ରାଇମ୍ ରିକ୍ରିଏସନ୍

# ମୋବାଇଲ, ଗାଡ଼ି ଓ ହତ୍ୟା ସରଞ୍ଜାମ ଛୁରୀ ଜବତ



**ବ୍ରହ୍ମପୁର, ୨।୭(ସଂଚାର ବ୍ୟୁରୋ):** ସ୍ଥାନୀୟ ବୈଦ୍ୟନାଥପୁର ଥାନାଞ୍ଚଳରେ ଥିବା ପୁଷ୍ପାଞ୍ଜଳି ଗେଷ୍ଟ ହାଉସରେ ଯୁବତୀଙ୍କୁ ହତ୍ୟା ଘଟଣାରେ ଆଜି ଅଭିଯୁକ୍ତକୁ ନେଇ ସିନ୍ ରିକ୍ରିଏସନ କରିଛି ପୁଲିସ୍।ଉକ୍ତ ଗେଷ୍ଟ ହାଉସ ରୁମ୍ ପରିସରକୁ ଯାଇ ହତ୍ୟାର ଡେମୋ ଦେଖାଇଛି ଅଭିଯୁକ୍ତ ପ୍ରେମିକ। କିଭଳି ଭାବେ ନିଜ ବାନ୍ଧବୀକୁ ହତ୍ୟା କରିବାକୁ ଯୋଜନା କରିଥିଲା ତାହାକୁ ପୁଲିସ୍ ସମ୍ମୁଖରେ ବଖାଣିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରିଛି। ଛୁରୀ ସହ ଉଭୟ ମୃତ ଯୁବତୀ ଓ ଅଭିଯୁକ୍ତର ଗାଡ଼ିକୁ ଜବତ୍ କରାଯାଇଛି। ସେହିପରି ବିଜିପୁର ପୋଖରୀରେ ଅଭିଯୁକ୍ତ ଫିଙ୍ଗିଥିବା ଉଭୟଙ୍କ ମୋବାଇଲ ମଧ୍ୟରୁ ଅଗ୍ନିଶମ ବିଭାଗ ସହଯୋଗରେ ଗୋଟିଏ ମୋବାଇଲ ଉଦ୍ଧାର ହୋଇଛି। ଅନ୍ୟପକ୍ଷରେ ପୁଲିସ୍ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଚଳାଇଛି। ସେହିପରି ଆଜି ପୋଷ୍ଟମୋର୍ଟମ ପରେ ସମ୍ପୃକ୍ତ ଯୁବତୀଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ ଅଭିଯୁକ୍ତ ଅଭୟ ମହାରଣା ଏବଂ ମୃତ ଯୁବତୀ ପ୍ରିୟା କୁମାରୀ ମହାରଣାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ପୂର୍ବରୁ ଉପରୋକ୍ତ ଗେଷ୍ଟ ହାଉସକୁ ଉଭୟେ ଏକାଧିକ ବାର ଯାଇଥିବା ବେଳେ ପ୍ରେମିକ ଅଭୟ ଚାକିରି ହରାଇ ବେକାର ଥିଲା। ଏହି ସମୟରେ ପ୍ରେମିକା ପ୍ରିୟା କୁମାରୀର ଅନ୍ୟତ୍ର ବିବାହ କରିବା ସକାଶେ ପରିବାର ଲୋକେ ଉଦ୍ୟମ କରିଥିଲେ। ଏହାକୁ ନେଇ ପ୍ରିୟାର ମନୋଭାବ ଉପରେ ଅଭୟ ସନ୍ଦେହ ପ୍ରକଟ କରିଥିଲା। ପ୍ରେମିକା ପ୍ରିୟା ତାକୁ ଧୋକ୍କା ଦେଇ ଅନ୍ୟତ୍ର ବିବାହ କରିବା ସନ୍ଦେହରେ ସେ ମଙ୍ଗଳବାର ତାଙ୍କୁ ଉକ୍ତ ଗେଷ୍ଟ ହାଉସ ଡାକି ସେଠାରେ ପ୍ରଥମେ ଶାରୀରିକ ସମ୍ପର୍କ ରଖିଥିଲା। ପରେ ପୂର୍ବ ଯୋଜନାନୁଯାୟୀ ପ୍ରିୟା କୁମାରୀଙ୍କୁ ଅଭୟ ହତ୍ୟା କରିଥିଲା। ସେହିପରି ଗିରଫ ଅଭୟକୁ ଆଜି ପୁଲିସ୍ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

- ଆକ୍ରମଣ ମାମଲାରେ ଗ୍ରାମବାସୀଙ୍କ ଦାବିପତ୍ର

# ଦୋଷୀ ବନ କର୍ମଚାରୀଙ୍କୁ ଗିରଫ କରାଯାଉ



**ନବରଙ୍ଗପୁର,୨।୭(ସଂଚାର ବ୍ୟୁରୋ):** ଜଙ୍ଗଲ ଜମିରେ ମକାଚାଷ ଓ ବୃକ୍ଷରୋପଣ ବିବାଦକୁ ନେଇ ରାଇଘର ଥାନା ଆଗରେ କୁସୁମପୁର ଗ୍ରାମବାସୀଙ୍କୁ ୩ଦିନ ତଳେ ବନବିଭାଗ କର୍ମଚାରୀ ନିସ୍ତୁକ ମାଡ଼ ମାରିଥିଲେ। ଏନେଇ ଆଜି ସମ୍ପୃକ୍ତ ଗ୍ରାମବାସୀ ଜିଲ୍ଲାପାଳ, ଏସପି ଓ ଡିଏଫଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦୋଷୀ କର୍ମଚାରୀଙ୍କୁ ନିଲମ୍ବିତ କରିବା ସହ ତୁରନ୍ତ ଗିରଫ ଦାବି କରାଯାଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ରାଇଘର ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆଜି ଜିଲ୍ଲା ଆଦିବାସୀ ଅଧିକାର ମଞ୍ଚ ସଂପାଦକ ରାଜେଶ, ଜାନୀ, ଓଡିଶାକୃଷକ ସଭାର ଦେବରାଜ ନାଗ, ଡିଓ୍ୱାଇଏଫଆଇ ଯୁବସଂଗଠକ ଦୟାନିଧି ସୁନା, ବାଲଚନ୍ଦ ଗଣ୍ଡ, ଈଶ୍ୱର ଗଣ୍ଡ,ଲକିଚନ୍ଦ୍ର ଗଣ୍ଡ, ଚମ୍ପା ଗଣ୍ଡ, ଲକ୍ଷ୍ମୀ ଗଣ୍ଡ, ସବିତାବାଈ ଗଣ୍ଡଙ୍କ ନେତୃତ୍ୱରେ କୁସୁମପୁର ଗାଁର ଶତାଧିକ ପୁରୁଷ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, କୁସୁମପୁର ଗାଁ ଜଙ୍ଗଲରେ ସେମାନେ ମକାଚାଷ କରିଥିଲେ। କୁନ୍ଦେଇ ଫରେଷ୍ଟର ଓ ଫରେଷ୍ଟଗାର୍ଡ ପହଞ୍ଚି ଗ୍ରାମବାସୀଙ୍କ ସହିତ ଗଣ୍ଡଗୋଳ କରିଥିଲେ। ଫରେଷ୍ଟର ମକାଚାଷକୁ ନଷ୍ଟ କରାଯିବ ବୋଲି ଧମକଚମକ ଦେବା ସହ ଥାନାରେ ଗ୍ରାମବାସୀଙ୍କ ନାଁରେ ଏତଲା ଦେଇଥିଲେ। ଏହା ଜାଣି ଗ୍ରାମବାସୀ ବୁଝାମଣା ପାଇଁ ଥାନାକୁ ଯାଇଥିଲେ। ସେତିକି ବେଳେ କର୍ମଚାରୀମାନେ ସଂଘବଦ୍ଧ ହୋଇ ଗ୍ରାମବାସୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ସେମାନଙ୍କ ଆକ୍ରମଣରେ ୭ଜଣ ଆଦିବାସୀ ଗୁରୁତର ଆହତ ହୋଇଥିଲେ। ଆକ୍ରମଣକାରୀ ଦୋଷୀ କର୍ମଚାରୀଙ୍କୁ ତୁରନ୍ତ ନିଲମ୍ବିତ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି।

# ସମୂହ ଛୁଟିରେ କୋରାପୁଟ ଜିଲ୍ଲା ଓଏଏସ ସଂଘ



**କୋରାପୁଟ, ୨।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମୁନିସିପାଲ କର୍ପୋରେସନର ସହକାରୀ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାର ଦୃଢ଼ ନିନ୍ଦା କରିବା ସହ ରାଜ୍ୟ ସଂଘର ନିଷ୍ପତିକୁ ସମର୍ଥନ କରିବା ପାଇଁ କୋରାପୁଟ ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘ ନିଷ୍ପତି ନେଇଛି। ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଶାଖା ସଭାପତି ତପନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ମାରଣାନ୍ତକ ଆକ୍ରମଣର ପ୍ରତିବାଦ ଏବଂ ଆସାମୀ ମାନଙ୍କର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜୀତ ତ୍ରିପାଠୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ବୋରିଗୁମ୍ମା ବିଡିଓ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, କୋରାପୁଟ ତହସିଲଦାର ସୟିଦ ସବିର ଶାହା, ଓଏସଏସ ଅଧିକାରୀ ଦେବବ୍ରତ ମହାରଣା, ଦୁର୍ଗା ପ୍ରସାଦ ଦୋରା, ଗୁରେଶ୍ୱର ଭୋଇ, ମିଳନ କୁମାର ଝାଙ୍କର, ବିକ୍ରମ କୁମାର ଦୋରା, ମିନତି ଜଗଦେବଙ୍କ ସହ ଜିଲ୍ଲାର କାର୍ଯ୍ୟରତ ଓଏଏସ ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତିଶୃତି ମୁତାବକ ସେମାନେ ମଙ୍ଗଳବାର କାର୍ଯ୍ୟ ବନ୍ଦ ନିଷ୍ପତ୍ତିରୁ ଓହରି ଯାଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କ ସମେତ ମାଷ୍ଟର ମାଇଣ୍ଡକୁ ବୁଧବାର ସୁଦ୍ଧ ଗିରଫ କରା ନଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ନେଇ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବରିଷ୍ଠ ପ୍ରଶାସନିକ ସେବା ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ନିବେଦନ କରିଛନ୍ତି ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ପ୍ରତିଷ୍ଠା ଦିବସ ଅବସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର




**ସାଲେପୁର,୨।୭(ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ୭୦ତମ ପ୍ରତିଷ୍ଠା ଦିବସ ଅବସରରେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପିନାଥପୁର ଶାଖା କାର୍ଯ୍ୟାଳୟ ଆନୁକୂଲ୍ୟରେ ଶୁଶ୍ରୁତ ହସ୍ପିଟାଲ ଭୁବନେଶ୍ୱର ଓ ବାସୁଦେବ ହାଇଗ୍ନୋସିସ୍‌ର ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ କଟକ ଆଞ୍ଚଳିକ କାର୍ଯ୍ୟାଳୟ ଋଣ ବିଭାଗ ମୁଖ୍ୟ ନିଳକଣ୍ଠ ବେହେରା ଉଦ୍‌ଘାଟନ କରିଥିଲେ। ଗୋପିନାଥପୁର ଶାଖା ପରିଚାଳକ ସୁଶାନ୍ତ କୁମାର ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୭୩ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଶୁଶ୍ରୁତ ହସ୍ପିଟାଲର ଡାକ୍ତର ସୁବ୍ରତ ମହାନ୍ତି, ଡାକ୍ତର ଏ.ଏମ୍. ପାଢ଼ୀ, ଡାକ୍ତର ଦେବାଶିଷ ସେଠୀ ପ୍ରମୁଖ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ୟାଙ୍କ୍ ପକ୍ଷରୁ ସୌମ୍ୟରଂଜନ ବେହେରା, ଅଭିଶେକ ସିଂହ, ଗୌତମ ମହାନ୍ତି, ସିଦ୍ଧାର୍ଥ ମିଶ୍ର, ଅବଦୁଲ ଆୟୁବ, ପତିତପାବନ ରାଉତ, ମହେନ୍ଦ୍ର ବିଶ୍ୱାଳ, ପ୍ରକାଶ ରାଉଳ, ମନୋଜ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସୁନା ଗହଣା ଲୁଟ ଘଟଣାର

# ଦୋଷୀକୁ ଯଥାଶୀଘ୍ର ଧରିବାକୁ ଗ୍ରାମବାସୀଙ୍କ ଦାବି

**ରାଇଘର,୨।୭(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହାକୁମ୍ଭା କଦୁଭାଟା ସାହିରେ ରହୁଥିବା ସୁନା ବ୍ୟବସାୟୀ ରାମ ଡାକୁଆ ରାଇଘର ମେଡିକାଲ ଛକ ରେ ଏକ ସୁନା ଦୋକାନ କରିଥିଲେ ଦୋକାନ ରେ ଥିବା ସୁନା, ରୁପା କୁ ଧରି ନିଜ ସ୍ତ୍ରୀ ସହ ସବୁଦିନ କ୍ଷଭଳି ଘରକୁ ଯାଉଥିଲେ। କିନ୍ତୁ କିଏ ଜାଣିଛି ଘର ପାଖେ ଛପି ରହିଥିଲା କିଛି ମୁଖା ପିନ୍ଧା ଦୁର୍ବୃତ୍ତ ରାମ ଡାକୁଆ ଙ୍କୁ ବନ୍ଧୁକ ଦେଖାଇ ଗୁଳି କରିଥିଲେ ଏବଂ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କୁ ଠେଙ୍ଗାରେ ମାଡ଼ ମାରି ସୁନା ରୁପା ସବୁ ଗହଣା ଯାହାର ମୂଲ୍ୟ ୨୪ ଲକ୍ଷ ଟଙ୍କା ସମସ୍ତ ଗହଣା ଲୁଟି ନେଇଯାଇଥିଲେ ସ୍ୱାମୀ ସ୍ତ୍ରୀ ଙ୍କୁ ଏତେ ଆଘାତ ଲାଗିଥିଲାଯେ ଉଭୟଙ୍କୁ ଜଗଦଲପୁର ମେଡିକାଲ କୁ ଭର୍ତ୍ତି କରାଯାଇଥିଲା ଏହି ଘଟଣାକୁ ନେଇ ରାମ ଡାକୁଆ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଘଟଣା ଟିମ ଆସି ତଦନ୍ତ କରିବା ସହ ଉମରକୋଟ ଏସଡିପିଓ ଙ୍କ ସମେତ ଅତିରିକ୍ତ ଏସପି ଘଟଣାସ୍ଥଳକୁ ଆସି ତଦନ୍ତ ଜୋରସୋର ଚଲେଇଥିବାର ଦେଖିବାକୁ ମିଳିଛି ।

- ଭାବପୂର୍ଣ୍ଣ ବିଦାୟ ଜଣାଇଲେ ଛାତ୍ର, ଛାତ୍ରୀ

# କ୍ରୀଡାଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**କାକଟପୁର/ଅସ୍ତରଙ୍ଗ,୨।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟର କ୍ରୀଡାଶିକ୍ଷକ ଧରଣୀ ଧର ମହାନ୍ତି ଙ୍କୁ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସତ୍ୟବ୍ରତ ଛାଟୋଇ ଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ନାୟକ, ମୁଖ୍ୟବକ୍ତା ମାଧବାନନ୍ଦ ସାହୁ, ସଂମ୍ମାନିତ ଅତିଥି ସର୍ବେଶ୍ୱର ମହାନ୍ତି, ଚିତ୍ତରଞ୍ଜନ ବାରିକି, ସଭାପତି ଅଲେଖ ବିଶ୍ୱାଳ, ଦେଶବନ୍ଧୁ ନାୟକ, ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକ, ବ୍ଲକ ଓଷ୍ଟା ସମ୍ପାଦକ ସନ୍ତୋଷ କୁମାର ଦାଶ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ମିଥୁନ ହରିଚନ୍ଦନ। ଉପସ୍ଥିତ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ଅବସରଗ୍ରହଣ କରୁଥିବା କ୍ରୀଡା ଶିକ୍ଷକ ଧରଣୀ ଧର ମହାନ୍ତି ନିଜ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଅତିଥି ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ମହାନ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଭାବ ବିହ୍ୱଳ ପରିବେଶରେ ଶିକ୍ଷକ ଘରେ ଛାଡିଥିଲେ।

### କନିଷ୍ଠ ଯନ୍ତ୍ରୀଙ୍କ ନିଲମ୍ବିତ ଘଟଣାକୁ ବର୍ଷେ ପୁରିବାକୁ ବସିଲାଣି

# ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତଙ୍କ ଉପରେ କେବେ ହେବ କାର୍ଯ୍ୟନୁଷ୍ଠାନ



**ନିଶ୍ଚିନ୍ତକୋଇଲି,୨।୭(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବହୁ ଚର୍ଚ୍ଚିତ ଅନିତି ଦୁର୍ନୀତିର ଗନ୍ତାଘର ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟରତ ଅଧିକାରୀ ମାନଙ୍କ ମଧ୍ୟରେ ବହୁ ଅଧିକାରୀ ମାନଙ୍କ ବିରୋଧରେ ଦୁର୍ନିତିର ଗନ୍ଧ ବାରି ହୋଇପଡୁ ଥିବା ସ୍ଥଳେ ପୂର୍ବ ସରକାର ସମୟରେ ସବୁ ଦୁର୍ନୀତିର ପେଡ଼ି କୁହୁକ ସିନ୍ଦୂକ ଭିତରେ ଚାପି ହୋଇ ରହିଯାଇଥିବା ବେଳେ ସରକାର ପରିବର୍ତ୍ତନ ହେବାର ମାତ୍ର କିଛି ମାସ ନବିତୁଣୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ନେମାଳ ଗ୍ରାମପଞ୍ଚାୟତରେ ହୋଇଥିବା ଏକ କାର୍ଯ୍ୟରେ କୌଣସି କାର୍ଯ୍ୟ ନହୋଇ ବିଲ୍ ହୋଇଥିବା ଘଟଣାକୁ ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରଚାରିତ ହେବା ପରେ କାର୍ଯ୍ୟନାମା ଥିବା କନିଷ୍ଠ ଯନ୍ତ୍ରୀ ବିଜୟ ସେଠିଙ୍କୁ କଟକ ଜିଲ୍ଲା ଡିଆରଡିଏ ପକ୍ଷରୁ ନିଲମ୍ବିତ କରାଯିବା ଘଟଣାଟି ବର୍ଷେ ବିତିବାକୁ ବସିଥିବା ବେଳେ ଏଯାବତ ଉକ୍ତ କାର୍ଯ୍ୟଦେଶରେ ମୁଖ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ନଳିନୀକାନ୍ତ ମହାପାତ୍ର କଟକ ଜିଲ୍ଲା ଜିଲ୍ଲାପାଳ ତଥା ବିଜେପି ସରକାର କାହିଁକି କୌଣସି କାର୍ଯ୍ୟନୁଷ୍ଠାନ ନେଇ ନାହାଁନ୍ତି ତାକୁ ନେଇ ଏବେ ଅଞ୍ଚଳରେ ଚାପା ଗୁଞ୍ଜାରଣ ଶୃଷ୍ଟି ହୋଇଛି। ତେବେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତଙ୍କ କାଉଣ୍ଟର ଦସ୍ତଖସ୍ତ ପରେ ଯାଇଁ ବିଲ୍ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରଦାନ କରାଯାଇଥିବା ବେଳେ ଏହି ମିଛ ବିଲ୍ କରାଇବାରେ ବ୍ଲକ୍ ପ୍ରସାସନର ମୂଳରୁ ଚୂଳ ପର୍ଯ୍ୟନ୍ତ ହାତ ଥିବା ସ୍ଥଳେ କନିଷ୍ଠ ଯନ୍ତ୍ରୀ ବିଜୟ ସେଠୀଙ୍କୁ ନିଲମ୍ବିତ କରିଦେଇ ଜିଲ୍ଲା ପ୍ରସାସନ ଚୁପ୍ ରହିଯିବା ଘଟଣା ନିଶ୍ଚିନ୍ତକୋଇଲି ବାସିଙ୍କୁ ତାଜୁବ୍ କରିଛି। ଅପର ପକ୍ଷରେ ବିଡ଼ିଓ ବିରଞ୍ଚି ନାରାୟଣ ବେହେରାଙ୍କ ଏହା ଭିତରେ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଚର୍ଚ୍ଚାରେ ଥିବା ଏଇଇ ନଳିନିକାନ୍ତ ମହାପାତ୍ର ଏବେବି ନିଶ୍ଚନ୍ତକୋଇଲି ବ୍ଲକରେ କାର୍ଯ୍ୟରତ। ତେବେ ସାଧାରଣରେ ପ୍ରଶ୍ନ ଉଠେକି କାର୍ଯ୍ୟ ନକରି ମିଛ ବିଲ୍ କରାଇବା ପଛରେ ମୁଖ୍ୟ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାପାତ୍ର ବିରୋଧରେ ଜିଲ୍ଲା ପ୍ରସାସନ କାହିଁକି ଓ କେଉଁ କାରଣରୁ ଚୁପ୍ ବସିବା ସହିତ ତାଙ୍କୁ ଏଯାବତ୍ ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇ ଚାଲିଛନ୍ତି। ଯାହାକୁ ନେଇ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ବିରୋଧରେ ମାନ୍ୟାବର ମୁଖ୍ୟମନ୍ତ୍ରୀଙ୍କ ସମେତ ମାହାଙ୍ଗା ଓ କଟକ ସଦରର ମାନ୍ୟାବର ଦୁଇ ବିଧାୟକ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେବା ସହିତ ତାଙ୍କୁ ନିଲମ୍ବିତ କରାଇବା ସହ ଦୁର୍ନୀତିରେ ଲିପ୍ତଥିଲେ ତୁରନ୍ତ ଗିରଫ କରାଇବା ଭଳି ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ଜୋର୍ ଧରିଛି।

# ଶଶି ଭୂଷଣ ପାତ୍ର ଜିଲ୍ଲା କଂଗ୍ରେସ ସଭାପତି ନିଯୁକ୍ତ

**ବୋରିଗୁମ୍ମା/କୋରାପୁଟ, ୨।୭ (ସଂଚାର ବ୍ୟୁର):** ସ୍ଥୂଳ ଭାରତ କଂଗ୍ରେସ କମିଟି ଅନୁମୋଦନ କ୍ରମେ ବରିଷ୍ଠ କଂଗ୍ରେସ ନେତା ଶଶି ଭୂଷଣ ପାତ୍ର କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ଭାବେ ପୁର୍ନବାର ନିଯୁକ୍ତି ପାଇଛନ୍ତି। ଶ୍ରୀ ପାତ୍ରଙ୍କୁ ପ୍ରଥମେ ଗତ ସାଧାରଣ ନିର୍ବାଚନ ପୁର୍ବରୁ ଜିଲ୍ଲା ସଭାପତି ଦାୟିତ୍ୱ ଦିଆ ଯାଇଥିଲା ଓ ତାଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନରେ କଂଗ୍ରେସ କୋରାପୁଟ ଲୋକ ସଭା ଆସନ ସମେତ ଜିଲ୍ଲାର ୫ ଟି ବିଧାନସଭା ଆସନରୁ ୩ଟିରେ ବିଜୟୀ ହୋଇଥିଲା। ଶ୍ରୀ ପାତ୍ରଙ୍କ ନାମ ଘୋଷଣା ପରେ କୋରାପୁଟ ସାଂସଦ ସପ୍ତଗିରୀ ଉଲାକା,ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଜଗଦୀଶ ଜଗଦୀଶ ଖୋସଲା,ପିସିସି ସମ୍ପାଦକ ରୂପକ ତୁରୁକ୍, କଂଗ୍ରେସ ନେତା ସୁକାନ୍ତ ନାୟକ ଏବଂ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି ।


## AFFIDAVIT

BY THIS DEED, I the Undersigned, MANASI ROUT, formerly Called RITA MAHAPATRA, Permanent resident of At-Bamundi, P.O-Ambapada, P.S- Puri Sadar, Dist-Puri, Odisha, Pin-752011, currently resdding at Bamundi, P.0-Ambapadaa, P.S-Puri Sadar. Dist-Puri, Odisha do hereby solemnly affirm and state as follows:

1. That, for and on behalf of myself I wholly renounce, rolinquish and abandon the use of my former name of RITA MAHAPATRA and in place thereof do assume from the date hereof the name of MANASI ROUT, and as that I may thereafter be called known and distringuished not by my former name RITA MAHAPATRA but my assumed name of MANASI ROUT.

2. That for, the purpose of evidencing such my deterination hereby declare that I shall at all times hereafter in all records, deeds and writings and a in all proceedings, dealing and transaction private as well as
public and jpon all occasions whatsoever
use and sign the nama of MANASI ROUT,
as my name in place of and in substituion of my former name of RITA MAPATRA.

3.That, I expressly authorise and request all persons at all times to designate and address me and my husband and children and remotor issue by such assumed name of MANASI ROUT accordingly.

4.That, I am in the deponent of this affidavit.

5. That, all the facts stated above are true to the best of knowledge, and belief.

IN EXECUTING this declaration, I have hereunto subscribed my former and adopted name of RITA MAHAPATRA, and MANASI ROUT, and affixed my signature on this 16TH day of May, 2025, signed, sealed and delivered by the above name.
Signed, sealed and delivered by the above name.
SIGNATURE AS PER OLD NAME.
OLD NAME : RITA MAHAPATRA

SIGNATURE OF AS PER NEW NAME :
MANASI ROUT.
That, the above named deponent is being Identified by .... A dvocate, Bhubaneswar, appears before me and states an oath that the facts stated above are true and correct to the best of her knowledge and belief.

DEPONENTS



## ଅରୁଣ ସ୍ତମ୍ଭ ଚାରିପଟେ ପିତ୍ତଳ ବ୍ୟାରିକେଡ୍, ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

**ପୁରୀ,୨।୭(ସଂଚାର ବ୍ୟୁରୋ):** ଆସ୍ଥା ଓ ବିଶ୍ୱାସର ପ୍ରତୀକ ହେଉଛି ଅରୁଣ ସ୍ତମ୍ଭ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରହିଥିବା ଅରୁଣ ସ୍ତମ୍ଭକୁ ଦର୍ଶନ ଓ ସ୍ପର୍ଶ ସହ ପ୍ରଣିପାତ କରି ଭକ୍ତ ସିଂହଦ୍ୱାର ଦେଇ ପ୍ରବେଶ କରନ୍ତି। କେବଳ ଭକ୍ତ ନୁହଁନ୍ତି ସେବାୟତ ମଧ୍ୟ ଏହାକୁ ପ୍ରଥମେ ଦର୍ଶନ ଓ ପ୍ରଣିପାତ କରିଥାନ୍ତି। ତା'ପରେ ଯାଇ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି। ତେବେ ବ୍ରିଟିଶ ସମୟରୁ ଅରୁଣ ସ୍ତମ୍ଭକୁ ଲୁହା ବାଡ଼ ଘେରି ରହିଥିଲା। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ପରିବର୍ତ୍ତନ କରାଯାଇ ତା' ସ୍ଥାନରେ ପିତ୍ତଳ ବ୍ୟାରିକେଡ୍ ଲଗାଯାଇଛି। ଅରୁଣ ସ୍ତମ୍ଭର ସୁରକ୍ଷା ଓ ଦୀର୍ଘସ୍ଥାୟୀ ବ୍ୟବସ୍ଥା ପାଇଁ ଏହି ବ୍ୟାରିକେଡ୍ ଲଗାଯାଉଛି। କିନ୍ତୁ ପୁରୀ ଆସୁଥିବା ଶ୍ରଦ୍ଧାଳୁ ଗତକାଲିଠାରୁ ଆଉ ଅରୁଣ ସ୍ତମ୍ଭକୁ ସ୍ପର୍ଶ କରିପାରୁନଥିବାରୁ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏନେଇ କୌଣସି ସେବାୟତଙ୍କ ସହ ଆଲୋଚନା କରାଯାଇନାହିଁ। ପ୍ରାୟ ୪ ଫୁଟ୍ ଉଚ୍ଚର ପିତ୍ତଳ ବ୍ୟାରିକେଡ୍ ଲଗାଯିବା ଦ୍ୱାରା ଅଧିକାଂଶ ଭକ୍ତ ଆଉ ଅରୁଣ ସ୍ତମ୍ଭକୁ ସ୍ପର୍ଶ କରିପାରୁନାହାନ୍ତି, ଯାହାକି ଭକ୍ତଙ୍କ ଧର୍ମୀୟ ଭାବନା ପ୍ରତି ଆଘାତ ପହଞ୍ଚାଇଛି। ପ୍ରଥମେ ଶ୍ରୀବିଗ୍ରହଙ୍କୁ ସ୍ପର୍ଶ ମନା, ତା' ପରେ ରଥ ଉପରକୁ ଚଢ଼ିବା ମନା ଆଉ ଏବେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭ ସ୍ପର୍ଶ କରିବାର ଅଧିକାରରୁ ଭକ୍ତମାନଙ୍କୁ ବଞ୍ଚିତ କରାଯିବାକୁ ସହଜରେ ଗ୍ରହଣ କରାଯାଇପାରୁନାହିଁ। ଏହି ନୂତନ ପିତ୍ତଳ ବ୍ୟାରିକେଡ୍ ଇସ୍କନ ସଂସ୍କାର ପ୍ରତୀକ ଭଳି ଦୃଶ୍ୟମାନ ହେଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏ ନେଇ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିବେ।

# କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲେ ଯୋଗାଣ ମନ୍ତ୍ରୀ

### ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତକାଲି ତିନିଦିନିଆ ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଯୋଗାଣ ଓ ସାଧାରଣ ବଣ୍ଟନ, ନୂତନ ଓ ଅକ୍ଷୟ ଶକ୍ତି ବିଭାଗ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀ ପାତ୍ର କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ସାକ୍ଷାତ କରିବା ଅବସରରେ ରାଜ୍ୟର ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ଦାବି ଉପରେ ବିଚାର କରିବାକୁ ନିବେଦନ କରିଛନ୍ତି। ଏଥିସହ ରାଜ୍ୟରୁ ଚାଉଳ ଉଠାଣରେ ଭାରତୀୟ ଖାଦ୍ୟ ନିଗମ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ଶ୍ରୀ ପାତ୍ର କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ତା'ଛଡ଼ା ଚାଉଳ ଓ ଧାନ ସଂଗ୍ରହ ବାବଦରେ ଥିବା ରାଜ୍ୟ ବକେୟା ପ୍ରାପ୍ୟ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଉପରୋକ୍ତ ସମସ୍ତ ଦାବି ସମ୍ପର୍କରେ ଶୁଣିବା ପରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ ସବୁକିଛି ବିଚାର କରି ଏ ଦିଗରେ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଏହି ଦିଲ୍ଲୀ ଗସ୍ତ ଅବସରରେ ଦିଲ୍ଲୀ ଖାଦ୍ୟ ମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଓ ବିଭିନ୍ନ ବରିଷ୍ଠ ଅଧିକାରୀଙ୍କୁ ସାକ୍ଷାତ କରିବା ସହ ଓଡ଼ିଶାର ସ୍ୱାର୍ଥ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ଅବସରରେ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ମାଇକ୍ରୋସଫ୍ଟରେ ବଡ଼ ଧରଣର ଛଟେଇ: ୯,୧୦୦ କର୍ମଚାରୀ ହରାଇବେ ଚାକିରି




**ନୂଆଦିଲ୍ଲୀ,୨।୭:** ବିଶ୍ୱର ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ମାଇକ୍ରୋସଫ୍ଟ ଏକ ବଡ଼ ଧରଣର ଛଟେଇ ଘୋଷଣା କରିଛି, ଯେଉଁଥିରେ ପ୍ରାୟ ୪% ବା ୯,୧୦୦ କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯିବ। ସିଆଟଲ ଟାଇମ୍ସର ରିପୋର୍ଟ ଅନୁଯାୟୀ, ୨୦୨୩ ପରେ ଏହା ହେଉଛି ମାଇକ୍ରୋସଫ୍ଟର ସବୁଠାରୁ ବଡ଼ ଛଟେଇ। ୨୦୨୪ ଜୁନ ସୁଦ୍ଧା ମାଇକ୍ରୋସଫ୍ଟରେ ବିଶ୍ୱବ୍ୟାପୀ ପ୍ରାୟ ୨୨୮,୦୦୦ କର୍ମଚାରୀ ଥିବା ଜଣାଯାଇଛି। ଏହି ଛଟେଇ ସମ୍ପର୍କରେ ରୟଟର୍ସର ପ୍ରଶ୍ନର ଜବାବରେ କମ୍ପାନୀ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ବ୍ଲୁମବର୍ଗ ନ୍ୟୁଜ ରିପୋର୍ଟ ଅନୁଯାୟୀ, ଗତ ଜୁନ ମାସରେ ମାଇକ୍ରୋସଫ୍ଟ ବିଶେଷ କରି ସେଲ୍ସ ବିଭାଗରେ ବହୁ କର୍ମଚାରୀଙ୍କୁ ଛଟେଇ କରିବା ଯୋଜନା କରୁଥିବା ଖବର ପ୍ରକାଶ ପାଇଥିଲା।

● ରଥଯାତ୍ରା ଦଳାଚକଟା ଘଟଣା

## ପ୍ରଭାବିତ ପରିବାରକୁ ସହାୟତା ରାଶିଦେଲେ ମନ୍ତ୍ରୀ



**ଖୋର୍ଦ୍ଧା,୨।୭(ସଂଚାର ବ୍ୟୁରୋ):** ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମର ବାସନ୍ତୀ ସାହୁ ଅନ୍ୟତମ ଥିଲେ। ମୃତକଙ୍କ ପରିବାର ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିବା ବେଳେ ଆଜି ଏହି ରାଶି ବାସନ୍ତୀଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀଙ୍କଠାରୁ ବାସନ୍ତୀଙ୍କ ସ୍ୱାମୀ ଦିଲୀପ ସାହୁ ଏହି ଚେକ୍ ଗ୍ରହଣ କରିଥିବା ବେଳେ ଶ୍ରୀ ହରିଚନ୍ଦନ ପରିବାର ଲୋକଙ୍କୁ ଆଶ୍ୱାସନା ମଧ୍ୟ ଦେଇଛନ୍ତି। ଏହି ଅବସରରେ ଘଟଣା ଘଟିବା ଦିନର ସମସ୍ତ ସ୍ଥିତି ସମ୍ପର୍କରେ ଶ୍ରୀ ସାହୁ ଆଇନ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଦୁଇ ଜଣ ଅଫିସର ସେମାନଙ୍କ ଦାୟିତ୍ୱରେ ଅବହେଳା କରିଥିବାରୁ ଏପରି ଅଘଟଣ ଘଟିଥିବା ଶ୍ରୀ ସାହୁ କହିଥିଲେ। ଏଥିସହ ଶ୍ରୀ ହରିଚନ୍ଦନ ଏପରି ଅଘଟଣ ପାଇଁ ନିଜେ ମୁଖ୍ୟମନ୍ତ୍ରୀ ସମସ୍ତ ଜଗନ୍ନାଥପ୍ରେମୀଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଓ ସରକାରଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନା କରିସାରିଛନ୍ତି। ଏଥିସହ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଶ୍ରୀ ସାହୁଙ୍କୁ ଆଶ୍ୱାସନା ଦେଇଛନ୍ତି। ଶ୍ରୀ ହରିଚନ୍ଦନଙ୍କ ସହ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମହଜୁଦ ଥିଲେ।

## ଦୋକାନ ଉପରେ ମାଡ଼ିଗଲା କଣ୍ଟେନର, ଡ୍ରାଇଭର ଗିରଫ



**ରେଢ଼ାଖୋଲ,୨।୭(ସଂଚାର ବ୍ୟୁରୋ):** ଭେରାଇଟି ଷ୍ଟୋର୍ ଉପରେ ଉପରେ ମାଡ଼ିଗଲା କଣ୍ଟେନର। ଫଳରେ ଦୋକାନଟି ଭାବେ ଭାଙ୍ଗିଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କଣ୍ଟେନରକୁ ଜବତ କରିବା ସହ ଚାଳକକୁ ଗିରଫ କରିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଛକରେ ଏଭଳି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତି ପ୍ରାୟ ୨ଟା ସମୟରେ ଏକ କଣ୍ଟେନର ସୋନପୁରରୁ ରେଢ଼ାଖୋଲ ଦେଇ କଟକ ଯାଉଥିବା ସମୟରେ ଏହା ଦ୍ରୁତ ଗତିରେ ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ପ୍ରଥମେ ରେଢ଼ାଖୋଲ ଭୀମଭୋଇ ଛକରେ ଥିବା ଏକ ଦୋକାନକୁ ଧକ୍କା ଦେଇଥିଲା। ଏହାପରେ ୫୫ ନଂ ଜାତୀୟ ରାଜପଥ ଦେଇ ଡ୍ରାଇଭର୍ ଜଣଙ୍କ ଖସି ପଳାଇବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ଛକଠାରୁ ଅଳ୍ପ ଦୂରରେ ଥିବା ସୁରେଶ ଭେରାଇଟି ଷ୍ଟୋର ଉପରେ ମାଡ଼ିଯାଇଥିଲା। ଏ ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି କଣ୍ଟେନରକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ତେବେ ଉକ୍ତ କଣ୍ଟେନରରେ ଗୋରୁ ଚୋରା ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି।

● ଦୁଇ ଦଳିତଙ୍କୁ ନିର୍ଯାତନା ମାମଲା

## ମାମଲା ରୁଜୁକଲେ ଏନ୍ଏଚ୍ଆର୍ସି

### ମୁଖ୍ୟ ସଚିବ ଓ ଡିଜିଙ୍କୁ ନୋଟିସ୍

**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଦୁଇ ଜଣ ଦଳିତ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏନେଇ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ନିଜ ଆଡୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହି ଘଟଣାରେ କମିଶନ୍ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିବା ସହ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କରିଛନ୍ତି। ଗତ ୨୬ ତାରିଖରେ ପ୍ରକାଶିତ ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗଞ୍ଜାମ ଜିଲ୍ଲାରେ ଦୁଇ ଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ବେଆଇନ ଗୋରୁଚାଲାଣ ଅଭିଯୋଗରେ କେତେକ ଦୁର୍ବୃତ୍ତ ମାଡ଼ ମାରିବା ସହ ଘାସ ଖୁଆଇବା ଓ ନାଳ ପାଣି ପିଇବାକୁ ବାଧ୍ୟ କରିଥିଲେ। ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଥିଲା ଓ ଜୋରଜବରଦସ୍ତି ଲଣ୍ଡା କରାଯାଇ ରାସ୍ତାରେ ବୁଲାଯାଇଥିଲା। କମିଶନ୍ ଏହି ଘଟଣାକୁ ଗୁରୁତ୍ୱ ସହକାରେ ଗ୍ରହଣ କରି ଯଦି ଏହି ଘଟଣା ସତ୍ୟ ହୋଇଥାଏ, ତା'ହେଲେ ଏହା ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ପ୍ରସଙ୍ଗ ବୋଲି କହିବା ସହ ଏହି ମାମଲାଗାର ୨ ସପ୍ତାହ ଭିତରେ ରିପୋର୍ଟ ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ଓ ଡିଜି ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କ'ଣସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିଛନ୍ତି ଓ ଉଭୟ ପୀଡ଼ିତଙ୍କୁ କିଛି କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି କି ନାହିଁ, ସେ ବିଷୟରେ ରିପୋର୍ଟରେ ଉଲ୍ଲେଖ କରିବାକୁ କମିଶନ୍ କହିଛନ୍ତି।

● ଯୋଡ଼ାରେ ବଡ଼ ଅଘଟଣ

## ମାଟି ଅତଡ଼ା ଧସି ୩ ମୃତ

**ଯୋଡ଼ା,୨।୭(ସଂଚାର ବ୍ୟୁରୋ):** ଖଣିରୁ ମାଟି ଅତଡ଼ା ଧସି ୩ ଜଣଙ୍କର ମୃତ୍ୟୁ ହୋଇଛି। କେନ୍ଦୁଝର ଯୋଡ଼ା ଥାନା ବିଛାକୁଣ୍ଡି ଦଳପାହାଡ଼ରେ ଏପରି ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, ଗତକାଲି ମାଟି ଅତଡ଼ା ଧସିବାରୁ ଏହା ତଳେ ୩ ଜଣ ଚାପି ହୋଇଯାଇଥିଲେ। ପରେ ପାଖାପାଖି ୬ ଘଣ୍ଟାର ପରିଶ୍ରମ ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା। ଗତକାଲି ପ୍ରବଳ ବର୍ଷା ଜାରି ରହିଥିବା ବେଳେ ବର୍ଷା ଓ ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଚୋରାରେ ମାଙ୍ଗାନିଜ୍ ଉତ୍ତୋଳନ କରାଯାଉଥିବା ବେଳେ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା କାରଣରୁ ମାଟି ଅତଡ଼ା ଧସିଛି। ମୃତକମାନଙ୍କ ପରିବାର ଲୋକେ ଖବର ପାଇ ଆଜି ସକାଳେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏପରି ଅଘଟଣ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ରାଜଧାନୀ ଓ ରାଜ୍ୟରାଣୀ ଏକ୍ସପ୍ରେସ୍‌ରେ ଅତିରିକ୍ତ କୋଚ୍ ସଂଯୋଗ

**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ଯାତ୍ରୀଙ୍କ ସୁବିଧା ବ୍ୟାପକ କରିବା ସକାଶେ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ରାଜଧାନୀ ଓ ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅତିରିକ୍ତ ଏସି-୩ ଟାୟାର କୋଚ୍ ଅସ୍ଥାୟୀ ଭାବେ ସଂଯୋଗ କରିବାକୁ ନିଷ୍ପତ୍ତି ନେଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି, ଅଧିକ ଚାହିଦା ଥିବା ସମୟରେ ଯାତ୍ରୀମାନଙ୍କ ପାଇଁ ଅଧିକ ଆରାମଦାୟକ ଓ ସୁଗମ ଯାତ୍ରା ସୁନିଶ୍ଚିତ କରିବା। ୨୨୮୨୩/୨୨୮୨୪ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ଆସନ୍ତା ୮ ଓ ୧୧ ତାରିଖରେ ଏବଂ ନୂଆଦିଲ୍ଲୀରୁ ୯ ଓ ୧୨ ତାରିଖରେ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସଂଯୋଗ ସହ ଚଳାଚଳ କରିବ। ସେହିପରି ୧୮୪୧୭/୧୮୪୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ ଆସନ୍ତାକାଲିଠାରୁ ଆଗାମୀ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ରାଉରକେଲାରୁ ଓ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଗୁଣୁପୁରରୁ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସହ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅସ୍ଥାୟୀ କୋଚ୍ ସଂଯୋଗର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର କରିବା ଓ ଏହି ସମୟ ମଧ୍ୟରେ ଯାତ୍ରା ସୁନିଶ୍ଚିତ କରିବା। ଯାତ୍ରୀମାନଙ୍କୁ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ଏବଂ ଉପଲବ୍ଧ ଅତିରିକ୍ତ ରହଣି ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ରେଳପଥ ପକ୍ଷରୁ ପରାମର୍ଶ ।

### ପ୍ରବଳ ବର୍ଷାରେ ଧୋଇଲା ଅସ୍ଥାୟୀ ପୋଲ

## ୫ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ



**ଦଶମନ୍ତପୁର,୨।୭(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ଆଜି ପୂର୍ବାହ୍ନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ଏଥିରେ ବିଭିନ୍ନ ନଦୀନାଳର ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଦଶମନ୍ତପୁର ବ୍ଲକ୍ ସଦର ମହକୁମାସ୍ଥିତ ପିଏଚଡି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜବାନ ନଦୀର ଅସ୍ଥାୟୀ ପୋଲ ଧୋଇଯାଇଛି। ଏଥିରେ ବ୍ଲକ କାର୍ଯ୍ୟାଳୟ ସହ ୫ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ଜଣାପଡ଼ିଛି। ଏହି ରାସ୍ତା ଦଶମନ୍ତପୁର ବ୍ଲକର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଗୋଟିଏ ପଟେ ଦଶମନ୍ତପୁର ସଦର ମହକୁମାଠାରୁ କୋରାପୁଟ ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଛି। ସେହିପରି ଏହି ରାସ୍ତା ଦଶମନ୍ତପୁରଠାରୁ ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକକୁ ମଧ୍ୟ ସଂଯୋଗ କରୁଛି। ପ୍ରତିଦିନ ଏହି ରାସ୍ତା ଉପରେ ସରକାରୀ ଓ ବେସରକାରୀ ବସ୍‌ଠାରୁ ଆରମ୍ଭ କରି ଶତାଧିକ ଯାନବାହନ ଯାତାୟାତ କରୁଛି। ସବୁଠାରୁ ବଡ଼ କଥା ହେଲା, ଦଶମନ୍ତପୁର ସଦର ପଞ୍ଚାୟତର ୮ ଖଣ୍ଡ ଗ୍ରାମ ସହ ବ୍ଲକ କଲୋନୀ ଓ ପଞ୍ଚାୟତ ତଥା ମୁର୍କାର, ଗିର୍ଲି ଗୁମା, ଡୁମ୍ବା ଗୁଡା ଓ ଦୁଆର ଶୁଣି, ଚିକାମ୍ବ ଆଦି ପଞ୍ଚାୟତର ଜନସାଧାରଣଙ୍କ ଯାତାୟତ ପ୍ରଭାବିତ ହୋଇଛି। ଏହି ରାସ୍ତା ବ୍ୟତୀତ ଜିଲ୍ଲା ସଦର ମହକୁମାକୁ ଆଉ କୌଣସି ରାସ୍ତା ନଥିବାରୁ ସ୍ଥାନୀୟ ଲୋକଙ୍କ ସମସ୍ୟା ଗୁରୁତର ହୋଇଛି। ଯଦିଓ ଲକ୍ଷ୍ମୀପୁର ନିକଟସ୍ଥ ତୟା ପୁଟ ରାସ୍ତା ଦେଇ କୋରାପୁଟ ଯାଇହେବ। କିନ୍ତୁ ସେହି ରାସ୍ତାରେ ଗର୍ଭବତୀମାନେ ଡାକ୍ତରଖାନାରେ ପହଞ୍ଚିବା ସମ୍ଭବପର ନୁହେଁ। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ଠିକାଦାର କେତନ ବିଶୋଇଙ୍କୁ ଯୋଗାଯୋଗ କରାଯିବାରୁ ବର୍ଷା କମିବା ପରେ ପୁଣି ଥରେ ଯାତାୟାତ ପାଇଁ ଡାଇଭର୍ସନ ରାସ୍ତା ତିଆରି ହୋଇଯିବ ବୋଲି କହିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସମସ୍ୟା କେବେ ଦୂର ହେବ, ତା' ସମୟ ହିଁ କହିବ।



## ଭୂସ୍ଖଳନ ଯୋଗୁଁ ୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ): ଲଗାଣ ବର୍ଷା ଯୋଗୁଁ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋରାପୁଟ-କିରାଣ୍ଡୁଲ ଲାଇନର କୋରାପୁଟ-ଜୟପୁର ରେଳ ସେକ୍ସନ ମଧ୍ୟରେ ଥିବା ମାଲ୍ଲିଗୁଡ଼ା-ଜରାତି ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଭୂସ୍ଖଳନ କାରଣରୁ ଏକାଧିକ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରେଳ ଅଧିକାରୀମାନେ ରେଳ ଧାରଣାର ତଦାରଖ ସହ ଶୀଘ୍ର ପୁନରୁଦ୍ଧାର ପାଇଁ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏଥିସହ ଘଟଣାସ୍ଥଳରେ ଭାରୀ ମାଟି/ପଥର ଘୁଞ୍ଚାଇବା ମେସିନ୍, ମାନବ ଶକ୍ତି ଓ ପୁନରୁଦ୍ଧାର ସାମଗ୍ରୀ ନିୟୋଜିତ କରାଯାଇଛି ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିବା ଜଣାପଡ଼ିଛି। ପ୍ରଭାବିତ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ଆଜି ଜଗଦଳପୁରରୁ ଛାଡ଼ିଥିବା ଟ୍ରେନ୍ ନଂ.୧୮୪୪୮ ଜଗଳଦପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍‌କୁ ବାତିଲ୍ କରିଦିଆଯାଇଛି। ସେହିପରି ଆଜି କିରାଣ୍ଡୁଲରୁ ଛାଡ଼ିଥିବା ଟ୍ରେନ ନମ୍ବର ୧୮୫୧୬ କିରାଣ୍ଡୁଲ-ବିଶାଖାପଟ୍ଟନମ୍ ରାତ୍ରି ଏକ୍ସପ୍ରେସ୍‌କୁ ମଧ୍ୟ ବାତିଲ କରାଯାଇଥିବା ଜଣାପଡ଼ିଛି।



### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

## ହଷ୍ଟେଲ ଫି' ବୃଦ୍ଧି ପ୍ରତିବାଦରେ ଧାରଣା

**ବଲାଙ୍ଗୀର,୨।୭(ସଂଚାର ବ୍ୟୁରୋ):** ହଷ୍ଟେଲ ଫି' ବୃଦ୍ଧି ପ୍ରତିବାଦରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ବୁଧବାର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀମାନେ ଧାରଣା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହଷ୍ଟେଲ୍ ଫି' ହ୍ରାସ ନ କରିବା ଯାଏ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି କହିଛନ୍ତି ଆନ୍ଦୋଳନରତ ଛାତ୍ରଛାତ୍ରୀ। ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ୬ଟି ହଷ୍ଟେଲ ଥିବା ବେଳେ ଏଥିରେ ପ୍ରାୟ ୯୦୦ ଅନ୍ତେବାସୀ ରହିଛନ୍ତି। ତେବେ କର୍ତ୍ତୃପକ୍ଷ ହଠାତ୍ ଫି' ବୃଦ୍ଧି କରିଥିବାରୁ ଏହା ପ୍ରତିବାଦରେ ଅନ୍ତେବାସୀମାନେ ଆନ୍ଦୋଳନ କରିଛନ୍ତି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅସ୍ୱୀକାର କରିଛନ୍ତି। ଫି' ବୃଦ୍ଧି ଚଳିତ ବର୍ଷ ନୁହେଁ ବରଂ ଗତବର୍ଷରୁ ହୋଇସାରିଥିବା ବେଳେ ଏବେ ତାକୁ ଅଯଥାରେ ପ୍ରସଙ୍ଗ କରାଯାଉଛି ବୋଲି ସ୍ପଷ୍ଟ କରିଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଆନ୍ଦୋଳନ ଜାରି ରହିଥିବା ଜଣାପଡ଼ିଛି।

## ବିଚ୍ ରାସ୍ତାରେ ଛୁରାମାଡ଼, ଯୁବକ ଗୁରୁତର

**ବାରିପଦା,୨।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜର ବାରିପଦାରେ ବିଚ୍ ରାସ୍ତାରେ ଛୁରାମାଡ଼ କରି ଜନୈକ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିବା ବେଳେ ଏଥିରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ବାରିପଦା ସହରର ଷ୍ଟେସନ ବଜାର ରାସ୍ତାରେ ଏହି ଛୁରାମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ବାରିପଦା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଏକ ବିଦେଶୀ ମଦ ଦୋକାନରେ କାମ କରୁଥିବା ବେଳେ ପରିବା କିଣୁଥିବା ସମୟରେ ଆକ୍ରମଣକାରୀ ଜଣଙ୍କ ତାଙ୍କ ସହ କଥା ହୋଇ ଅତର୍କିତ ଆକ୍ରମଣ କରିଥିଲେ। ଯୁବକଙ୍କ ହାତ ଓ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଅବସ୍ଥା ସଂକଟାପନ୍ନ ରହିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି। ଖବର ପାଇ ବାରିପଦା ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆହତ ହୋଇଥିବା ଯୁବକ ଜଣଙ୍କ ହେଉଛନ୍ତି ମୁନା ଯାଦବ ଓ ତାଙ୍କ ଘର ବିହାରର ସାସାରାମ ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ଗତ ଦୁଇ ମାସ ହେଲା ଏଠାକାର ଏକ ବିଦେଶୀ ମଦ ଦୋକାନରେ କାମ କରୁଥିଲେ। ତେବେ ତାଙ୍କୁ କେଉଁ କାରଣରୁ ଛୁରାମାଡ଼ ହୋଇଛି, ସେନେଇ କିଛି ସ୍ପଷ୍ଟ ହୋଇନାହିଁ।

● ବିଏମସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା

## ମୁତୟନ ହେବେ ଗନ୍‌ମ୍ୟାନ୍!

**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ବିଏମସି ଅଫିସରେ ପଶି ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣା ପରେ ଏନେଇ ସ୍ମାର୍ଟସିଟି ଅଥରିଟିଙ୍କ ଉପରେ ମେୟର୍ ସୁଲୋଚନା ଦାସ ଦୋଷ ଲଦିଛନ୍ତି। ସେ କହିଛନ୍ତି ଯେ ଦୀର୍ଘଦିନ ହେବ ବିଏମସି ଅଫିସରେ ସିସିଟିଭି କାମ କରୁନାହିଁ। ବିଲଡିଂ ମେଣ୍ଟେନାନ୍ସ ଦାୟିତ୍ୱ ସ୍ମାର୍ଟ ସିଟି ଅଥରିଟିଙ୍କ ପାଖରେ ଥିବା ବେଳେ ଏନେଇ ସେମାନେ ପୂର୍ବରୁ ଆଲୋଚନା କରିନଥିଲେ। କ'ଣ ପାଇଁ ସୁରକ୍ଷା ବ୍ୟବସ୍ଥା ଏପରି ଢ଼ିଲା ଥିଲା? ଯଦି ସ୍ମାର୍ଟ ସିଟି କାମ କରିନପାରୁଛି ତେବେ ବିଏମସିକୁ ଦାୟିତ୍ୱ ହସ୍ତାନ୍ତର କରିବା ଉଚିତ ବୋଲି ଶ୍ରୀମତୀ ଦାସ କହିଛନ୍ତି। ଏଥିସହ ଆବଶ୍ୟକ ପଡ଼ିଲେ ବିଏମ୍ସି କାର୍ଯ୍ୟାଳୟରେ ଗନ୍‌ମ୍ୟାନ୍‌ଙ୍କୁ ମୁତୟନ କରାଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବିଏମସି ଅଫିସରେ ସୁରକ୍ଷା ସମ୍ପର୍କିତ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଅନ୍ୟପକ୍ଷରେ ମାଡ଼ ଘଟଣା ପରେ ଆଜି ବିଏମସି ଅଫିସରେ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ ପହଞ୍ଚି ବିଏମସି କମିଶନରଙ୍କ ସହ ଆଲୋଚନା କରିଛନ୍ତି। ଅତିରିକ୍ତ କମିଶନର ଶ୍ରୀ ସାହୁ ଓ ଶୁଭେନ୍ଦୁ ସାହୁ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା ସମ୍ପର୍କରେ ଶ୍ରୀ ସିଂ ବିଏମସି କମିଶନରଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

## ବିଏମ୍ସି ଅତିରିକ୍ତ କମିଶନର ଅସୁସ୍ଥ, ହସ୍ପିଟାଲ୍‌ରେ ଭର୍ତ୍ତି

ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ): ଗତକାଲି ବିଏମ୍ସି ଅଫିସ୍‌ରେ କେତେକ ଦୁର୍ବୃତ୍ତଙ୍କ ମାଡ଼ର ଶିକାର ହୋଇଥିବା ବିଏମ୍ସି ଅତିରିକ୍ତ କମିଶନର୍ ରତ୍ନାକର ସାହୁ ଆଜି ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ବିଏମସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଚାନକ ଶ୍ରୀ ସାହୁ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ହସ୍ପିଟାଲ୍‌ରେ ତାଙ୍କର ଛାତି ଯନ୍ତ୍ରଣାର ପରୀକ୍ଷା କରାଯିବା ସହ ଗତକାଲି ଯେଉଁଠି ଆକ୍ରମଣ ବେଳେ ଆହତ ହୋଇଥିଲେ, ସେହି ଜାଗାରେ ଚିକିତ୍ସା କରାଯାଉଛି। ତାଙ୍କ ତଳି ପେଟରେ ବହୁତ ଆଘାତ ଲାଗି ଥିବାରୁ ଏହା ଅସହ୍ୟ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ବିଏମସି କାର୍ଯ୍ୟାଳୟରେ ବସିଥିବା ସମୟରେ ହଠାତ ଶ୍ରୀ ସାହୁ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତାଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ବିଏମସି ହସ୍ପିଟାଲ୍ ନିଆଯାଇଛି। ଅନ୍ୟପକ୍ଷରେ ବିଏମସି ହସ୍ପିଟାଲରେ ସିଏମଏମ୍ ଓ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନ କରୁଛନ୍ତି।

## ଭୋଜି ଖାଇବାକୁ ଯାଇ ଦୁଇ ଭାଇ ନିଖୋଜ

**ବୈଶିଙ୍ଗା,୨।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ମଗୁସିରିଆ ଗ୍ରାମରେ ଏକ ଅଜବ ଘଟଣା ଘଟିଯାଇଛି। ମିଳିଥିବା ସୂଚନା ମୁତାବକ ଗତକାଲି ମଙ୍ଗଳବାର ରାତି ନଅଟା ସମୟରେ ବାପା ଜଟିଆ ବିନ୍ଧାଣି ତାଙ୍କ ଦୁଇ ପୁଅ, ବଡ ଆକାଶ ୧୩ ବର୍ଷ ଓ ସାନ ପୁଅ ବାଦଲ ୧୦ ବର୍ଷ ଙ୍କୁ ସାଥିରେ ଧରି ନିକଟସ୍ଥ ସାରଦା ଗ୍ରାମକୁ ବିଭାଘର ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଅବସରରେ ଧୁମଧାମରେ ଚାଲିଥିବା ନାଚ ଗୀତରେ ସମସ୍ତଙ୍କ ସହିତ ଦୁଇ ପୁଅ ମଧ୍ୟ ମସଗୁଲ ଥିଲେ। ତେବେ ଭୋଜି ସରିବାପରେ ଜଟିଆ ତାଙ୍କ ଦୁଇପୁଅଙ୍କୁ ଆଉ ପାଇନଥିଲେ। ଗ୍ରାମବାସୀଙ୍କ ସହ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ଖୋଜଖବର ମିଳିଲା ନାହିଁ। ସମସ୍ତ ସମ୍ପର୍କୀୟଙ୍କ ଘରକୁ ମଧ୍ୟ ଏ ବାବଦରେ ଖବର ପଠାଯାଇଛି। ଶେଷରେ ନିରାଶ ହୋଇ ଆଜି ବୁଧବାର ବୈଶିଙ୍ଗା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କେସ୍ ନଂ ୩୧୭ ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ବାରିଣୀ ଦାସଙ୍କ ସୂତ୍ରରୁ ପ୍ରକାଶ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ରୋଜଗାର ଲିଙ୍କ୍‌ଡ ପ୍ରୋତ୍ସାହନ ଯୋଜନାରେ ବାଜିଲା କ୍ୟାବିନେଟ ମୋହର

ନୂଆଦିଲ୍ଲୀ ୨।୭ଃ କେନ୍ଦ୍ର ମନ୍ତ୍ରିମଣ୍ଡଳ ଅନୁସନ୍ଧାନ ଓ ବିକାଶ (ଆର ଆଣ୍ଡ ଡି) ପ୍ରୋତ୍ସାହନ ନିମନ୍ତେ ୧ ଲକ୍ଷ କୋଟି ଟଙ୍କା ମଞ୍ଜୁରୀ ଦେଇଛନ୍ତି। ଏହା ସହିତ ଦେଶରେ ରୋଜଗାରକୁ ପ୍ରୋତ୍ସାହନ ଦେବା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା, ରୋଜଗାର ଆଧାରିତ ପ୍ରୋତ୍ସାହନ (ଇଏଲଆଇ) ନିମନ୍ତେ ୧.୦୭ଲକ୍ଷ କୋଟି ଟଙ୍କା ମଧ ମଞ୍ଜୁର କରିଛନ୍ତି। ଏହା ଦ୍ୱାରା ଦେଶରେ ୩୫ ନିୟୁତ ନୂଆ ରୋଜଗାର ସୃଜନ ହୋଇ ପାରିବ ଓ ନୂଆ କରି ନିଯୁକ୍ତି ପାଇଥିବା ୧୯.୨ ନିୟୁତ କର୍ମଚାରୀଙ୍କୁ ୧୫ ହଜାର ଟଙ୍କାର ପ୍ରତ୍ୟକ୍ଷ ଆର୍ଥିକ ଲାଭ ପ୍ରଦାନ କରିବ। ରୋଜଗାର ଆଧାରିତ ପ୍ରୋତ୍ସାହନ (ଇଏଲଆଇ) ଯୋଜନାର ଉଦ୍ଦେଶ୍ୟ ଯୁବବର୍ଗଙ୍କ ଲାଗି ରୋଜଗାର ଅବସର ବଢ଼ାଇବା ଓ ଘରୋଇ କ୍ଷେତ୍ରକୁ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ପ୍ରୋତ୍ସାହିତ କରିବା। ଏହି ଯୋଜନା ନେଇ ସରକାର ୨୦୨୪-୨୫ ବଜେଟରେ ଘୋଷଣା କରିଥିଲେ। ଏହାକୁ ୫ ବର୍ଷରେ ମୋଟ ୨ଲକ୍ଷ କୋଟି ଟଙ୍କାର ବଜେଟ ସହିତ ଲାଗୁ କରାଯିବ।



ଏହି ଯୋଜନା ଅନୁସାରେ ୩ ପ୍ରମୁଖ ଯୋଜନା ପ୍ଲାନ-ଏ, ବି ଓ ସି ରହିଛି, ଯେଉଁଥି ଲାଗି ୧.୦୭ଲକ୍ଷ କୋଟି ଟଙ୍କା ଆବଣ୍ଟିତ କରାଯାଇଛି। ଏହି ସବୁ ଯୋଜନା ମାଧମରେ ପାଖାପାଖି ୩.୧ କୋଟି ନୂଆ ରୋଜଗାର ସୃଷ୍ଟି କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଏହା ଛଡା ୬୩,୦୦୦ କୋଟି ଟଙ୍କା ଯୁବବର୍ଗଙ୍କୁ ଦକ୍ଷତା ପ୍ରଶିକ୍ଷଣ (ସ୍କିଲ ଟ୍ରେନିଂ) ଦେବା ପାଇଁ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମରେ ବ୍ୟୟ କରାଯିବ। ଏହା ଛଡା ଔଦ୍ୟୋଗିକ ପ୍ରଶିକ୍ଷଣ ସଂସ୍ଥା (ଆଇଟିଆଇ) ଆଧୁନିକରଣ ଲାଗି ୩୦,୦୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇଛି। ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେକ୍ଟରରେ ବଡ଼ ଧରଣର ନିବେଶ ହେବ। ଫଳରେ ଟେକ୍ନିକାଲ ଇନୋଭେସନ ଓ ଇଣ୍ଡଷ୍ଟ୍ରି ମଧରେ ପ୍ରତିଯୋଗୀତା ବଢ଼ିବ। ଇଏଲଆଇ ଯୋଜନାରେ ନୂଆ କର୍ମଚାରୀ ଓ କମ୍ପାନୀଙ୍କୁ ବ୍ୟବସାୟୀକ ସହାୟତା ଦିଆଯିବ, ଏଣୁ ରୋଜଗାରର ଅବସର ବଢ଼ିବ। ଯୁବ ବର୍ଗଙ୍କୁ ଦକ୍ଷତା ବିକାଶ ନିମନ୍ତେ ଉନ୍ନତ ପ୍ରଶିକ୍ଷଣ ମିଳିବ ଓ ସେମାନେ ରୋଜଗାରକ୍ଷମ ହୋଇ ପାରିବେ। ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନିଷ୍ଟେଚ୍ୟୁସନ ଓ ଆଡଭାନ୍ସମେଣ୍ଟ ଯୋଗୁ ଟେକ୍ନିକାଲ ଏଜୁକେସନରେ ସୁଧାର ଆସିବ।

ଯୋଜନାର ମୁଖ୍ୟ ବିଶେଷତାଃ ପ୍ଲାନ ଏ-ନୂଆ କର୍ମଚାରୀଙ୍କୁ ସିଧାଶଳଖ ମାସକର ବେତନ ଲାଭ ମିଳିବ। ପ୍ଲାନ ବି-ମେନୁଫେକ୍ଚରିଂ ସେକ୍ଟରଙ୍କୁ ନିଯୁକ୍ତି ସୃଜନ ନିମନ୍ତେ ପ୍ରୋତ୍ସାହିତ କରିବ। ପ୍ଲାନ ସି-ସମସ୍ତ କ୍ଷେତ୍ରରେ ଅତିରିକ୍ତ ରୋଜଗାର ସୃଜନ ଲାଗି କମ୍ପାନୀଙ୍କୁ ପ୍ରୋତ୍ସାହନ ଦେବା ମଧ ସାମିଲ କ୍ୟାବିନେଟ୍ ଆର ଆଣ୍ଡ ଡି ଇନସେଣ୍ଟିଭ ବ୍ୟତୀତ ଆଉ ୩ଟି ବଡ଼ ନିଷ୍ପତ୍ତି ମଧ ନିଆଯାଇଛି। ଏଥିରେ ୧୮୫୩କୋଟି ଟଙ୍କା ବ୍ୟୟରେ ପରମକୁଡି-ରାମନାଥପୁରମ ଜାତୀୟ ରାଜମାର୍ଗକୁ ୪ ଥାକିଆ କରିବା କାମ ମଧ ରହିଛି। ଏହା ଛଡା ଧନୁଷ୍କୋଡି-ରାମନାଥପୁରମ ରାଜମାର୍ଗ ନିମନ୍ତେ ଡିପିଆର ଏବେ ପ୍ରସ୍ତୁତି ସରିଛି। ସେହିପରି କ୍ୟାବିନେଟ୍ ଖେଲୋ ଭାରତ ନୀତି ୨୦୨୫ ଏବେକା ଜାତୀୟ ଖେଳ ନୀତିର ସ୍ଥାନ ନେବା ବୋଲି ମଧ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି।

## ଲଞ୍ଚ ହେଲା ନଥିଙ୍ଗ ଫୋନ୍-୩

ନୂଆଦିଲ୍ଲୀ, ୨।୭ଃ ନଥିଂ ସ୍ମାର୍ଟଫୋନ ପ୍ରଥମ ଥର ଏହା ଫ୍ଲାଗ୍‌ସିପ୍ ସ୍ମାର୍ଟଫୋନ୍ ଲଞ୍ଚ କରିଛି। ମଙ୍ଗଳବାର ୟୁକେର ଏକ ଇଭେଣ୍ଟର ନଥିଂ ଫୋନ୍ ୩ ଲଞ୍ଚ କରିଛି କମ୍ପାନୀ। ସ୍ମାର୍ଟଫୋନ୍‌ରେ ବ୍ୟାକ୍‌ରେ ନୂଆ ଗ୍ଲିଫ୍ ମାଟ୍ରିକ୍ସ ମାଇକ୍ରୋ ଡିସ୍ ପ୍ଲେ ରହିଛି। ପ୍ରିମିୟମ ମାଟେରିଆଲ ସହ ଜ୍ୟାମୋଟ୍ରିକ୍ସ ଡିଜାଇନ୍ ଦିଆଯାଇଛି। ସ୍ମାର୍ଟଫୋନ୍‌ରେ ସ୍ନାପଡ୍ରାଗନ ୮ଏସ ଜେନ୪ (Snapdragon 8s Gen 4) ପ୍ରୋସେସର ଦିଆଯାଇଥିବା ବେଳେ ଇମେଜ୍ ପ୍ରୋସେସିଂ, ଏଆଇ ଏବଂ ଗେମିଂ ଭଳି ଫ୍ଲାଗ୍‌ସିପ୍ ଫିଚର୍ସ ରହିଛି। କ୍ୟାମେରାରେ ବି ଅପ୍‌ଗ୍ରେଡ୍ କରିଛି କମ୍ପାନୀ। ଏଥର କ୍ୟାମେରାରେ ଫ୍ଲିପ୍ ଟୁ ରିକର୍ଡ ଅପସନ ଦିଆଯାଇଛି। ନଥିଙ୍ଗ ଫୋନ୍-୩ ବ୍ଲାକ୍ ଏବଂ ହ୍ୱାଇଟ୍ କଲର ଅପସନ ସହ ମାତ୍ର ଦୁଇଟି ଭ୍ୟାରିଏଣ୍ଟରେ ଲଞ୍ଚ ହୋଇଛି। ଗୋଟିଏ ୧୨ଜିବି + ୨୫୬ଜିବି ଓ ୧୬ଜିବି + ୫୧୨ଜିବି ରହିଛି। ସ୍ମାର୍ଟଫୋନ୍ ଲଞ୍ଚ୍ ମୂଲ୍ୟ ଯଥାକ୍ରମେ ୭୯,୯୯୯ ଟଙ୍କା ଏବଂ ୮୯,୯୯୯ ଟଙ୍କା ରଖାଯାଇଛି। ବ୍ୟାଙ୍କ ଏବଂ ଏକ୍ସଚେଞ୍ଜ ଅଫର ପରେ, ଉଭୟ ଭାରିଆଣ୍ଟର ମୂଲ୍ୟ ଯଥାକ୍ରମେ ୬୨,୯୯୯ ଏବଂ ୭୨,୯୯୯ କୁ କମିଯିବ। ନଥିଙ୍ଗ ଫୋନ୍-୩ ଜୁଲାଇ ୧୫ରୁ ଫ୍ଲିପକାର୍ଟ, ଫ୍ଲିପକାର୍ଟ ମିନିଟ,ସମେତ ରିଟେଲ୍ ଷ୍ଟୋର ମାଧ୍ୟମରେ ବିକ୍ରି ଆରମ୍ଭ ହେବ। କ୍ୟାମେରା କଥା ଦେଖିଲେ ଏଥିରେ ୫୦ ମେଗାପିକ୍ସେଲ୍‌ର ୩ ଟି କ୍ୟାମେରା ମିଳିବ। ଟେଲିଫୋଟ, ପେରିସ୍କୋପ ଓ ୱାଇଡ୍ ଆଙ୍ଗଲ କ୍ୟାମେରା ଦିଆଯାଇଛି। ସବୁ ଲେନ୍ସରେ ଓଆଇଏସ୍ ସହ । 4K at 60fps ରେକର୍ଡ ହୋଇପାରିଭ। ୱାଟର ଓ ଡଷ୍ଟ ରେଜିଷ୍ଟାନ୍ସ ପାଇଁ ଆଇପି୬୮ ରେଟିଂ ରହିଛି। ଫୋନ୍-୩ରେ ୬.୬୭ ଇଞ୍ଚର ଡିସ୍‌ପ୍ଲେ ଦିଆଯାଇଥିବା ବେଳେ କର୍ଣ୍ଣିଂ ଗରିଲା ଗ୍ଲାସ୍ ୭ଆଇର ପ୍ରୋଟେକ୍ସନ ରହିଛି। ସେହିପରି ରିୟର ସାଇଟ୍‌ରେ ଗରିଲା ଗ୍ଲାସ୍ ଭିକ୍ଟସ୍ ପ୍ରୋଟେକ୍ସନ ଦିଆଯାଇଛି। ୫.୫୦୦ ଏମ୍‌ଏଏଚ ବ୍ୟାଟେରୀ ୬୫ଡବ୍ଲ୍ୟୁ ୱାର୍ଡ ଚାର୍ଜର ଏବଂ ୧୫ ୱାର୍ଟର ୱାୟରଲେସ ଚାର୍ଜିଂ ଫେସିଲିଟି ଦିଆଯାଇଛି। ଆଣ୍ଡ୍ରଏଡ୍ -୧୫ରେ ଚାଲିବାକୁ ଥିବା ଏହି ସ୍ମାର୍ଟଫୋନ୍‌ରେ ୫ ବର୍ଷ ମେଜର ଅପଡେଟ୍ ଓ ୭ ବର୍ଷର ସିକ୍ୟୁରିଟି ଅପଡେଟ୍ ମିଳିବ।




## ୪୦ ଲକ୍ଷ ଘରକୁ ବିଦ୍ୟୁତ ଯୋଗାଇବ ଏସବିଆଇ

**ନୂଆଦିଲ୍ଲୀ, ୨।୭:** ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ ଭାରତର ସବୁଠାରୁ ବଡ଼ ବ୍ୟାଙ୍କ ହେଉଛି- ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଆପଣ ଖାଲି ଏଥିକି ଜାଣିଥିବେ ଯେ, ଏହି ବ୍ୟାଙ୍କ ଋଣ ପ୍ରଦାନ କରେ, ଏଫଡି କରେ ଏବଂ ଜମା ମଧ୍ୟ ରଖେ। କିନ୍ତୁ ବର୍ତ୍ତମାନ ଏହାର ନୂଆ ପ୍ରୋଜେକ୍ଟ ସାମ୍ନାକୁ ଆସିଛି। ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ଡିଟେଲ୍ସ। ଏସବିଆଇ କେବଳ ଲୋକଙ୍କୁ ଋଣ ଦେଇ ସେମାନଙ୍କର ଆର୍ଥିକ ଆବଶ୍ୟକତା ପୂରଣ କରୁନାହିଁ, ବରଂ ସେମାନଙ୍କ ଘରକୁ ମଧ୍ୟ ଆଲୋକିତ କରୁଛି। ଏକଥା ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟି ସତ। ବର୍ତ୍ତମାନ୍ ଏସବିଆଇ ସହାୟତାରେ, ୪୦ ଲକ୍ଷ ଘରକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ, ତାହା ମଧ୍ୟ କୌଣସି ବିଦ୍ୟୁତ୍ ବିଲ୍ ବିନା। ଦେଶର ସର୍ବବୃହତ ସରକାରୀ ବ୍ୟାଙ୍କ ହେଉଛି, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)। ଆଗାମୀ ଦୁଇ ବର୍ଷ ମଧ୍ୟରେ ୪୦ ଲକ୍ଷ ଘରେ ସୋଲାର ରୁଫ୍-ଟପ୍ ସିଷ୍ଟମ୍ ସ୍ଥାପନ କରିବାରେ ସାହାଯ୍ୟ କରିବ। ଏଥି ସହ ଏସବିଆଇର ଏହି ନୀତି ଦେଶରେ ରେନେୱେବଲ୍ ଏନର୍ଜି ପ୍ରଡକ୍ସନ୍ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ। ଏଥି ସହ ଏସବିଆଇ ଏକ ସରକାରୀ ବିବୃତ୍ତିରେ କହିଛି ଯେ, "ଭାରତର ରେନେୱେବଲ୍ ଏନର୍ଜି ପରିବର୍ତ୍ତନରେ ଏକ ଭୂମିକା ଗ୍ରହଣ କରିବା ପାଇଁ, ଏସବିଆଇର ସୋଲାର୍ ରୁଫ-ଟପ୍ କାର୍ଯ୍ୟକ୍ରମ ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ୪୦ ଲକ୍ଷ ଘରକୁ ସୋଲାର ଏନର୍ଜିରେ ସଜ୍ଜିତ କରିବାକୁ ଲକ୍ଷ୍ୟ ରଖିଛି। ଏହା ଦ୍ୱାରା ଭାରତର ନେଟ୍ ଜିରୋ ୨୦୭୦ ଲକ୍ଷ୍ୟକୁ ଆଗକୁ ବଢ଼ାଇବ।"




ଏଥି ସହ ଜାଣିରଖନ୍ତୁ ଯେ, ବ୍ୟାଙ୍କ ନିଜର ୭୦ ବର୍ଷ ପୂରଣ କରିବା ପରେ ଏହି ଘୋଷଣା କରିଛି। ଏସବିଆଇ ୧ ଜୁଲାଇ, ୧୯୫୫ରେ ଦେଶରେ ଏହାର ବ୍ୟବସାୟ ଆରମ୍ଭ କରିଥିଲା। ଏସବିଆଇ କହିଛି ଯେ ଏହା କୃଷି ଭିତ୍ତିଭୂମି, କୃଷି-ଉଦ୍ୟୋଗ, କୃଷକ ଉତ୍ପାଦକ ସଂଗଠନ ଏବଂ ସମବାୟକୁ ସମର୍ଥନ କରିବା ପାଇଁ ୩.୫ ଲକ୍ଷ କୋଟି ଟଙ୍କାର ଋଣ ଦେଇଛି। ଏସବିଆଇର ୭୦ ବର୍ଷ ପୂରଣ ହେବା ପରେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବ୍ୟାଙ୍କକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଆଜି ୨୩,୦୦୦ରୁ ଅଧିକ ବ୍ରାଞ୍ଚ, ୭୮,୦୦୦ ଗ୍ରାହକ ସେବା ପଏଣ୍ଟ ଏବଂ ୬୪,୦୦୦ ଏଟିଏମ ସହିତ, ଏସବିଆଇ ବହୁତ ଭଲ ସ୍ଥିତିରେ ଅଛି। ଏଥିସହ ଆହୁରି ମଧ୍ୟ କହିଛନ୍ତି ଯେ, ଗତ ଦଶନ୍ଧିରେ ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଡିଜିଟାଲ ପରିବର୍ତ୍ତନ ଗ୍ରାହକମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଛି। ବ୍ୟାଙ୍କ ୧.୫ କୋଟି ଚାଷୀ, ମହିଳାମାନଙ୍କ ଦ୍ୱାରା ପରିଚାଳିତ ୧.୩ କୋଟି ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରଧାନମନ୍ତ୍ରୀ ସ୍ୱାନିଧି ଯୋଜନା ଅଧୀନରେ ୩୨ ଲକ୍ଷ ରାସ୍ତା ବିକ୍ରେତା, ୨୩ ଲକ୍ଷ ଏମଏସଏମଇ ଏବଂ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ କାରିଗରଙ୍କୁ ସହାୟତା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବ୍ୟାଙ୍କରେ ୧୫ କୋଟିରୁ ଅଧିକ ଜନଧନ ଆକାଉଣ୍ଟ, ୧୪.୬୫ କୋଟି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ୧.୭୩ କୋଟି ଅଟଳ ପେନସନ ଯୋଜନା ଏବଂ ୭ କୋଟି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ହିତାଧିକାରୀ ଅଛନ୍ତି।

## ପୁରୀ ରଥଯାତ୍ରାରେ 'ଆଶୀର୍ବାଦ' ଭକ୍ତଗଣଙ୍କୁ 'ଭକ୍ତି ପଥେ' ଆଗେଇ ନେଉଛି

ପୁରୀ, ୨।୭ (ସଂଚାର ବ୍ୟୁରୋ)ଃ ଆଶୀର୍ବାଦ ଶୁଦ୍ଧ ଚକି ଅଟ୍ଟା ପକ୍ଷରୁ ଭର୍ଚୁଆଲ ପଦ୍ଧତିରେ ଭକ୍ତମାନଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପ୍ରସାଦ ପ୍ରସ୍ତୁତି ଓ ଅର୍ପଣ ସହିତ ଏକ ଅନ୍ତର୍ନିବେଶୀ ଆଧାତ୍ମିକ ଯାତ୍ରାରେ ନିଆଯାଇଥିଲା ଏବଂ ଆରାଧ ଦେବତାମାନଙ୍କର ହୋଲୋଗ୍ରାଫିକ ଦର୍ଶନ ସହିତ ସେଥିରେ ପରିସମାପ୍ତି ଘଟିଥିଲା ବହୁ ବର୍ଷ ଧରି ଭାରତର ୧ ନମ୍ବର ପ୍ୟାକେଜଡ୍ ଅଟ୍ଟା ବ୍ରାଣ୍ଡ ଆଶୀର୍ବାଦ ରଥ ଯାତ୍ରା ଉତ୍ସବର ଏକ ଆକାଂକ୍ଷିତ ଅଂଶ ହୋଇ ରହିଆସିଛି। ଚଳିତ ବର୍ଷ ମଧ ଆଶୀର୍ବାଦ ସର୍ବାଧୁନିକ ଯୁଗର ପ୍ରଯୁକ୍ତିବିଦ୍ୟା ସହିତ ବହୁ ପୁରାତନ ପରମ୍ପରାକୁ ସଂଯୋଗ କରୁଥିବା ଆଧାତ୍ମିକ ଦୃଷ୍ଟିରୁ ଅନ୍ତର୍ଦର୍ଶିଷ୍ଣକାରୀ ଏହି ଧରଣର ପ୍ରଥମ ସକ୍ରିୟ କାର୍ଯ୍ୟକ୍ରମ 'ଭକ୍ତି ପଥେ' (ଭକ୍ତିର ପଥ) ଉନ୍ମୋଚନ କରି ଏହି ପର୍ବ ସହିତ ଗଭୀର ଭାବରେ ଅନ୍ତର୍ନିବିଷ୍ଟ ସହଯୋଗୀତା ଜାରି ରଖିଛି। ପୁରୀରେ ଜୁନ ୨୭ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ରୁହନ୍ତୁ, ଏହି ଅନୁଭୂତି ଭକ୍ତଗଣଙ୍କୁ ଏକ ସମକାଳୀନ ଢାଂଚାରେ ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି।

ପାରମ୍ପରିକ ବିଧି ବିଧାନଗୁଡିକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଭକ୍ତମାନଙ୍କ ନିମନ୍ତେ ସମାବେଶୀ ଏବଂ ସୁଲଭ୍ୟ ହେବା ଭଳି 'ଭକ୍ତି ପଥେ' ଏଆଇ, ଗେମିଫିକେସନ ଏବଂ ଅନ୍ତର୍ନିବେଶୀ ଦୃଶ୍ୟାବଳୀ ଦ୍ୱାରା ପରିଚାଳିତ ଏକ ବହୁଧା-ଇନ୍ଦ୍ରିୟ ଅନୁଭୂତି ପାଇଁ ଭକ୍ତଙ୍କୁ ଆମନ୍ତ୍ରଣ କରୁଛି, ଯାହା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଏକ ଗଭୀର ଭକ୍ତିଭାବ ଭରା, ପ୍ରଯୁକ୍ତି-ସମର୍ଥିତ ଈଶ୍ୱରୀୟ ସଂଯୋଗର ହୋଲୋଗ୍ରାଫିକ ଦର୍ଶନ ସହିତ ପରିସମାପ୍ତ ହେଉଛି।




ଶ୍ରୀ ଅନୁଜ ରୁସ୍ତଗୀ, ସିଓଓ, ଷ୍ଟାପଲ୍ସ ଆଣ୍ଡ ଆଡ୍‌ଜାସେନସିଜ୍, ଫୁଡ୍‌ସ୍ ଡିଭିଜନ, ଆଇଟିସି ଲିମିଟେଡ କହିଥିଲେ, "ଆଶୀର୍ବାଦ ପବିତ୍ର ରଥଯାତ୍ରାର ସର୍ବଦା ଅଂଶବିଶେଷ ହୋଇ ରହିଆସିଛି। 'ଭକ୍ତି ପଥେ' ସହିତ ତୀର୍ଥଯାତ୍ରୀଙ୍କ ନିମନ୍ତେ ଦର୍ଶନ ଅଧିକ ସୁଲଭ୍ୟ କରିବାକୁ ପ୍ରଯୁକ୍ତି ଉପଯୋଗରେ ଆମେ ଏହି ପାର୍ବଣକୁ ଅଧିକ ସମାବେଶୀ କରିବା ଲକ୍ଷ୍ୟ ରଖିଛୁ। ଆଶୀର୍ବାଦ ଶୁଦ୍ଧ ଚକ୍କି ଅଟ୍ଟାର ଅସଲିପଣ ସହିତ ଡିଜିଟାଲ ପ୍ରସାଦ-ପ୍ରସ୍ତୁତିକୁ ସମର୍ଥ କରାଇବାଠାରୁ ନେଇ ଏକ ସ୍ୱର୍ଗୀୟ ଦର୍ଶନ ସୁବିଧା ଯୋଗାଇବା ପର୍ଯ୍ୟନ୍ତ, ଆଶୀର୍ବାଦ ଭକ୍ତଗଣଙ୍କ ନିମନ୍ତେ ଏହି ପରମ୍ପରାକୁ ଅଧିକ ହୃଦୟସ୍ପର୍ଶୀ, ସୁଲଭ୍ୟ ଏବଂ ଅନ୍ତର୍ନିବେଶୀ ଉପାୟରେ ଉପସ୍ଥାପନ କରିବା ନେଇ ଗର୍ବିତ ମନେକରୁଛି।"

## ଏବେବି ଫେରିନି ୬୦୯୯ କୋଟି ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍



ମୁମ୍ବାଇ, ୨।୭ଃ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୦୦ ଟଙ୍କାର ନୋଟ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେବାର ପ୍ରାୟ ଦୁଇ ବର୍ଷ ବିତିଗଲାଣି, କିନ୍ତୁ ଏହି ନୋଟଗୁଡ଼ିକର ଏକ ବଡ଼ ସଂଖ୍ୟା ଏବେ ବି ଲୋକଙ୍କ ପାଖରେ ପଡ଼ି ରହିଛି। ଏଗୁଡ଼ିକର ମୋଟ ମୂଲ୍ୟ ୬୦୯୯ କୋଟି ଟଙ୍କା ହେବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ତଥ୍ୟରୁ ଜଣାପଡ଼ିଛି । ଗତ ମେ ୩୧ ତାରିଖ ସୁଦ୍ଧା ଏହି ପରିମାଣ ୬୧୮୧ କୋଟି ଟଙ୍କା ଥିଲା । ମାସକ ମଧରେ ମାତ୍ର ୮୨ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ ଫେରିଛି । ଅର୍ଥାତ୍ ଆଉ ବିଶେଷ ପରିମାଣର ୨୦୦୦ ଟଙ୍କିଆ ନୋଟ ଫେରୁନାହିଁ । ରିଜର୍ଭ ବ୍ୟାଙ୍କ ୧୯ ମଇ ୨୦୨୩ରେ ୨୦୦୦ ଟଙ୍କାର ନୋଟ୍ ପ୍ରଚଳନରୁ ପ୍ରତ୍ୟାହାର କରିବା ଘୋଷଣା କରିଥିଲା। ସେତେବେଳେ ବଜାରରେ ୩.୫୬ ଲକ୍ଷ କୋଟି ଟଙ୍କାର ୨୦୦୦ ଟଙ୍କାର ନୋଟ୍ ଥିଲା। ବର୍ତ୍ତମାନ ଦୁଇ ବର୍ଷ ପରେ, ୩୦ ଜୁନ୍ ୨୦୨୫ ସୁଦ୍ଧା, ଏହି ନୋଟଗୁଡ଼ିକର ମୋଟ ମୂଲ୍ୟ ୬,୦୯୯ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍, ଏପର୍ଯ୍ୟନ୍ତ ୯୮.୨୯ ପ୍ରତିଶତ ନୋଟ୍ ଫେରି ଆସିଛି।

## ଜୁଲାଇରେ ୧୩ ଦିନ ବନ୍ଦ ରହିବ ବ୍ୟାଙ୍କ

ନୂଆଦିଲ୍ଲୀ,୨।୭ଃ ଜୁଲାଇରେ ଦେଶର ବିଭିନ୍ନ ରାଜ୍ୟରେ ବ୍ୟାଙ୍କ ମୋଟ ୧୩ ଦିନ ବନ୍ଦ ରହିବ। ୪ଟି ରବିବାର ଏବଂ ୨ଟି ଶନିବାର ବାଦ ବିଭିନ୍ନ ପର୍ବପର୍ବାଣୀ ପାଇଁ ଆଉ ୭ ଦିନ ବ୍ୟାଙ୍କରେ କାମ ହେବନି। ୩ ଜୁଲାଇରେ ଖର୍ଚି ପୂଜା ଯୋଗୁ ଅଗରତାଲାରେ ବ୍ୟାଙ୍କ ଛୁଟି ରହିବ। ୫ ଜୁଲାଇରେ ଗୁରୁ ଗୋବିନ୍ଦସିଂହ ଜନ୍ମୋତ୍ସବ ଯୋଗୁ ଜମ୍ମୁ ଓ ଶ୍ରୀନଗର, ୧୪ରେ ସିଲଂରେ ବେହ ଦିଲ୍‌ଖିଲାମ, ୧୬ରେ ଡେରାଡୁନରେ ହରେଲା ତ୍ୟୋହାର, ୧୭ରେ ସିଲଂରେ ୟୁ ତୋରତ ସିଂ ପୁଣ୍ୟତିଥି, ୨୮ରେ ଗ୍ୟାଙ୍ଗଟକରେ ଦ୍ରୁପକୋସେ ଜି ଯୋଗୁ ବ୍ୟାଙ୍କ ଛୁଟି ରହିବ। ୬,୧୩,୨୦ ଏବଂ ୨୭ରେ ରବିବାର, ୧୨ ଏବଂ ୨୬ରେ ଦ୍ୱିତୀୟ ଓ ୪ର୍ଥ ଶନିବାର ପଡୁଛି। ଏହି ଦିନଗୁଡ଼ିକରେ ମଧ ବ୍ୟାଙ୍କ ଛୁଟି ଯୋଗୁ କାମ ହେବନି ବୋଲି ସୂଚନା ମିଳିଛି। ଗ୍ରାହକ ଏଟିଏମ, ଅନଲାଇନ ବ୍ୟାଙ୍କିଙ୍ଗ ଜରିଆରେ ବ୍ୟାଙ୍କ ସେବା ଲାଭ କରିପାରିବେ।

## ଅରିଓ ଫାର୍ମାର ପ୍ରତିଷ୍ଠା ଦିବସ

କୋଲକାତା, ୨।୭ଃ ଅରିଓ ଫାର୍ମା ଲାବୋରେଟୋରିଜ୍ ପକ୍ଷରୁ ୫୩ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ୧୯୭୨ରେ ରାମଲାଲ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା କମ୍ପାନି ପ୍ରତିଷ୍ଠା କରାଯାଇଥିଲା। ରାମଲାଲ ୱେଲଫେୟାର ଟ୍ରଷ୍ଟ୍ ପକ୍ଷରୁ ଏସ୍‌ଏଚ୍‌କେବି ସରଣୀରେ ଏକ ଦାତବ୍ୟ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏଥିସହିତ ଦୁର୍ବଳ ଆର୍ଥିକ ପୃଷ୍ଠଭୂମିର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଆରତୀ ସ୍କଲାରସିପ୍ ଫର୍ ଏକ୍ସଲେନ୍ସ ପ୍ରଦାନ କରାଯାଇଥିଲା। କମ୍ପାନିର ନିର୍ଦ୍ଦେଶିକା ସ୍ୱର୍ଗତ ଆରତୀ ପ୍ରଭା ଭଟ୍ଟାଚାର୍ଯ୍ୟଙ୍କ ସ୍ମୃତିରେ ଏହି ଶିକ୍ଷାବୃତ୍ତି ଦିଆଯାଉଛି। ବର୍ତ୍ତମାନ ସନ୍ତୋଷ ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ କମ୍ପାନି ପରିଚାଳିତ ହେଉଛି।




## ଆଜିର ସୁନା ଦର



ଆଜି ସୁନା ଦର ବୃଦ୍ଧି ହୋଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮,୮୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦,୬୫୦ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା୯୮, ୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୦, ୮୯୦ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯ ୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୮୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୬୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୮୯୦ ଓ ୯୦ ହଜାର ୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୭୯ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୧ପଇସା ରହିଛି।

## ବୁଲିଲା ଖଣ୍ଡା: ୨ ଗୁରୁତର

**ବ୍ରହ୍ମପୁର,୨।୭(ସଂଚାର ବ୍ୟୁରୋ):** ଗଂଜାମ ଥାନା ତେଲୁଗୁ ନୂଆଗାଁ ନିକଟରେ ଦୁଇ ଜଣକୁ ଖଣ୍ଡାରେ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଦୁଇ ଆହତ ହେଲେ ରିଙ୍କି ବେହେରା ଓ ଭୀମ ତରେଇ । ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ସୂଚନା ଅନୁସାରେ ଭୀମଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଅଭିଯୋଗ ଅନୁସାରେ ରିଙ୍କି ବେହେରାଙ୍କର କିଛି ପିଲାଙ୍କ ସହ ଝଗଡା ହୋଇଥିଲା। ଏହାକୁ ନେଇ ରିଙ୍କି ଗଞ୍ଜାମ ଥାନାରେ ଅଭିଯୋଗ କରିବା ପାଇଁ ଯାଇଥିଲେ। ସେଠାରୁ ଭୀମଙ୍କ ସହ ଫେରୁଥିବା ବେଳେ ଉଭୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ କିଛି ଯୁବକ। ଗଞ୍ଜାମ ପୋଲିସ ତଦନ୍ତ ଘଟଣାର ତଦନ୍ତ କରୁଥିବା ବେଳେ ଆକ୍ରମଣକାରୀ ଫେରାର ଥିବା ଜଣାପଡିଛି।

## କଲେଜର ପ୍ରତିଷ୍ଠା ଦିବସରେ ପୁରାତନ ଛାତ୍ର ସଂଘ ପକ୍ଷରୁ ରକ୍ତ ଦାନଶିବିର



**ସୁବର୍ଣ୍ଣପୁର,୨।୭(ସଂଚାର ବ୍ୟୁରୋ):** ସୋନପୁର କଲେଜର ୬୨ ତମ ପ୍ରତିଷ୍ଠା ଦିବସ ଅବସରରେ ପୁରାତନ ଛାତ୍ର ସଂଘ ପକ୍ଷରୁ ସୋନପୁର କଲେଜ ଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ଏସପି ନାରାୟଣ ନାୟକ ଓ କଲେଜ ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ପୂରାତନ ଛାତ୍ର ସଂଘ ର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ, ସଂପାଦକ ଭାରତ ଭୁଷଣ ଦାଶ, ଉପଦେଷ୍ଟା ସିତାଂଶୁ ଶେଖର ମିଶ୍ର ରକ୍ତ ଦାନ କରିବା ପାଇଁ ନୂତନ ରକ୍ତ ଦାତଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପୂରାତନ ଛାତ୍ର ସଙ୍ଘର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସହ ସମ୍ପାଦକ ବିଶ୍ୱବିର ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପୂଝାରୀ ଏବଂ ପ୍ଲାବନ ମହାପାତ୍ର, ସ୍ୱରୂପ ପାତ୍ର, ଶାଶ୍ୱତ ମିଶ୍ର, ଶୁଭମ ମିଶ୍ର, ଗୋପାଳ ବାରଇ, ଅଭିଷେକ ଶର୍ମା, ଦୀପକ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ଜ୍ୟୋତିର୍ମୟ ମିଶ୍ର ପ୍ରମୁଖଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା, ସହଯୋଗ କରିଥିଲେ । ଜିଲ୍ଲା ବାର ଆସୋସିଏସନ୍, ବୁଢ଼ାରଜା ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ବେଳେ ଜିଲ୍ଲା ରକ୍ତ କେନ୍ଦ୍ରର ଡ଼ା. ଚିତ୍ତ ରଞ୍ଜନ ତ୍ରିପାଠୀ, କାଉନସିଲର ଜଗତ ଦାରୁଅନ୍, ଲେୱ୍ ଟେକ୍ନିଶିଆନ ସତ୍ୟବ୍ରତ ତାଣ୍ଡି, ଯୁଧିଷ୍ଠିର ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ପୁଲିସ ମାଡ଼ରେ କାନ ଫାଟିଲା

● ନ୍ୟାୟ ପାଇଁ ଆରକ୍ଷୀ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ନୟାଗଡ଼,୨।୭(ସଂଚାର ବ୍ୟୁରୋ):** ପୋଲିସ ମାଡ଼ରେ ଫାଟିଲା କାନ। ନ୍ୟାୟ ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ପୀଡିତା। ନୟାଗଡ ଜିଲ୍ଲା ଫତେଗଡ ଥାନାରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଫତେଗଡ କାଳିକାସାହିର ବନବାସ ସ୍ୱାଇଁଙ୍କ ୬ ବର୍ଷର ଝିଅ ତାଙ୍କ ପଡୋଶୀ ୫ ବର୍ଷର ପୁଅକୁ ପେଲି ଦେବାରୁ ପଡିଯାଇ ଖଣ୍ଡିଆ ଖାପରା ହୋଇଥିଲା। ଏନେଇ ପଡୋଶୀ ଘର ଲୋକ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ବନବାସ ଗତମସ ୧୨ ତାରିଖରେ ଫତେଗଡ଼ ଥାନାକୁ ଯାଇଥିଲେ। ସେଠାରେ ଜଣେ ପୋଲିସ କର୍ମଚାରୀଙ୍କ ସହିତ କଥା ହେଉଥିବାବେଳେ ଏଏସଆଇ ଅରୂପାନନ୍ଦ ନାୟକ ବନବାସ ଙ୍କୁ ପାଖକୁ ଡାକି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବାସହ ବନବାସଙ୍କ ଗାଲକୁ ୮ ରୁ ୧୨ ଶକ୍ତ ଚାପୁଡ଼ା ମାରିଥିଲେ। ଏହା ସହିତ ବିଧା ଗୋଇଠା ମାଡ ମାରିବା ସହ ସଂନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ବସାଇ ଥିଲେ। ଅଭିଯୋଗ କାରି କେଶର ରଫା ଦଫା କରିବା ପରେ ତାଙ୍କୁ ଥାନାରୁ ଛାଡିଥିଲେ। ଘରକୁ ଫେରିବା ପରେ ଅସୁସ୍ଥତା ଅନୁଭବ କରିବା ସହ କାନ କୁ କିଛି ଶୁଭିନଥିଲା। ପରଦିନ ସେ ଖୋର୍ଦ୍ଧା ଓ ନୟାଗଡ ରେ ଡାକ୍ତର ଙ୍କୁ ଦେଖାଇବା ପରେ ଡାକ୍ତର କହିଥିଲେ କାନର ଗିରି ଫାଟିଯାଇଛି। ଚିକିତ୍ସା ପରେ ବନବାସ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏତଲା ରଖିନଥିବା ବନବାସ ଅଭିଯୋଗ କରିଥିଲେ। ବଡ଼ ଆଶ୍ଚର୍ଯ୍ୟର କଥା ଘଟଣା ଘଟିଥିବା ଦିନ ପୋଲିସ ଅରୂପାନନ୍ଦ ପୂର୍ବରୁ ଫତେଗଡ ଥାନାରୁ ବଦଳି ହୋଇ ଜଟଣୀ ଥାନାରେ ଯୋଗ ଦେଇସାରିଥିଲେ । ସେ ଜଟଣୀ ଥାନା ଛାଡି ଫତେଗଡ଼ ଥାନା କାହିଁକି ଆସିଥିଲେ ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବନବାସ ଫତେଗଡ଼ ଥାନାରୁ ନ୍ୟାୟ ନପାଇବାରୁ ଆଜି ପରିବାର ସହ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣା ଉପରେ ବୁଝିବା ପରେ ଖଣ୍ଡପଡା ଏସଡିପିଓଙ୍କ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଏଏସଆଇ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପରିବାର ଲୋକ ଦାବି କରିଛନ୍ତି।




## କମାରଡ଼ିହି ପାକ୍ସ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଚାଷୀ ମେଳି

# ଟୋକନ୍ ଲାପ୍ସ ପାଇଁ ସମ୍ପାଦକଙ୍କୁ ଦାୟୀକଲେ ଚାଷୀ

**ଦଶରଥପୁର,୨।୭(ସଂଚାର ବ୍ୟୁରୋ):** ସରକାରଙ୍କ ପକ୍ଷରୁ ରବିଧାନ କିଣିବା ପାଇଁ ଚାଷୀଙ୍କ ନିକଟକୁ ଆସିଲା ଟୁକନ । ମେଁ ୨୮ ତାରିଖରୁ ଟୁକନ ତାରିଖ ଆରମ୍ଭ ହୋଇ ଜୁନ ୩୧ ତାରିଖରେ ଟୁକନ ଅବଧି ଶେଷ ହେବ ବୋଲି ମୋବାଇଲକୁ ମେସେଜ ବି ଆସିଲା । ଚାଷୀ ମନରେ ଆନନ୍ଦ ଭରିଗଲା । କାରଣ ଥିଲା ଖରା କାକର ଖାଇ ମୁଣ୍ଡ ଝାଳ ତୁଣ୍ଡରେ ମାରି ମହାଜନ ଠାରୁ କରଜ ଆଣି ଚାଷ କରି ଅମଳ କରିଥିବା ଧାନକୁ ମଣ୍ଡିରେ ଦେଇ ଧାନ ଟଙ୍କା ମିଳିଲେ ମହାଜନ କରଜ ଶୁଝିବା ଶହ ବର୍ଷ ସାରା ବଳକା ଟଙ୍କାରେ ନିଜର ପରିବାର ପ୍ରତିପୋଷଣ କରିବା। ମାତ୍ର ଚାଷୀର ସବୁ ଆସା ଧୂଳିସାତ ହୋଇଗଲା । ଚାଷୀ ନାଁ ମଣ୍ଡିରେ ଧାନ ଦେଇପାରିଲା ନାଁ ମହାଜନ କରଜ ସୁଝି ପାରିଲା ଏବେ କିପରି ମହାଜନ କରଜ ସୁଝିବ ଓ ବର୍ଷ ସାରା କିପରି



ନିଜ ପରିବାର ପ୍ରତିପୋଷଣ କରିବ ଏହାକୁ ନେଇ ଏବେ ଶହ ଶହ ଚାଷୀ ଚିନ୍ତାରେ ଥିବା ବେଳେ ସରକାର ତଥା ପ୍ରଶାସନ ନିଦା ବିଷ୍ଣୁ ସାଜିଥିବା ଦେଖିବା ପାଇଁ ମିଳିଛି । ଏମିତି ଏକ ଅଭିଯୋଗ ଆସିଛି ଦଶରଥପୁର ବ୍ଲକ କମାରଡ଼ିହି ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ) ରେ । ଏହି ପାକ୍ସରେ ଏବେ ପ୍ରାୟ ୫ ଶହରୁ ଉର୍ଦ୍ଧ ଚାଷୀ ଟୁକନ ପାଇଥିଲେ ମଧ୍ୟ ମଣ୍ଡିରେ ଧାନ ଦେଇ ନପାରି ନିରାଶ ହୋଇ ପଡ଼ିଥିବା ବେଳେ କିପରି ମହାଜନ କରଜ ସୁଝିବେ ଏହାକୁ ନେଇ ଏବେ ଚିନ୍ତାରେ ଚାଷୀକୁଳ । ଏହି ପରିପ୍ରେକ୍ଷୀରେ ୧-୭-୨୫ ରିଖ ମଙ୍ଗଳବାର ସନ୍ଧ୍ୟାରେ ମା ଜୟଚଣ୍ଡୀ ପୀଠରେ ଶହ ଶହ ଚାଷୀ ଏକଜୁଟ ହୋଇ ମଣ୍ଡିରେ ଧାନ କେଉଁ କାରଣ ପାଇଁ ଯାଇପାରିଲା ନାହିଁ ଓ ଆଗାମୀ ଦିନରେ ଚାଷୀ ମାନେ କି ପଦକ୍ଷପ ଗ୍ରହଣ କରିବେ ଏଥିନେଇ ଆଲୋଚନା କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାଇ ଜୁନ ୩୧ ତାରିଖ ଟୁକନ ଅବଧିର ଶେଷ

ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କଲେ ଆନ୍ଦୋଳନ ପାଇଁ ଚାଷୀଙ୍କ ଚେତାବନୀ

ଦିନ ଥିବା ବେଳେ ଚାଷୀ ମାନଙ୍କ ଧାନ କିପରି ମିଲର ମାନେ ଅଧିକ ମାତ୍ରାରେ କିଣିବେ ସେଥିନେଇ ମଣ୍ଡି ଚାଲିଥିବା ଦୁବକଣ ଛକରେ ଦଶରଥପୁରଯୋଗାଣ ଅଧିକାରୀ, ସିଏସଓ, ଏସସିସିଓ, ଯାଜପୁର ଉପଜିଲ୍ଲାପାଳ ପ୍ରମୁଖଙ୍କ ଶହ ଅନ୍ୟ କିଛି ବିଭାଗୀୟ ଅଧିକାରୀ ମାନେ ପହଞ୍ଚି ସମିତିର ସମ୍ପାଦକ ସୁବାସ ଚନ୍ଦ୍ର ନାୟକଙ୍କୁ ଚାଷୀ ମାନଙ୍କର ରାତି ୧୨ଟା ମଧ୍ୟରେ ସବୁ ଚାଷୀ ମାନଙ୍କର ଆଖି ସ୍କାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସମ୍ପାଦକ ଶ୍ରୀ ନାୟକ ଉପଜିଲ୍ଲାପାଳଙ୍କ କଥାକୁ କର୍ଣ୍ଣପାତ କରିନଥିଲେ କି ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସଫା ସଫା ମନା କରିଦେଇଥିଲେ । ଏଠାରେ ପ୍ରଶ୍ନ ଆସେ ଜଣେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ତଳିଆ କର୍ମଚାରୀ ଜଣକ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ନିର୍ଦ୍ଦେଶକୁ ଅବମାନନା କରିବା ଘଟଣାକୁ ନେଇ ଚାଷୀ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ସେହିପରି ଟୁକନ ଲାପ୍ସ ପାଇଁ ସମିତିର ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଦାୟୀ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ସେହିପରି ଧାନ ମଣ୍ଡି ଚାଲିଥିବା ସମୟରେ ଚାଷୀ ମାନେ ଧାନ ଆଣି ମଣ୍ଡିରେ ରଖିବା ପାଇଁ ଟେଷ୍ଟ କରାଯାଇ ନଥିବାରୁ ଚାଷୀ ମାନେ ମଣ୍ଡିରେ ଧାନ ଆଣି ରଖି ପାରି ନଥିଲେ।

## ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳନ,ଗଛ ଲଗାଇଲେ ଜିଲ୍ଲାପାଳ ଓ ଏସପି

**ସୁବର୍ଣ୍ଣପୁର,୨।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ବନଖଣ୍ଡ ଅଧିନସ୍ତ ଅର୍ଜୁନପୁର ସ୍ଥିତ ନଗରବନ ଠାରେ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲାପାଳ ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ସମ୍ମାନିତ ଅତିଥି ଭାବରେ ସି ଡି ଏମ୍ ପି ଏଚ୍ ଓ ଦୁର୍ଗା ଦତ୍ତ ଦାଶ, ଜିଲ୍ଲା ଜଳ ବିଭାଜିକା ବିଭାଗ ର ଡେପୁଟି ଡାଇରେକ୍ଟର, ସି ଡି ଭି ଓ, ଏ ସି ଏଫ୍ ସୋନପୁର ଗିରିଧାରୀ ନାଗ, ଏ ସି ଏଫ୍ ଶ୍ରୀ ବରିହା, ସୋନପୁର ରେଞ୍ଜ ଅଫିସର



ସୁବାଷ ମହାପାତ୍ର ପ୍ରମୁଖ ଜିଲ୍ଲା ପ୍ରଶାସନ ର ବିଭିନ୍ନ ଅଧିକାରୀ, ସ୍ୱେଛାସେବୀ, ବରିଷ୍ଠ ନାଗରିକ ଯୋଗ ଦେଇ ସମସ୍ତେ ଗୋଟେ ଗୋଟେ ଗଛ ଲଗାଇ ପରିବେଶ ସୁରକ୍ଷା ର ବାର୍ତ୍ତା ପ୍ରଦାନ କରିଥିଲେ । ଜିଲ୍ଲା ବରିଷ୍ଠ ନାଗରିକ ଓ ସ୍ୱଚ୍ଛ ଭାରତ ସଙ୍ଗଠନ କର୍ମ କର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗ ଦେଇ ପ୍ରମୁଖ ସଦସ୍ୟ , ଶିକ୍ଷକ, ଓ କୋଶଳ ଆବାସିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇ ଚାରା ରୋପଣ କରିଥିଲେ । ଆଜି ପ୍ରଥମ ଦିନରେ ପ୍ରାୟ ଦୁଇ ହଜାର ବୃକ୍ଷ ରୋପଣ କରାଯିବା ନେଇ ଜିଲ୍ଲା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଅବସରରେ ଭ୍ରାମ୍ୟମାଣ ଚାରା ବଣ୍ଟନ ମୋବାଇଲ ଭ୍ୟାନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ ଓ ଏସପି । ଏହି ଯାନରେ ଚାରା ପ୍ରତି ଏକ ଟଙ୍କା ଦରରେ ସହର ଓ ଜିଲ୍ଲା ସାରା ବୁଲି ବୁଲି ଚାରା ବିକ୍ରୟ କରାଯିବ। ଗତ କାଲି ୧ ତାରିଖ ଠାରୁ ଆସନ୍ତା ୭ ତାରିଖ ଯାଏ ଜିଲ୍ଲା ସଦର ମହକୁମା ସମେତ ବନ ବିଭାଗ ର ସମସ୍ତ ରେଞ୍ଜ ରେ ବନ ମହୋତ୍ସବ ପାଳନ ସହିତ ଔଷଧୀୟ ବୃକ୍ଷ ଓ ଅନେକ ପ୍ରକାର ଚାରା ରୋପଣ ଓ ବିକ୍ରୟ କରାଯିବ ବୋଲି ସୁଚନା ମିଳିଛି ।

## ୫୦ କେଜି ଗଞ୍ଜେଇ ସହ ୨ ଗିରଫ, ଆମ୍ବୁଲାନ୍ସ ଗାଡି ଜବତ




**ସୁବର୍ଣ୍ଣପୁର,୨।୭(ସଂଚାର ବ୍ୟୁରୋ):** ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତକୁ ଗିରଫ ସହ ଏକ ଆମ୍ବୁଲାନ୍ସ ଗାଡି ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ। ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ବୁଢ଼ାରଜା ଛକ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ଦିନ ପ୍ରାୟ ୧୧ ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ଆମ୍ବୁଲାନ୍ସ ଗାଡି ଟି ନମ୍ବର ବିହୀନ ଗାଡି ଆସୁଥିବା ବେଳେ ତାକୁ ସନ୍ଦେହରେ ବୁଢ଼ାରଜା ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୫୦ କେଜି ଗଞ୍ଜେଇ ମିଳିଥିଲା। ଏବଂ ଆମ୍ବୁଲାନ୍ସ ଗାଡିରେ ଥିବା ପଶ୍ଚିମବଙ୍ଗ ରାଜ୍ୟ ବରଡଧାମନ ଜିଲ୍ଲା ନନ୍ଦଘାଟ ଥାନାର ସଞ୍ଜିତ ଶର୍ମା (୪୦) ଓ ନଦିଆ ଜିଲ୍ଲା ଶାନ୍ତିପୁର ଥାନା ର ବୁଦ୍ଧଦେବ ମେହେଟୋ(୪୦) ବର୍ଷଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ଏହା ବୌଦ୍ଧ ଜିଲ୍ଲାରୁ ପଶ୍ଚିମବଙ୍ଗ ରାଜ୍ୟ କୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି। ଏ ନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୫୭/୨୫ /୨୬ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଆମ୍ବୁଲାନ୍ସ ଗାଡି ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍ସପେକ୍ଟର ପ୍ରକାଶ କୁମାର ସା, ଇନ୍ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ଲୋକନାଥ ବେହେରା , ଇଏସ ଆଇ ସନ୍ତୋଷ କୁମାର ସ୍ୱାଇଁ,ଇଏସଆଇ ଅଭିଳାଷ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## କୋରାପୁଟରେ ସର୍ବାଧିକ ବର୍ଷା, ଭାଙ୍ଗିଲା ଯାତ୍ରୀ ପ୍ରତୀକ୍ଷାଳୟ

**କୋରାପୁଟ,୨।୭(ସଂଚାର ବ୍ୟୁରୋ):** କୋରାପୁଟ ଜିଲାରେ ବୁଧବାର ୧୦୬୨.୫ ମିମି ବର୍ଷା ହୋଇଥିବା ବେଳେ କୋଟପାଡ଼ ବ୍ଲକରେ ସର୍ବାଧିକ ୧୫୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ପଟାଙ୍ଗୀ ବ୍ଲକରେ ୪୫.୨ ମିମି ହୋଇଥିବା ବେଳେ ବୈପାରୀଗୁଡ଼ାରେ ୧୧୦ ମିମି, ସେମିଲିଗୁଡ଼ାରେ ୧୨୪.୩ ମିମି, ନନ୍ଦପୁରରେ ୪୭ ମିମି, ଦଶମନ୍ତପୁରରେ ୬୪ ମିମି, ନାରାୟଣପାଟଣାରେ ୭.୪ ମିମି, ଲକ୍ଷ୍ମୀପୁରରେ ୨୨.୮ ମିମି, କୋରାପୁଟରେ ୧୧୫.୮ ମିମି, ଜୟପୁରରେ ୧୪୧.୮ ମିମି, ଲମତାପୁଟରେ ୬୫ ମିମି, କୁନ୍ଦ୍ରାରେ ୭୫.୮ ମିମି, ବୋରିଗୁମ୍ମାରେ ୮୯.୪ ମିମି ବର୍ଷା ହୋଇଥିବା ବେଳେ ବନ୍ଧୁଗାଁ ବ୍ଲକରେ ମାତ୍ର ୨ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ସୁବ୍ରତ ସାହୁ ପ୍ରକାଶ କରିଛନ୍ତି। ବର୍ଷାରେ କୋରାପୁଟ ସୁନାବେଡ଼ା ରାସ୍ତାର ଗୋପାଳପୁଟ ନିକଟରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ଭାଙ୍ଗିଯାଇଛି।



## ଷ୍ଟେଟ୍ ବ୍ୟାଙ୍କ ବେତନଟୀ ଶାଖା ପକ୍ଷରୁ ରକ୍ତଦାନ ଶିବିର, ୨୦ ୟୁନିଟ୍ ରକ୍ତ ସଂଗ୍ରହ

**ବେତନଟୀ,୨।୭(ସଂଚାର ବ୍ୟୁରୋ):** ବିଶେଷ କରି ସାରା ରାଜ୍ୟରେ ବର୍ଷା ଦିନ ସମୟରେ ରକ୍ତର ଅଭାବ ଦେଖିବାକୁ ମିଳିଥାଏ, ଏହାକୁ ଦୃଷ୍ଟରେ ରଖି ବେତନଟୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବେତନଟୀ ଶାଖା ପକ୍ଷରୁ ବେତନଟୀ ମେଡିକାଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବେତନଟୀ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଆର ଅଶ୍ୱିନୀ ବଞ୍ଜନ ମୁର୍ମୁଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଲବ କର, ବେତନଟୀ ମେଡିକାଲ ଚିକିତ୍ସା ଅଧିକାରୀ ସିପୁନ ପଣ୍ଡା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହିଁ ଶିବିରରୁ ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସହ ପରିଚାଳକ ତନ୍ମୟ ସ, ବରିଷ୍ଠ ସହାୟକ କୃଷ୍ଣ ସାହୁ, ବାରିପଦା ଜିଲ୍ଲା ବ୍ଲଡ ବ୍ୟାଙ୍କରୁ ସବିତାରାଣି ଶେଜପଡା, ରୁଚିକା ଖୁରାନା, କଳ୍ପନା ସିଂ, ଧିରେନ ମୁଖି , ବରିଷ୍ଠ ସମାଜସେବୀ ଅମର ସେଠୀ, ରଜନୀକାନ୍ତ ମହାନ୍ତ, ରାଜୀବ କୁମାର ପତି, ମୋହନ ମହାନ୍ତ, ହୃଷୀକେଶ ଓଝା, ସଞ୍ଜୟ ବାରିକ, ଚନ୍ଦନ କୁମାର ଦାଶ, ଅଜିତ କୁମାର ବେହେରା , ମିଳନ ମୁଖି, ତପନ କୁମାର ସେଠୀଙ୍କ ସମେତ ବେତନଟୀ ଷ୍ଟେଟ ବ୍ୟାଙ୍କ ଶାଖାର ସମସ୍ତ କର୍ମଚାରୀ ଓ ବେତନଟୀ ଏସ ବି ଆଇ ଜନସେବା କେନ୍ଦ୍ରର ସଦସ୍ୟମାନେ ସହଯୋଗ କରିଥିଲେ। ବେତନଟୀ ମେଡିକାଲ ପକ୍ଷରୁ ମଞ୍ଜୁଶ୍ରୀ ଦାସ, ସସ୍ମିତା ଦାଶ, ତରୁଣ ପାତ୍ର, ପୁଷ୍ପାଞ୍ଜଳି ଦାଶ, ସନ୍ତୋଷ କୁମାର ଗିରି, ପ୍ରିୟବ୍ରତ ଆଚାର୍ଯ୍ୟ, ରଶ୍ମିତା ବିଶୋଇଙ୍କ ସମେତ ସମସ୍ତ କର୍ମଚାରୀ ଓ ଆଶା କର୍ମମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବେତନଟୀର ଘରୋଇ ଓ ସରକାରୀ ବ୍ୟାଙ୍କର କର୍ମଚାରୀ ଯୋଗ ଦେଇଥିଲେ। ରକ୍ତଦାନ କାର୍ଯ୍ୟକ୍ରମ ପରେ ବ୍ୟାଙ୍କ ପକ୍ଷରୁ ଡାକ୍ତରଖାନା ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।

## ସମ୍ପର୍କୀୟ ଦେଢଶ୍ୱରଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ ଆଣିଲେ ମହିଳା



**ବୈଶିଙ୍ଗା,୨।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଚାଞ୍ଚିପଦା ଗ୍ରାମର ଜନୈକା ମହିଳା ନିଜ ଦେଢଶ୍ୱର ଙ୍କ ଦ୍ୱାରା ଶୀକାର ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଗତ ଜୁନ୍ ୨୫ ତାରିଖ ଅଭିଯୋଗକାରୀ ମହିଳା ଜମୟନ୍ତୀ ବେହେରା ସ୍ମା. ଅଜିତ୍ ବେହେରା ନିଜ ଘରେ ଏକୁଟିଆ ଥିବା ବେଳେ ତାଙ୍କ ଦେଢଶ୍ୱର ରାଜୀବ ବେହେରା ଘରେ ପଶି ତାଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ । ପୀଡିତା ଏଥିରେ ବିରୋଧ କରିବାରୁ ତାଙ୍କୁ ବହୁତ ମାଡ ମାରି ପକାଇ ଯାଇଥିଲେ । ସ୍ୱାମୀ ଅଜିତ ଆସି ପହଞ୍ଚିବା ପରେ ତାଙ୍କୁ ଘଟଣା ବିଷୟରେ ଜଣାଇବା ଯୋଗୁଁ ଗାଁ ରେ ବିଚାର ବସିଥିଲା। ଏହାର ସମାଧାନ ନ ହେବା ଯୋଗୁଁ ଆଜି ୨ ତାରିଖ ଦିନ ବୈଶିଙ୍ଗା ଥାନାରେ ପହଞ୍ଚି ଘଟଣାର ତଦନ୍ତ ପାଇଁ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଥାନା ଅଧିକାରୀ ବାରିଣୀ ଦାସ ୩୧୬/୨୫ ମୂଳେ ମାମଲା କରିବା ସହିତ ଏହାର ତଦନ୍ତ ଭାର ଏସ ଆଇ ଦେବାଶିଷ ମଣ୍ଡଳ ଙ୍କୁ ଦେଇଥିବା ଜଣାଯାଇଛି ।

## ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ଅନୁଷ୍ଠିତ

**ନୟାଗଡ଼,୨।୭(ସଂଚାର ବ୍ୟୁରୋ):** ବିଦ୍ୟୁତ ସୁରକ୍ଷା ବ୍ୟବସ୍ଥାକୁ ଜାତୀୟ ସ୍ତରରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ , ରୋହିବାଙ୍କ ଠାରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଯାହାକି ଜୁନ ୨୬ ତାରିଖରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳିତ ହେଉଛି। ଏବର୍ଷ ପାଇଁ " ସ୍ମାର୍ଟ ଏନର୍ଜୀ ସୁରକ୍ଷିତ ରାଷ୍ଟ୍ର " ସହିତ "ବିଦ୍ୟୁତ ସୁରକ୍ଷା ଆପଣଙ୍କୁ , ଜୀବନ ସୁରକ୍ଷିତ ରଖନ୍ତୁ" ସ୍ଲୋଗାନ ମାଧ୍ୟମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକଙ୍କ ନିର୍ଦ୍ଦେଶ କ୍ରମେ ପ୍ରକୃତି ବନ୍ଧୁ ଶିକ୍ଷକ ସନ୍ତୋଷ କୁମାର ସାହୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଭୟ ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାର ଦାୟିତ୍ୱରେ ଥିବା ଡେପୁଟି ଇଲେକ୍ଟ୍ରିକାଲ ଇଞ୍ଜିନିୟର ଶ୍ରୀମୟୀ ମହାଲିକ , ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଦ୍ୟୁତ ବିଭାଗର ଏସଡିଓ ପ୍ରତ୍ୟୁଷ ରଞ୍ଜନ ସାହୁ, ବିଦ୍ୟୁତ ସୁରକ୍ଷା ଅଧିକାରୀ (ଟିପିସିଓଡିଏଲ)ର ବିଶ୍ୱ ଭୂଷଣ ବିଶୋଇ , ଓଡ଼ଗାଁ ସେକ୍ସନ -୧ ଇଞ୍ଜିନିୟର ବିନୋଦ ମହାରଣା , କୋମଣ୍ଡ ସାଧନ ସଂଯୋଜକ ଲଳିତ ମୋହନ ମିଶ୍ର, ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଅତିଥିମାନେ ଥିଲେ।

## ଓଜନ ଯନ୍ତ୍ର ଓ ବଟକରା ଯାଞ୍ଚ ଦାବି, ଠକାମିର ଶିକାର ହେଉଛନ୍ତି ଗ୍ରାହକ

**କଳାହାଣ୍ଡି,୨।୭(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ କି ସହରାଞ୍ଚଳ ରାତି ପାହିଲେ ପ୍ରତିଦିନ ଗ୍ରାହକମାନେ ତେଜରାତି ସାମଗ୍ରୀ ଠାରୁ ଆରମ୍ଭ କରି ପନିପରିବା, ମାଛମାଂସ, ଫଳମୂଳ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିଥାନ୍ତି । ତେବେ ଧର୍ମଗଡ ସହର ତଥା ଏହାର ଆଖପାଖ ଅଞ୍ଚଳର କେତେକ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁ ଓଜନରେ ଠକି ସ୍ପଷ୍ଟ ଦିବାଲୋକରେ ଅଭିନବ ଉପାୟରେ ଲୁଟୁଥିବା ଅଭିଯୋଗ ହେଉଛି । ମାପ ଓ ଓଜନ ବିଭାଗର ନିଷ୍କ୍ରିୟତା ଓ ଉଦାସୀନ ମନୋବୃତ୍ତି ଯୋଗୁଁ ଧର୍ମଗଡ ଅଞ୍ଚଳରେ ଶହଶହ ଗ୍ରାହକ ଦୈନିକ ଓଜନରେ ଠକେଇର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଗ୍ରୋସୋରୀ ଠାରୁ ଆରମ୍ଭ କରି ଫଳ, ମାଛମାଂସ, ପନିପରିବା ଭଳି ଅନେକ ସାମଗ୍ରୀ ବଟକରା ଓ - ଓଜନ ଯନ୍ତ୍ରରେ ଓଜନ କରାଯାଉଛି । ବହୁ ବ୍ୟବସାୟୀ ବଟକରା କିମ୍ବା ଇଲେକ୍ଟ୍ରୋନିକ୍ସ ଯନ୍ତ୍ର ବହାର କରୁଥିବା ବେଳେ ଅଧିକାଂଶ ବ୍ୟବସାୟ



ପ୍ରତିଷ୍ଠାନରେ ଗ୍ରାହକଙ୍କୁ ଠିକ୍ ଓଜନର ସାମଗ୍ରୀ ମିଳୁନଥିବା ଅଭିଯୋଗ ହେଉଛି । ଯାହା ମିଳୁଛି ସେଥିରେ ୫୦ରୁ ୧୫୦ ଗ୍ରାମ ପର୍ଯ୍ୟନ୍ତ କମ୍ ରହୁଥିବା ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି। ଯେଉଁମାନେ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବେ ଓ ମାପ ପାଇଁ ବଟକରା କ୍ରୟ କରିବେ ସେମାନେ ପ୍ରଥମେ ସହକାରୀ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟକୁ ଯାଇ ସେଠାରେ ବଟକରା କିମ୍ବା ଓଜନ ଯନ୍ତ୍ରର ନୀତିନିୟମ ଅନୁଯାୟୀ ପରୀକ୍ଷା କରିବେ ଓ ବିଭାଗୀୟ କର୍ତ୍ତୃପକ୍ଷ ସିଲ୍ ମାରି ବ୍ୟବସାୟୀଙ୍କୁ ଦେବା ପରେ ସେମାନେ ଉକ୍ତ ବଟକରା ଓ ଓଜନ ଯନ୍ତ୍ରକୁ ବ୍ୟବହାର କରି ଗ୍ରାହକଙ୍କୁ ସାମଗ୍ରୀ ଯୋଗାଇବେ। ପ୍ରତିବର୍ଷ କ୍ରୟ କରାଯାଇଥିବା ଓଜନ ଯନ୍ତ୍ର ଓ ବଟକରାକୁ ସହକାରୀ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ଓଜନ ପରୀକ୍ଷାଗାରକୁ ନିଆଯାଇ ପରୀକ୍ଷା କରାଯିବ । ସେଠାରୁ ଏନ୍ଓସି ମିଳିବା ପରେ ପୁଣି ବ୍ୟବସାୟୀ ମାନେ ଉକ୍ତ ବଟକରା କିମ୍ବା ଓଜନ ଯନ୍ତ୍ରକୁ ବ୍ୟବହାର କରିପାରିବେ। ତେବେ ବହୁ ଅସାଧୁ ବ୍ୟବସାୟୀ ମେସିନ୍‌କୁ ଟ୍ୟାମ୍ପରିଂ କରି ଗ୍ରାହକଙ୍କୁ ରୀତିମତ ଠକୁଥିବା ଅଭିଯୋଗ ହେଉଛି। ବଟକରା ବ୍ୟବହା କରୁଥିବା କେତେକ ବ୍ୟବସାୟୀ ମଧ୍ୟ ଗ୍ରାହକଙ୍କୁ ଓଜନରେ ଲୁଟୁଥିବା ଆଲୋଚିତ ହେଉଛି। ମାପ ଓ ଓଜନ ବିଭାଗ ପକ୍ଷରୁ ନିୟମିତ ଗ୍ରାହକଙ୍କୁ ସଚେତନତା ଦୂରର କଥା ବଟକରା ଓଜନ ଯନ୍ତ୍ରକୁ ଯାଞ୍ଚ କରାଯାଉନଥିବା ଯୋଗୁଁ ଧର୍ମଗଡ ଅଞ୍ଚଳ ରେ ବହୁ ଗ୍ରାହକ ଠକାମୀର ଶିକାର ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଇ ଗ୍ରାହକଙ୍କ ବୃହତ୍ତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ବଟକରା ଓ ଓ ଓଜନ ଯନ୍ତ୍ର ମେସିନ୍‌ଗୁଡିକୁ ନିୟମିତ ଯାଞ୍ଚ କରିବା ଆବଶ୍ୟକ। ଏଥିସହିତ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହେଉଛି।

## ୨୫ ବର୍ଷ ହେଲାଣି ଭଙ୍ଗାଘରେ ଜୀବନ

# ଗୋଟିଏ ଘରେ ରହୁଛନ୍ତି ୧୩ ସଦସ୍ୟ

**ନିଆଳି,୨।୭(ସଂଚାର ବ୍ୟୁରୋ):** ମଣିଷର ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ । ସ୍ୱାଧିନ ଭାରତରେ ଏହା ପ୍ରତି ନାଗରିକଙ୍କ ମୌଳିକ ଅଧିକାର ମଧ୍ୟ। ହେଲେ ଆଜି ବି ଅନେକ ପରିବାର ସେଥିରୁ ବଞ୍ଚିତ। ଭୋଟ୍ ଆସିଲେ ନେତା ଆସନ୍ତି, ଘରଟିଏ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଅନ୍ତି, ଆଉ ପରେ ଭୁଲିଯାଆନ୍ତି । ନେତା ବାଛିଥିବା ଭୋଟରଙ୍କ ଜୀବନ ସେହି ଭଙ୍ଗା ଘରେ ଛିଣ୍ଡା ପଲିଥିନ ତଳେ ବିତୁଛି । ଭାଗ୍ୟକୁ ଆଦରି ଗୁମୁରୀ ଗୁମୁରୀ କାନ୍ଦନ୍ତି ତାଙ୍କ ପିଲାଛୁଆ। କେଇଖଣ୍ଡ ଭଙ୍ଗା ଆଜବେଷ୍ଟସ୍‌ର ଛାତକୁ ଝାଟିମାଟିର କାନ୍ଥ , ତା' ପୁଣି ଦଦରା । ଏମିତି ଘରେ ବିତିଲାଣି ୨୫ ବର୍ଷ । ଦିନରେ ଖରା, ରାତିରେ ତରା ଦେଖୁଛନ୍ତି ଗୋଟିଏ ପରିବାରର ୧୩ ଜଣ ସଦସ୍ୟ।, ବର୍ଷା ହେଲେ କଥା ସରିଲା । ଘରେ ପଶିଯାଏ ପାଣି, ରୋଷେଇବାସ ବନ୍ଦ ହୋଇଯାଏ, କାନ୍ଥରୁ ମାଟି ଖସିଯାଏ । ଆଉ ଖରା ହେଲେ ଚିରା ଲୁଗା ଟାଣି ଗରମରୁ ବଞ୍ଚିବାକୁ ଚେଷ୍ଟା କରନ୍ତି ନିଆଳି ବ୍ଲକ କୂଳପିତାପଡ଼ା ଗାଁର ଶ୍ରୀଚରଣ ରାଉତଙ୍କ ପରିବାର । ଶ୍ରୀଚରଣଙ୍କର ୩ ପୁଅ, ସେମାନେ ଭାଗ ଚାଷୀ। ସେଥିରୁ ଯାହା ମିଳୁଛି ସେଥିରେ ପିଲାଛୁଆ ବର୍ଷଯାକ ପେଟପୁରା



ପୂରିବା ମଧ୍ୟ କଷ୍ଟକର । ଘର ତିଆରି କଥା ପଚାରେ କିଏ। ନିଜର ସାମର୍ଥ୍ୟ ନଥିବାରୁ ସରକାରୀ ଯୋଜନାରେ ଘର ଖଣ୍ଡେ ପାଇଁ ବାରମ୍ବାର ଆବେଦନ କରିଛନ୍ତି । ହେଲେ ଏଥିପ୍ରତି କେହି କେବେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ସାନ ଭାଇର ରାସନ୍ କାର୍ଡ ନାହିଁ । ଫଳରେ ଅତ୍ୟନ୍ତ ଦୁର୍ବିସହ ଅବସ୍ଥାରେ ଜୀବନ ବଞ୍ଚୁଛନ୍ତି ଏହି ପରିବାର ।



ସଂଚାର SANCHAR ଗୁରୁବାର ୩ ଜୁଲାଇ ୨୦୨୫

# ପରିବେଶ





**ଆମ ଦେଶର କେତେକ ଯୁବ ଉଦ୍ୟୋଗୀ ପୋଷାକ ଶିଳ୍ପରୁ ଜାତ ପ୍ରଦୂଷଣ ଦୂର କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି। ସେମାନେ ପୁନଃପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ସମେତ କଦଳୀପଟୁକା ଭଳି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ପରିବେଶ ଅନୁକୂଳ ଫ୍ୟାସନ୍ ସାମଗ୍ରୀ ନିର୍ମାଣ କରୁଛନ୍ତି**

## ପରିବେଶ ଅନୁକୂଳ

# ଫ୍ୟାସନ୍ ଷ୍ଟାର୍ଟଅପ୍

ଜଳବାୟୁ ପରିବର୍ତ୍ତନ ସହ ଲଢ଼େଇ କଥା ଆସିଲେ ଆମେ ତେଲ, ଗ୍ୟାସ୍, କୋଇଲା ଆଦି ଜୈବିକ ଇନ୍ଧନ ବ୍ୟବହାର ହ୍ରାସ ଉପରେ ଗୁରୁତ୍ୱ ଦେଉ। ତେବେ ଭାରତର କେତେକ ବିଚକ୍ଷଣ ଯୁବ ଉଦ୍ୟୋଗୀ ପୋଷାକ ଶିଳ୍ପ ଦ୍ୱାରା ହେଉଥିବା ପ୍ରଦୂଷଣ ଦୂର କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି। ସେମାନେ ପୁନଃପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ଆବର୍ଜନା ସମେତ କଦଳୀପଟୁକା ଭଳି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ପରିବେଶ ଅନୁକୂଳ ଫ୍ୟାସନ୍ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ସେଭଳି କେତେକ ଷ୍ଟାର୍ଟଅପ୍ ବିଷୟରେ ଜାଣିବା।

**ଇକୋ ଲାଇନ୍:** ଏହି କମ୍ପାନି ତୁଳା ସହିତ ପ୍ଲାଷ୍ଟିକ୍ ବୋତଲରୁ ପ୍ରସ୍ତୁତ ସୂତା ମିଶାଇ ସୁଲଭ ପୋଷାକ ପ୍ରସ୍ତୁତ କରୁଛି। କପଡ଼ା ରଙ୍ଗ କରିବା ପାଇଁ ଏହି କମ୍ପାନି 'ଡୋପ୍ ଡାଇ' ନାମକ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର କରେ ଯେଉଁଥିରେ ଟୋପାଏ ବି ପାଣି ବ୍ୟବହାର କରାଯାଏନାହିଁ। ଉଲ୍ଲେଖଯୋଗ୍ୟ ଯେ ପୋଷାକ ଶିଳ୍ପରେ ବର୍ଷକୁ ପ୍ରାୟ ୨୪୦ କୋଟି ଗ୍ୟାଲନ୍ ପାଣି ବ୍ୟବହାର କରାଯାଇଥାଏ। **ଗୋୟା ସ୍ୱିମ୍ କମ୍ପାନି:** ପରିବେଶ କର୍ମୀ ରିୟା ମଜୁମ୍ଦାର ଏହି ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତ୍ରୀ। ତାଙ୍କ କମ୍ପାନି ପୁନଃପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ବୋତଲ ଏବଂ ସମୁଦ୍ରରୁ ସଂଗୃହୀତ ଶିଳ୍ପ ଆବର୍ଜନା ସାହାଯ୍ୟରେ ସନ୍ତରଣ ପୋଷାକ ପ୍ରସ୍ତୁତ କରେ। ଫ୍ୟାସନ୍ ଟ୍ରେଣ୍ଡ୍‌କୁ ଦୃଷ୍ଟିରେ ରଖି ଗୋୟା ସ୍ୱିମ୍ କମ୍ପାନି ଚିତ୍ତାକର୍ଷକ ପୋଷାକ ବଜାରକୁ ଛାଡୁଛି, ଯାହାକୁ ଯେକୌଣସି ଦେଶର ଲୋକ କିଣିପାରିବେ। **ମାୟୁ:** ଏହା ଏକ ବିଳାସମୟ ଲାଇଫ୍‌ଷ୍ଟାଇଲ୍ ବ୍ରାଣ୍ଡ୍। ଏହି ଷ୍ଟାର୍ଟଅପ୍ ମାଛ କାତି ବ୍ୟବହାର କରି ବ୍ୟାଗ୍ ପ୍ରସ୍ତୁତ କରିଥାଏ। ଚମଡ଼ା ଶିଳ୍ପରୁ ଏହା ସାଲ୍‌ମନ ଓ ବଲଫିସ୍ ଭଳି ମାଛର କାତି ସଂଗ୍ରହ କରିଥାଏ ଏବଂ ସେଥିରୁ ବ୍ୟୟବହୁଳ ବ୍ୟାଗ୍ ଉତ୍ପାଦନ କରିଥାଏ। 'ମାୟୁ' ସପୁରି ବର୍ଜ୍ୟ ସାହାଯ୍ୟରେ ମଧ ଏହାର ଉତ୍ପାଦ ପ୍ରସ୍ତୁତ କରୁଛି।

**ମାଲବା କେଲା ରେସା ଉଦ୍ୟୋଗ:** ଉତ୍ତରପ୍ରଦେଶର ରବି ପ୍ରସାଦ ଆବର୍ଜନାକୁ ନେଇ ଏହି ହସ୍ତଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା କରିଛନ୍ତି। ଏଠାରେ କଦଳୀପଟୁକାରୁ ଜୋତା, ଟୋପି, ବ୍ୟାଗ୍ ସମେତ ସାନିଟାରି ନାପ୍‌କିନ୍ ଉତ୍ପାଦନ କରୁଛି। ଏଠାରୁ ଅନ୍ୟ ଏକ କମ୍ପାନିକୁ କଦଳୀପାଟୁକାର ତନ୍ତୁ ରପ୍ତାନି କରାଯାଉଛି, ଯାହା ସାହାଯ୍ୟରେ ଜୈବ ବିଘଟନକ୍ଷମ ପୋଷାକପତ୍ର ତିଆରି ହେଉଛି।



## ଗଛ ଲଗାଇଲେ ବି ବଢ଼ିପାରେ ତାପମାତ୍ରା !

ଉଭିଦ ନଥିଲେ ମାନବ ଜାତି ସମେତ ଜୀବଜଗତର ମଧ ସତ୍ତା ରହିବ ନାହିଁ। ଗଛ ତାହାର ସଂଶ୍ଲେଷଣ ପ୍ରକ୍ରିୟାରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପ ଶୋଷିନେଇ ବାହାରକୁ ନିର୍ମଳ ଅମ୍ଳଜାନ ଛାଡ଼ିଥାଏ। ତେଣୁ ଜଳବାୟୁ ପରିବର୍ତ୍ତନ ସହ ଲଢ଼ିବା ପାଇଁ ଆମେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଇଥାଉ। ଯେତେ ଗଛ ଲଗାଇବା ସେତେ ମଙ୍ଗଳ ବୋଲି ଆମର ଏକ ଧାରଣା ରହିଛି। ମାତ୍ର ଭୁଲ୍ ସ୍ଥାନରେ ଗଛ ଲଗାଇଲେ ତାହା ବିଶ୍ୱ ତାପମାତ୍ରା ବୃଦ୍ଧିରେ ସହାୟକ ହେବା ସହ ଆମ ପାଇଁ ଉପକାର ବଦଳରେ ନାନା ସଂକଟ ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି। ସେମାନଙ୍କ ଅନୁଧାନ ଅନୁଯାୟୀ ପୃଥିବୀର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ମାତ୍ରାଧିକ ଗଛ ଲଗାଇବା ଦ୍ୱାରା ସେହି ସ୍ଥାନରେ ଭୂପୃଷ୍ଠରୁ ଖୁବ୍ କମ୍ ପରିମାଣର ସୂର୍ଯ୍ୟତାପ ପ୍ରତିଫଳିତ ହୋଇ ବାହାରକୁ ନିର୍ଗତ ହେବ। ସୁତରାଂ ସେଠାରେ ଭୂପୃଷ୍ଠ ଅଧିକ ସୂର୍ଯ୍ୟତାପ ଶୋଷି ନେଇ ଅଧିକ ଉତ୍ତପ୍ତ ହୋଇଯିବ। ଅଧିକ ବୃକ୍ଷବହୁଳ ଅଞ୍ଚଳରେ ଭୂପୃଷ୍ଠର ତାପ ପ୍ରତିଫଳନ ଗୁଣ (ଆଲବିଡୋ) କମିଯାଇଥାଏ। ସାଧାରଣତଃ ମେରୁ ଅଞ୍ଚଳ ପରି ବରଫାଚ୍ଛନ୍ନ ଇଲାକାରେ 'ଆଲବିଡୋ'ର ମାତ୍ରା ଅଧିକ। ସେଠାରେ ଭୂପତିତ ସୌରତାପର ପ୍ରାୟ ୯୦ ପ୍ରତିଶତ ପ୍ରତିଫଳିତ ହୋଇଯାଇଥାଏ। ଅପରପକ୍ଷେ, ଆମାଜନ ଓ କଙ୍ଗୋ ଅବବାହିକା ପରି ଆର୍ଦ୍ର ପରିବେଶର ଉଚ୍ଚ ଅଙ୍ଗାରକାମ୍ଳ ଶୋଷଣ ଓ କମ୍ 'ଆଲ୍‌ବିଡୋ' ଭଳି ଗୁଣ ସେମାନଙ୍କୁ ବୃକ୍ଷରୋପଣର ଆଦର୍ଶ ସ୍ଥାନ ଭାବେ ପରିଣତ କରିଛି। ମାତ୍ର ଏହାର ବିପରୀତ ସ୍ଥିତି ସାଭାନ୍ନା ପରି ତୃଣଭୂମି ଅଞ୍ଚଳରେ ଦେଖାଯାଇଥାଏ। ଯଦିଓ ଅଧିକ ବୃକ୍ଷରୋପଣ ଜୈବପ୍ରଣାଳୀର ସଂରକ୍ଷଣ ସମେତ ଅନ୍ୟାନ୍ୟ ଉପକାର ପ୍ରଦାନ କରିଥାଏ, ତେବେ ବିଶ୍ୱ ଉତ୍ତପ୍ତୀକରଣରେ ଲଗାମ ଲଗାଇବା ପାଇଁ ଯେଉଁଠି 'ଆଲବିଡୋ'ର ମାତ୍ରା କମ୍ ସେଠାରେ ଗଛ ଲଗାଇବା ଉଚିତ ହେବ ବୋଲି ଗବେଷକମାନେ ପରାମର୍ଶ ଦେଇଛନ୍ତି।

## ଦୀର୍ଘସ୍ଥାୟୀ ହେଉଛି ଗ୍ରୀଷ୍ମ ଲହରି

ପ୍ରତିବର୍ଷ ଗ୍ରୀଷ୍ମ ଲହରି ପ୍ରବାହିତ ହେବା ଏକ ସ୍ୱାଭାବିକ ପ୍ରାକୃତିକ ପ୍ରକ୍ରିୟା। ଏହା ଦ୍ୱାରା ଆମେ ପରିବେଶରେ ଭୀଷଣ ତାମମାତ୍ରାର ସମ୍ମୁଖୀନ ହୋଇଥାଉ। ଏଥିରେ ଆମେ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ତାହା ଅଳ୍ପ ଦିନ ପାଇଁ ଜାରି ରହୁଥିବାରୁ ଆମକୁ ଆଶ୍ୱସ୍ତି ମିଳିଥାଏ। ମାତ୍ର ଜଳବାୟୁ ପରିବର୍ତ୍ତନ ଦ୍ୱାରା ଗ୍ରୀଷ୍ମ ଲହରିର ପ୍ରବାହ ମନ୍ଥର ହୋଇଯାଉଥିବାରୁ ଆମକୁ ଦୀର୍ଘ ଦିନ ଧରି ମାତ୍ରାଧିକ ତାପମାତ୍ରାର ପ୍ରକୋପ ଭୋଗିବାକୁ ପଡୁଛି ବୋଲି ଏକ ନୂଆ ଅନୁଧାନରୁ ଜଣାଯାଇଛି।

୧୯୭୯ରୁ ୨୦୨୦ ମଧରେ ବାର୍ଷିକ ଗ୍ରୀଷ୍ମ ଲହରିର ବେଗ ଦୈନିକ ଘଣ୍ଟା ପ୍ରତି ୫ ମାଇଲ୍ ବା ୮ କି.ମି. ଯାଏ କମି ଆସିଥିବା ଗବେଷକମାନେ ଜାଣିପାରିଛନ୍ତି। ସୁତରାଂ ତାହା ପୂର୍ବାପେକ୍ଷା ଅଧିକ ସମୟ ଧରି ଜାରି ରହୁଛି। ଗ୍ରୀଷ୍ମ ଲହରିର ଏହି ମନ୍ଥରତା ବିଶେଷ କରି ୧୯୯୭ ମସିହା ପରଠାରୁ ଅଧିକ ହୋଇଛି। ମାନବକୃତ କାରଣ ଯୋଗୁଁ ବାୟୁମଣ୍ଡଳର ଉପରିଭାଗର ବାୟୁସ୍ରୋତର ଭୂମିକା ଏଥିପାଇଁ ବିଶେଷ ଦାୟୀ ବୋଲି କୁହାଯାଇଛି। ବିଗତ ୫ ବର୍ଷ ହେଲା ଗ୍ରୀଷ୍ମ ଲହରିର ଅବଧି ୮ ଦିନରୁ ୧୨ ଦିନକୁ ବୃଦ୍ଧି ହୋଇଥିବା ସ୍ପଷ୍ଟ ହୋଇଛି। ମାନବୀୟ ବ୍ୟବହାର ଯୋଗୁଁ ବାୟୁମଣ୍ଡଳରେ ମିଶୁଥିବା ତାପ ବୃଦ୍ଧିକାରୀ ସବୁଜଗୃହ ବାଷ୍ପ (ଜିଏଚ୍‌ଜି)ଗୁଡ଼ିକ ଏଥିପାଇଁ ଦାୟୀ। ଦିନକୁ ଦିନ ବାୟୁମଣ୍ଡଳକୁ ଜିଏଚ୍‌ଜିଗୁଡ଼ିକର ନିର୍ଗମନ ବଢ଼ିବା ଯୋଗୁଁ ଏହି ସ୍ଥିତି ଉପୁଜିଛି। ଗବେଷକମାନଙ୍କ ପରାମର୍ଶ ଅନୁଯାୟୀ, ଆଗକୁ ଏହି ତାପବର୍ଦ୍ଧକ ସବୁଜଗୃହ ଜିଏଚ୍‌ଜିଗୁଡ଼ିକର ବ୍ୟବହାରକୁ ନିୟନ୍ତ୍ରଣ କରିବା ଜରୁରି ହୋଇପଡ଼ିଛି। ଅନ୍ୟଥା ତାହା ପ୍ରାକୃତିକ ତଥା ସାମାଜିକ ପ୍ରଣାଳୀ ଉପରେ ଧ୍ୱଂସାତ୍ମକ ପ୍ରଭାବ ପକାଇବ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।





## ବିଷାକ୍ତ ପ୍ରଦୂଷଣ କମାଇବ ଛତୁ

ଆମେରିକାର ଓହିଓ ପ୍ରଦେଶ ଅନ୍ତର୍ଗତ କ୍ଲିଭଲାଣ୍ଡ୍ ସହରରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି। ସେଠାରେ ହଜାର ହଜାର ସଂଖ୍ୟାରେ ପରିତ୍ୟକ୍ତ ଘରେ ନାନା ଜାତିର ଛତୁ ମାଡ଼ିଯିବା ସହ କିଛି ଘରକୁ ମଧ ଛତୁ ସଂପୂର୍ଣ୍ଣ ହଜମ କରିଦେଇଥିବା ଜଣାଯାଇଛି। ଏହି ଘରଗୁଡ଼ିକରେ ସୀସା ପରି ବିଷାକ୍ତ ପଦାର୍ଥ ଚରିଯାଇ ଉକ୍ତ ଭଗ୍ନ କୋଠାଗୁଡ଼ିକୁ ଏପରି ଜରାଜୀର୍ଣ୍ଣ କରିଦେଇଛି ଯେ, ସେଗୁଡ଼ିକ ଆଉ ପୂର୍ବ ସତ୍ତା ଫେରି ପାଇବାର ସମ୍ଭାବନା ରହିନାହିଁ। ଛତୁ ପରି ଏହି ପ୍ରାଚୀନ ପ୍ରାକୃତିକ କବକର ଏପରି ସ୍ୱତନ୍ତ୍ର ସର୍ବଗ୍ରାସୀ ଗୁଣକୁ ବୈଜ୍ଞାନିକମାନେ ସକାରାତ୍ମକ କାମରେ ଉପଯୋଗ କରିବାକୁ ଆଶା ରଖିଛନ୍ତି। ପରିବେଶ ପ୍ରଦୂଷଣ କରୁଥିବା ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁକୁ ଛତୁ ଦ୍ୱାରା ନିଶ୍ଚିହ୍ନ କରିବା ଲାଗି ସେମାନେ ଚିନ୍ତା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ବିଶ୍ୱର ମୋଟ ପ୍ରଦୂଷଣକାରୀ ଅଙ୍ଗାରର ୧୧ ପ୍ରତିଶତ ଗୃହନିର୍ମାଣ ସାମଗ୍ରୀରୁ ଆସିଥାଏ। ଏକ ଆକଳନ ଅନୁଯାୟୀ, ଛତୁ ବଂଶ ବୃଦ୍ଧି କରାଇ ୨୦୨୭ ସୁଦ୍ଧା ପରିବେଶରେ ମିଶୁଥିବା ଅଙ୍ଗାର ପରିମାଣରୁ ପାଖାପାଖି ୧,୬୦,୦୦୦ ମେଟ୍ରିକ୍ ଟନ୍ କମାଯାଇପାରିବ। ନିଉଜିଲାଣ୍ଡ୍‌ରେ ଛତୁ ସାହାଯ୍ୟରେ ଏକ କେନାଲ ପାଣିରୁ ତୈଳ ଛାଣିବା ସମ୍ଭବ ହୋଇଛି। ସେହିପରି ୟୁରୋପରେ 'ଲାଇଫ୍ ମାଇଁସଏଲ୍' ନାମକ ପ୍ରକଳ୍ପ ଦ୍ୱାରା ତିନିଟି ସ୍ଥାନରେ ମାଟିର ମୋଟ ପେଟ୍ରୋଲିଅମ୍ ହାଇଡ୍ରୋକାର୍ବନ ପରିମାଣକୁ ୯୦ ପ୍ରତିଶତ କମାଯାଇପାରିଛି। ମିନେସୋଟା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ସ୍ୱତନ୍ତ୍ର ପ୍ରଜାତିର ଛତୁ ସାହାଯ୍ୟରେ ଫ୍ଲୋରିନ୍‌ଯୁକ୍ତ ଅତିବିଷାକ୍ତ ପଦାର୍ଥକୁ ବିଘଟନ କରାଇ ତାହାକୁ ସଂପୂର୍ଣ୍ଣ ଫ୍ଲୋରିନ୍‌ବିହୀନ କରିପାରିଛନ୍ତି। ଛତୁର ଏପରି ଅଭିନବ ପ୍ରୟୋଗ ଦିଲ୍ଲୀ ପରି ପ୍ରଦୂଷିତ ସହର ପାଇଁ ଉପଯୋଗୀ ହୋଇପାରିବ ବୋଲି ଆଶା କରାଯାଉଛି।



### ପରିବେଶ ଯୋଦ୍ଧା

## ପକ୍ଷୀପ୍ରେମୀ ଶ୍ୱେତାଶ୍ରୀ

**ଓଡ଼ିଶାର ପରିବେଶ ପାଇଁ ପକ୍ଷୀମାନଙ୍କ ସୁରକ୍ଷା କେତେ ଜରୁରି ସେ ସମ୍ପର୍କରେ ଜନସଚେତନତା ସୃଷ୍ଟି କରୁଛନ୍ତି ଡକ୍ଟର ଶ୍ୱେତାଶ୍ରୀ ପୁରୋହିତ**

ଓଡ଼ିଶା ଉପରେ ପ୍ରକୃତି କୃପାଦୃଷ୍ଟି ଢାଳି ଦେଇଛି। ବିସ୍ତୀର୍ଣ୍ଣ ଜଙ୍ଗଲ, ପାହାଡ଼, ନଦୀ ଓ ପ୍ରଶସ୍ତ ବେଳାଭୂମିରେ ଆମ ରାଜ୍ୟ ପରିପୂର୍ଣ୍ଣ। ଆଉ ଏହିସବୁ ପ୍ରକୃତିର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛନ୍ତି ଭଳିକିଭଳି ରଙ୍ଗବେରଙ୍ଗ ପକ୍ଷୀ। ବର୍ତ୍ତମାନ ଅତ୍ୟାଧୁନିକତାର ପ୍ରଭାବ, କଳକାରଖାନାର ଅଭିବୃଦ୍ଧି ଯୋଗୁଁ ଆମ ପାରମ୍ପରିକ ପକ୍ଷୀମାନେ ବାସସ୍ଥାନ ହରାଇ ବିଲୁପ୍ତ ହେବାକୁ ବସିଲେଣି। ଏଣୁ ଓଡ଼ିଶାର ବିଭିନ୍ନ ପକ୍ଷୀଙ୍କ ଉପରେ ଗବେଷଣା କରି ପରିବେଶ ପାଇଁ ପକ୍ଷୀ କେତେ ଜରୁରି ସେ ସମ୍ପର୍କରେ ସଚେତନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଡକ୍ଟର ଶ୍ୱେତାଶ୍ରୀ ପୁରୋହିତ। ଏଥିସହ କୋରାପୁଟରେ ବ୍ଲାକ୍ ବାଜା ପକ୍ଷୀ ଠାବ କରି ଗୁପ୍ତେଶ୍ୱରକୁ ଓଡ଼ିଶାର ଚତୁର୍ଥ ଜୈବବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ଦେବାରେ ବି ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ।

ଶ୍ୱେତାଶ୍ରୀ କହନ୍ତି, "ମୋ ବାବା ଜଣେ ବନ ଅଧିକାରୀ ଥିଲେ। ବାବାଙ୍କ ସହ ପିଲାଦିନେ ମୁଁ ବିଭିନ୍ନ ସ୍ଥାନ ବୁଲିବା ସହ ଜଙ୍ଗଲ ସହ ଏକ ଅନ୍ତରଙ୍ଗ ସମ୍ପର୍କ ଯୋଡ଼ି ହୋଇଯାଇଥିଲା। ଜଙ୍ଗଲ ଜନ୍ତୁଙ୍କ ପ୍ରତି ବି ମୋର ଦୁର୍ବଳତା ବଢ଼ିଥିଲା। ସେବେଠାରୁ ବନ୍ୟପ୍ରାଣୀଙ୍କ ସମ୍ପର୍କରେ ଅଧିକ ଜାଣିବା ଓ ସେମାନଙ୍କ ପାଇଁ କିଛି କରିବା ନିମନ୍ତେ ମନସ୍ଥ କରିଥିଲି। ଏଣୁ ପ୍ରାଣୀ ବିଜ୍ଞାନରେ ପାଠପଢ଼ା ଆରମ୍ଭ କରିବା ସହ ବନ୍ୟପ୍ରାଣୀଙ୍କ ଉପରେ ଗଭୀର ଅଧ୍ୟୟନ ଆରମ୍ଭ କରିଦେଇଥିଲି।"

ସ୍ନାତକ ପଢ଼ିବା ସମୟରେ ଇଣ୍ଡିଆନ୍ ଏକାଡେମି ଅଫ୍ ସାଇନ୍ସର ଫେଲୋସିପ୍ ପାଇ କର୍ଣ୍ଣାଟକ ଜଙ୍ଗଲର କିଛି ବନ୍ୟପ୍ରାଣୀଙ୍କ ଉପରେ ସେ ଅଧ୍ୟୟନ କରିଥିଲେ। ଏହାପରେ ପିଏଚ୍‌ଡି ସମୟରେ ସେ ପକ୍ଷୀମାନଙ୍କ ଉପରେ କାମ କରିବାକୁ ମନସ୍ଥ କଲେ। ଏହି ସମୟରେ ସେ ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲ୍ଲାର ପକ୍ଷୀମାନଙ୍କ ଉପରେ ଗବେଷଣା ଆରମ୍ଭ କରିଥିଲେ। ସେବେ କୋରାପୁଟର ପକ୍ଷୀମାନଙ୍କ ଉପରେ ସେମିତି କିଛି ଗବେଷଣା ହେଉନଥିଲା ଓ ପକ୍ଷୀମାନଙ୍କ ପାଇଁ ସଂରକ୍ଷିତ ସ୍ଥାନ ବି ନଥିଲା। ସେଠାରେ ତାଙ୍କ ଦଳ ବ୍ଲାକ୍ ବାଜା ଓ ସବୁଜ ବାରମାସୀ ଚଢ଼େଇକୁ ଠାବ କରିଥିଲେ।

'ଭୁବନେଶ୍ୱର ବାର୍ଡ ୱାକ୍‌ସ' ମାଧମରେ ଶ୍ୱେତାଶ୍ରୀ ପକ୍ଷୀମାନଙ୍କୁ ଚିହ୍ନିବା, ଜାଣିବା, ସେମାନଙ୍କୁ ସୁରକ୍ଷା ଦେବା ଆଦି କ୍ଷେତ୍ରରେ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ସେ 'ଇ-ବାର୍ଡ'ର ଆଞ୍ଚଳିକ ସ୍ୱେଚ୍ଛାସେବୀ ତଥା 'ବାର୍ଡ କାଉଣ୍ଟ୍ ଇଣ୍ଡିଆ'ର ଆଞ୍ଚଳିକ ସଂଯୋଜିକା ଅଛନ୍ତି। ଶ୍ୱେତାଶ୍ରୀ କହନ୍ତି, "ଓଡ଼ିଶାକୁ ପ୍ରତି ବର୍ଷ ଲକ୍ଷଲକ୍ଷ ପକ୍ଷୀ ଉଡ଼ିଆସନ୍ତି। ଚିଲିକା, ମଙ୍ଗଳାଯୋଡ଼ି, ଭିତରକନିକା, ଶିମିଳିପାଳ, ହୀରାକୁଦ, ସାତକୋଶିଆ ଓ ଚନ୍ଦକା ଆଦି ୭ଟି ଅଞ୍ଚଳ ପକ୍ଷୀଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ସବୁଜ ବାରମାସୀ ଚଢ଼େଇ ଭଳି ଇଣ୍ଡିଆନ୍ ସ୍କିମର୍, ସୋନପୁରରେ ଦେଖାଯାଉଥିବା କମନ୍ ମାଗ୍‌ନସର୍, ପେଲ୍ କ୍ୟାପ୍‌ଡ୍ ପିଜନ୍ ଓ ମ୍ୟାନ୍‌ଗ୍ରୋଭ୍ ପିଟ୍ଟା ଆଦି ବହୁ ବିରଳ ପକ୍ଷୀ ଓଡ଼ିଶାରେ ଦେଖାଯାଆନ୍ତି। ଏଣୁ ପକ୍ଷୀ କୁଳର ସୁରକ୍ଷା ଓ ସେମାନଙ୍କ ଉପରେ ଉପଯୁକ୍ତ ଜ୍ଞାନ ଆହରଣ ଖୁବ୍ ଜରୁରି।"





**ବୈଜ୍ଞାନିକମାନେ ଷ୍ଟ୍ରାଟୋସ୍ଫିଅରରେ ସଲ୍‌ଫେଟ୍ କଣିକା ବିଦ୍ଧ କରି ଜାଣିବାକୁ ପାଇଛନ୍ତି ଯେ ଏହା ଜଳବାୟୁ ଢାଞ୍ଚାରେ ପରିବର୍ତ୍ତନ ଆଣି ଅସମୟରେ ଝଡ଼ ଓ ବନ୍ୟା ବିପ୍ୱାତର ଆଶଙ୍କା ସୃଷ୍ଟି କରୁଛି**

## ବାୟୁମଣ୍ଡଳ ପାଇଁ ଘାତକ ଗନ୍ଧକ

ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ଆମେ ଆମର ସୁବିଧା ପାଇଁ ନାନା ଜ୍ଞାନକୌଶଳ ଉପଯୋଗ କରି ଚାଲିଛେ। ମାତ୍ର ଏହା ବେଳେ ବେଳେ ଆମ ଅଜାଣତରେ ନିଜ ଗୋଡ଼ରେ କୁରାଢ଼ି ଚୋଟ ମାରିଲା ସଦୃଶ ହୋଇଥାଏ। ଉଦାହରଣ ସ୍ୱରୂପ, ସୂର୍ଯ୍ୟକିରଣର ଉତ୍କଟ ପ୍ରତିଫଳନ ଓ ଆଗ୍ନେୟଗିରି ଉଦ୍‌ଗୀରଣର ଉତ୍ତପ୍ତ ପ୍ରଭାବକୁ କୃତ୍ରିମ ଉପାୟରେ ଶୀତଳ କରିବା ପାଇଁ ସାଧାରଣତଃ ଗନ୍ଧକ ବା ସଲ୍‌ଫରର ଅନ୍ୟତମ ଯୌଗିକ ସଲ୍‌ଫେଟ୍ କଣିକାକୁ କୃତ୍ରିମ ଭାବରେ ବାୟୁମଣ୍ଡଳକୁ ଛଡ଼ାଯାଇଥାଏ। ଏଥି ସହିତ ଗାଡ଼ିମୋଟରର ଧୂଆଁ ଓ କଳକାରଖାନାରୁ ନିର୍ଗତ ସଲ୍‌ଫରର କଣିକା ମଧ ଅମ୍ଳଜାନ ସହ ମିଶି ସଲ୍‌ଫେଟ୍ କଣିକାରେ ପରିବର୍ତ୍ତିତ ହୋଇଥାଏ। ମାତ୍ର ସେହି କଣିକାଗୁଡ଼ିକ ବାୟୁମଣ୍ଡଳରେ ଉପଯୁକ୍ତ ସ୍ଥିତିରେ ନ ରହିଲେ ସବୁଜଗୃହ ବାଷ୍ପ ଜଳିବା ଠାରୁ ଅଧିକ ଉଷ୍ମତା ସୃଷ୍ଟି କରେ। ସେତିକି ନୁହେଁ, ଏହି ପ୍ରକ୍ରିୟା ଆହୁରି ଅଧିକ ବିପଜ୍ଜନକ ଜଳବାୟୁ ବିପର୍ଯ୍ୟୟ ଆଣିବ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି। ସାଧାରଣତଃ ପୃଥିବୀର ବିଷୁବରେଖା ଉପରିସ୍ଥ ବାୟୁମଣ୍ଡଳର ଷ୍ଟ୍ରାଟୋସ୍ଫିଅର ସ୍ତରରେ ବିଭିନ୍ନ କଣିକା ବହୁଦିନ ଧରି ଭାସମାନ ଅବସ୍ଥାରେ ରହିପାରିଥାଏ। ସୁତରାଂ ବିଭିନ୍ନ ପ୍ରକାର ବାୟୁମଣ୍ଡଳୀୟ ପରୀକ୍ଷାନିରୀକ୍ଷା ପାଇଁ ଏହି ଇଲାକା ଏକ ଲକ୍ଷ୍ୟସ୍ଥଳ ଭାବେ ବିବେଚିତ। ଏହି କ୍ରମରେ ସ୍ୱିଡେନ୍‌ର ପ୍ରଖ୍ୟାତ ବାୟୁମଣ୍ଡଳୀୟ ଓ ଜଳବାୟୁ ଅଧ୍ୟୟନ ଅନୁଷ୍ଠାନ ଇଟିଏଚ୍ ଜୁରିକ୍‌ର ଦଳେ ବୈଜ୍ଞାନିକ ଷ୍ଟ୍ରାଟୋସ୍ଫିଅରରେ କିଛି ସଲ୍‌ଫେଟ୍ କଣିକା ବିଦ୍ଧ କରି ତାହାର ଫଳାଫଳ ଅନୁଧାନ କରିଥିଲେ। ତାହାର ପରିମାଣ ବଢ଼ିବା ସହିତ ସେଠାରେ ଦୁଇ ତିନି ବର୍ଷ ପରେ ସଲ୍‌ଫେଟ୍‌ର ଶୀତଳକାରୀ ଗୁଣ କମିଥିବା ସେମାନେ ଲକ୍ଷ୍ୟ କରିଥିଲେ। ଯଦିଓ ସଂପୃକ୍ତ ବିଷୁବମଣ୍ଡଳୀୟ ଷ୍ଟ୍ରାଟୋସ୍ଫିଅରରେ ତାପମାତ୍ରା ଏକ ଡିଗ୍ରି ସେଲସିଅସ୍ ଯାଏ ଖସିପାରିଥିଲା, ତେବେ କ୍ରାନ୍ତିମଣ୍ଡଳୀୟ ଷ୍ଟ୍ରାଟୋସ୍ଫିଅରର ନିମ୍ନଭାଗର ତାପମାତ୍ରା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବା ଜଣା ପଡ଼ିଥିଲା। ଏହା ଦ୍ୱାରା ଦୁଇ ମଣ୍ଡଳର ଷ୍ଟ୍ରାଟୋସ୍ଫିଅରରେ ତାପମାତ୍ରା ଫରକ ଯୋଗୁଁ ଭୀଷଣ ବେଗରେ ଉତ୍ତପ୍ତ ପବନ ବହିବା ସାର ହୋଇଥିଲା। ଏହାଦ୍ୱାରା ବାୟୁମଣ୍ଡଳର ସମସ୍ତ ସ୍ତରରେ ଭାସମାନ କଣିକା (ଏରୋସଲ)ଗୁଡ଼ିକର ସାନ୍ଦ୍ରତାରେ ତାରତମ୍ୟ ଘଟି ଟ୍ରପୋସ୍ଫିଅରରୁ ଜଳୀୟବାଷ୍ପ ପରିବହନକୁ ପ୍ରଭାବିତ କରିଥିଲା। ଏହାର ପରିଣାମ ସ୍ୱରୂପ, ବାର୍ଷିକ ଜଳବାୟୁ ଢାଞ୍ଚାରେ ପରିବର୍ତ୍ତନ ଆସି ଅସମୟରେ ଝଡ଼ ଓ ବନ୍ୟା ବିପ୍ୱାତର ଆଶଙ୍କା ରହିବ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

# କାଦୁଅ ପଚପଚ ରାସ୍ତା, ଖଟିଆରେ ବୁହାହେଲେ ଗର୍ଭବତୀ



**କନ୍ଧମାଳ,୨।୭(ସଂଚାର ବ୍ୟୁରୋ):** କାଦୁଅ ପଚପଚ ରାସ୍ତାରେ ୬ କିଲୋମିଟର ବାଟ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଛନ୍ତି ସ୍ଥାନୀୟ ବିଧାୟକ ଓ ମଣ୍ଡଳ ସଭାପତି । ତତ ସହିତ ରାସ୍ତାର ଦୁରାବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ ଯଥାଶୀଘ୍ର ରାସ୍ତା କାମ ସାରିବାକୁ ଦାବୀ ମଧ୍ୟ କରିଛନ୍ତି । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଂଚାୟତ ଅନ୍ତର୍ଗତ କଟାପଙ୍ଗା ଠାରୁ ଡମାଙ୍ଗପଦର ଗ୍ରାମ ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତା ବର୍ଷାଦିନ ମାନଙ୍କରେ କାଦୁଅରେ ଭରି ଯାଉଛି । ଏହି ରାସ୍ତାଟି ପ୍ରଥମେ ଏକ ପାଦଚଲା ରାସ୍ତା ଭାବେ ବ୍ୟବହୃତ ହେଉଥିଲା । ସୁମରବନ୍ଧ ପଂଚାୟତର ୧୧ ଗୋଟି ୱାର୍ଡ ର ୪୦୦୦ ରୁ ଉର୍ଦ୍ଧ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ । ବିଗତ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତା ନିର୍ମାଣ ପାଇଁ ୪ କୋଟିରୁ ଉର୍ଦ୍ଧ ଟଙ୍କା ମଞ୍ଜୁର ହେବା ପରେ ଆର ଡି ବିଭାଗ ରାସ୍ତା ତଦାରଖ କାର୍ଯ୍ୟ ନିଜେ ମୁଣ୍ଡେଇଥିଲା । ସୁମରବନ୍ଧ ପଂଚାୟତ ଫିରିଙ୍ଗିଆ ବ୍ଲକର ଶେଷ ମୁଣ୍ଡରେ ଥିବା ପଂଚାୟତ ହୋଇଥିବା ବେଳେ ଅଞ୍ଚଳଟି ଏକ ଦୁର୍ଗମ ଅଂଚଳ ତଥା ଉପାନ୍ତ ଅଂଚଳ ହୋଇଥିବାରୁ ରାସ୍ତା ନିର୍ମାଣ ହେଉଥିବା ଜାଣି ଅଞ୍ଚଳବାସୀ ବେସ ଆନନ୍ଦିତ ହୋଇଥିଲେ । ହେଲେ ବର୍ଷ ବର୍ଷ ବିତିଯାଉଥିଲେ ସୁଦ୍ଧା ରାସ୍ତା କାମ ଆଗକୁ ଆଗେଇ ପାରୁନଥିବାରୁ ରାସ୍ତାକୁ ନେଇ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । କାର୍ଯ୍ୟ କରୁଥିବା ଠିକାଦାର ୬ କିଲୋମିଟର ଯାଏ କେବଳ ମାଟି ପକେଇ ଦେଇ ଚୁପ ବସିଛି । ବର୍ଷାଦିନ ଆସିଲେ ଏହି ରାସ୍ତା ଉପରେ ଚଳପ୍ରଚଳ କରିବା ସେମାନଙ୍କ ପାଇଁ ବଡ଼ କଷ୍ଟ କାର୍ଯ୍ୟ ହୋଇ ପଡିଛି । ରାସ୍ତା ଉପରେ ଗାଡି ମଟର ଚାଲିବା ତ ଦୂରର କଥା ସାଧାରଣଲୋକ ମଧ୍ୟ ଚାଲିବା କାଠିକର ପାଠ ହୋଇପଡିଛି । ଅନେକ ସମୟରେ ଗୁରୁତର ରୋଗୀ, ଗର୍ଭବତୀ ମହିଳା ଓ ପ୍ରସୂତି ମହିଳା ମାନଙ୍କୁ ଖଟିଆ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇଲେ ଯାଇକି ଡାକ୍ତର ଖାନା ନେବା ସମ୍ଭବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

## ଅନ୍ତର୍ଜାତୀୟ ଡାକ୍ତର ଦିବସରେ ଡାକ୍ତରଖାନା ପରିସରରେ ଚାରା ରୋପଣ



**କନ୍ଧମାଳ,୨।୭(ସଂଚାର ବ୍ୟୁରୋ):** ମଇ ମାସ ୧ ତାରିଖକୁ ସମଗ୍ର ବିଶ୍ୱ ଅନ୍ତର୍ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରୁଥିବା ବେଳେ ସମସ୍ତ ଡାକ୍ତରଖାନା ମାନଙ୍କରେ ଡାକ୍ତରଖାନାର କର୍ମଚାରୀ ମାନଙ୍କ ଦ୍ୱାରା ଅନ୍ତର୍ଜାତୀୟ ଡାକ୍ତର ଦିବସ ପାଳନ କରାଯାଇଥାଏ। ଆଜି ଓଡ଼ିଶାର ପ୍ରତ୍ୟେକ ଡାକ୍ତରଖାନାରେ ଏହି ଦିବସଟିକୁ ପାଳନ କରାଯାଉଥିବା ବେଳେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଅଭିନବ ଢଙ୍ଗରେ ଏହି ଦିବସଟିକୁ ପାଳନ କରିଥିବା ଦେଖିବାକୁ ମିଳିଛି । ସ୍ୱାସ୍ଥ୍ୟକେନ୍ଦ୍ରର କ୍ରିଷ୍ଣା ଡାଇଗନୋଷ୍ଟିକ ପକ୍ଷରୁ ଅନ୍ତର୍ଜାତୀୟ ଡାକ୍ତର ଦିବସ ପାଳନ କରାଯିବା ସହିତ ଡାକ୍ତରଖାନା ପରିସର ମଧ୍ୟରେ ବିଭିନ୍ନ ପ୍ରକାର ଫୁଲଗଛ ସାଙ୍ଗକୁ ବିଭିନ୍ନ ପ୍ରକାର ଔଷଧୀୟ ଗଛ ସବୁ ରୋପଣ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ପ୍ରବୋଧ ପ୍ରଧାନ ଡାକ୍ତର ସୁମନ୍ତ ମାଝୀ, ବିପିଏମ ହରଗୋବିନ୍ଦ ଯାନୀ, ବିଡିଏମ ପ୍ରତ୍ୟୁଷ କଣ୍ଟିଙ୍କ ସମେତ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ, ପାରା ମେଡିକାଲ କର୍ମଚାରୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସରକାରଙ୍କ ମାଁ ପାଇଁ ଗଛ ଟିଏ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ।

## ଲେଡିସ କ୍ଲବ୍ ପକ୍ଷରୁ ଜାତୀୟ ଚିକିତ୍ସକ ଦିବସ ପାଳନ



**ରାୟଗଡ଼ା,୨।୭(ସଂଚାର ବ୍ୟୁରୋ):** ରାୟଗଡା ସହରର ସର୍ବ ପୁରାତନ ଲେଡିସ କ୍ଲବ୍ ଆନୁକୂଲ୍ୟରେ ସ୍ଥାନିୟ ଲାୟନ୍ସ କ୍ଲବ ପରିସରରେ "ଜାତୀୟ ଚିକିତ୍ସକ ଦିବସ-୨୦୨୫" ପାଳନ କରାଯାଇଅଛି। ଏହି ଅବସରରେ ରାୟଗଡା ସହରର ମହିଳା ଚିକିତ୍ସକ ମାନଙ୍କୁ ଯଥା ଡାକ୍ତର ମମତା ଚୌଧୁରୀ- ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ), ଡାକ୍ତର ମମତା ସାହୁ-ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ (ଲେପ୍ରୋସି), ଡାକ୍ତର ଭୋଗୀ ସ୍ୱରୂପା-ଦନ୍ତ ଶଲ୍ୟ ଚିକିତ୍ସକଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଯାହାକି ମହିଳା ମାନଙ୍କୁ ଉଜ୍ଜାହିତ କରିବା ଏହାର ମୁଳ ଲକ୍ଷ୍ୟ ଅଟେ। ଉକ୍ତ ମହିଳା କ୍ଲବ ବିଭିନ୍ନ ସମୟରେ ଏହିପରି ମହିଳା ମାନଙ୍କର ଯୋଗ୍ୟତା ଓ ପ୍ରତିଭାକୁ ସମ୍ମାନ ଦେଇ ଆସୁଅଛି। ଚଳିତ ବର୍ଷ କ୍ଲବର ନୂତନ ସଭାପତି ଭାବେ କସ୍ତୁରୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ତାଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। କ୍ଲବର ନୂତନ ସମ୍ପାଦକ ସି ଏଚ ଇତିଶ୍ରୀ ପାତ୍ର ଓ କୋଷାଧକ୍ଷ ବୁରୁଡି ଲକ୍ଷ୍ମୀ ତଥା ସମସ୍ତ ସମ୍ମାନିତ ସଭ୍ୟା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। କ୍ଲବର ବରିଷ୍ଠ ତଥା ଉପଦେଷ୍ଟା ଅଳକା ଦାସ ମହୋଦୟାଙ୍କ ଦିଗଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

## କୋର୍ଟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ



**ବେତନଟୀ,୨।୭(ସଂଚାର ବ୍ୟୁରୋ):** ବନମହୋତ୍ସବ ସପ୍ତାହ ପାଳନ ପରିପ୍ରେକ୍ଷୀରେ ବେତନଟୀର ନୂତନ କୋର୍ଟ ପରିସରରେ ବିଭିନ୍ନ ପ୍ରକାରର ଚାରା ଗଛ ରୋପଣ କରାଯାଇଅଛି। ମାନନୀୟା ବିଚାରପତି ସୁଶ୍ରୀ ରଶ୍ମି ନାରାୟଣୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ରେଞ୍ଜ ଅଫିସର ମନ୍ନୁୱାର ଖାଁଙ୍କ ସହଯୋଗରେ ବଉଳ, ପିଜୁଳୀ, ଓଉ, ନିମ୍ବ, ଆମ୍ବ ଆଦି ନାନାଦି ପ୍ରକାରର ଚାରାଗଛ ରୋପଣ କରାଯାଇଥିଲା। ଏଥିରେ ସ୍ଥାନୀୟ ରେଞ୍ଜ ଅଫିସ ଓ କୋର୍ଟ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ବେତନେଟୀ ବାର୍ ଏସୋସିଏସନର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଓକିଲ ଗଣ ଉପସ୍ଥିତ ଥିଲେ ।

## ପୁଣି ଜିଲ୍ଲା କଂଗ୍ରେସ ସଭାପତି ହେଲେ ଚନ୍ଦ୍ରଶେଖର



**ଫୁଲବାଣୀ,୨।୭(ସଂଚାର ବ୍ୟୁରୋ):** ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟର ସମସ୍ତ ଜିଲ୍ଲା କଂଗ୍ରେସ କମିଟିର ନୂତନ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଚନ୍ଦ୍ର ଶେଖର ପରିଡାଙ୍କୁ କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଭାବେ ପୁନଃ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ଶ୍ରୀ ପରିଡା ଗତ ୨୦୨୪ ଫେବୃଆରୀରେ କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିଛି ମାସ ତଳେ କଂଗ୍ରେସର ସମସ୍ତ କମିଟି ଭଙ୍ଗ କରି ଦିଆଯିବା ପରେ ସେ ଭାରପ୍ରାପ୍ତ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ନୂତନ ସଭାପତି ପାଇଁ ଗତ କିଛି ଦିନ ଧରି ଜିଲ୍ଲାରେ ଅଙ୍କକଷା ଚାଲିଥିବା ବେଳେ ଚନ୍ଦ୍ର ଶେଖରଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିଛନ୍ତି ରାଜ୍ୟ ସଭାପତି। ଛାତ୍ର ରାଜନିତିରୁ କଂଗ୍ରେସ ସହିତ ସଂଶ୍ଳିଷ୍ଟ ଶ୍ରୀ ପରିଡା ଜିଲ୍ଲା କଂଗ୍ରେସର ଜଣେ ଦକ୍ଷ ସଂଗଠକ ଭାବେ ଜଣାଶୁଣା। ପୁଣିଥରେ ଜିଲ୍ଲା ସଭାପତି ଦାୟିତ୍ୱ ମିଳିଥିବାରୁ ସେ ରାଷ୍ଟ୍ରୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇବା ସହିତ କନ୍ଧମାଳ ଜିଲ୍ଲାରେ ଦଳର ସଙ୍ଗଠନକୁ ଅଧିକ ମଜବୁତ କରିବା ପାଇଁ ଉଦ୍ୟମ ଜାରୀ ରଖିବେ ବୋଲି କହିଛନ୍ତି।

● ଟିଏସ୍‌ଜି ଗୁରୁକୂଳ ପରିସରରେ

## ସାହିତ୍ୟ ପତ୍ରିକା 'ଅନ୍ନପୂର୍ଣ୍ଣା' ଉନ୍ମୋଚିତ



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥ ସମ ହସ୍ପିଟାଲ ନିକଟ ଗୋଠପାଟଣା ଠାରେ ଟିଏସ୍‌ଜି ଗୁରୁକୂଳ ପରିସରରେ ଅନ୍ନପୂର୍ଣ୍ଣା ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟର ନବମୂର୍ଚ୍ଛନା, "ଅନ୍ନପୂର୍ଣ୍ଣା" ପତ୍ରିକାର ରଥଯାତ୍ରା ବିଶେଷାଙ୍କ-୨୦୨୫ ଉନ୍ମୋଚିତ ହୋଇଯାଇଛି। ଭାଷା ହିଁ ଗୋଟିଏ ଜାତିର ପ୍ରାଣ ଏବଂ ସାହିତ୍ୟ ହିଁ ସଭ୍ୟତାକୁ ନୂଆ ଦିଶା ଦେଇଥାଏ ବୋଲି ପାଠକାର୍ପଣ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଆର୍ଯ୍ୟବ୍ରତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ସାହିତ୍ୟିକ ଡ. ହିମାଂଶୁ କୁମାର ପଟ୍ଟନାୟକ ଓ ବରେଣ୍ୟ ଅତିଥି ଭାବେ ପଣ୍ଡିତ ଜିତୁ ଦାଶ ଯୋଗ ଦେଇଥିଲେ। ଅନ୍ନପୂର୍ଣ୍ଣା ପତ୍ରିକାର ମୁଖ୍ୟ ସମ୍ପାଦିକା ଶୈବାଳିନୀ ସାହୁ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିବା ସହ ପତ୍ରିକାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସମ୍ମାନିତ ଅତିଥି ଭାବରେ ଟିଏସ୍‌ଜି ଗୁରୁକୂଳର ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର, ସମାଜସେବୀ ଓ ସାହିତ୍ୟିକା ସୁଜାତା ସିଂହ ଏବଂ ସମାଜସେବୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥିରେ ରକ୍ତଦାନ ଶିବିର



**କନ୍ଧମାଳ,୨।୭(ସଂଚାର ବ୍ୟୁରୋ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି ଅବସରେ ସେବା ଓ ସେବକ ଦିବସ ସପ୍ତାହରେ କନ୍ଧମାଳ ଜିଲ୍ଲାର ସୀମାନ୍ତ ଓ ଉପାନ୍ତ ବ୍ଲକ କୋଟଗଡ଼ ସରକାରୀ ଚିକିତ୍ସାଳୟ ପରିସରରେ ଫ୍ରେଣ୍ଡସ୍ କ୍ଲବ କୋଟଗଡ଼,ସମାଜ,ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଉକ୍ତ ରକ୍ତଦାନ ଶିବିରକୁ କୋଟଗଡ଼ ସରକାରୀ ଚିକିତ୍ସାଳୟ ଅଧିକାରୀ ଡାକ୍ତର ଭଗବାନ ସୋରେନ୍ ଉଦ୍ ଘାଟନ କରିଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ ମଧ୍ୟ ସମୁଦାୟ ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । କ୍ଲବ ର ସକ୍ରିୟ ସଦସ୍ୟ ଡାକ୍ତର ଅଶୋକ କୁମାର ସାମଲ, ଯୁବ ସମାଜସେବୀ ବୁଲୁ ମଲିକ, କ୍ଲବ ର ସଭାପତି ବିଭୁତି ନାୟକ, ଉପ ସଭାପତି ପ୍ରତାପ ନାୟକ, ସମ୍ପାଦକ ରମେଶ ଦଣ୍ଡସେନା, ଉପଦେଷ୍ଟା ସୁବ୍ରତ କୁମାର ପ୍ରଧାନ, ବ୍ରଜବନ୍ଧୁ ସାହୁ, ରମାକାନ୍ତ ବେହେରା, ଦୀପକ ସାହୁ, ନରେଶ ନାୟକ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। କନ୍ଧମାଳ ଲୋକସଭାର ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ସାଂସଦ ପ୍ରତିନିଧି ସୋନୁ ପ୍ରଧାନ ,କୋଟଗଡ଼ ବିଧାୟକ ପ୍ରତିନିଧି ମନୋଜ କୁମାର ସାବତ ନୂତନ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଫୁଲବାଣୀ ରକ୍ତ ଭଣ୍ଡାରର ଟିମ ଡାକ୍ତର ମାନବେସ୍ ବଡ଼ସେଟ, ପ୍ରଶାନ୍ତ କୁମାର ରତ୍ନାଲୁ, ସୁଜିତ ସାହୁ, ରଶ୍ମିତା ନାୟକ, ମନୋଜ ଚୌଧୁରୀ,ବରୁଣ ବେହେରା , ଜ୍ୟୋତି ରଞ୍ଜନ ପୃଷ୍ଟି, ରକ୍ତ ସଂଗ୍ରହ କରିଥିଲେ। ଜିଲ୍ଲା ପ୍ରତିନିଧି ଅଶୋକ କୁମାର ମହାନ୍ତି ଓ ବାଲିଗୁଡା ଉପଖଣ୍ଡ ପ୍ରତିନିଧି ଭଗବତୀ ପ୍ରସାଦ ସାବତ ତଦାରଖ କରିଥିଲେ।

## ବାଚସ୍ପତିଙ୍କୁ ସମସ୍ୟା ଜଣାଇଲେ କିଶୋରୀ କିଶୋର ସଂଘର ଛାତ୍ରଛାତ୍ରୀ




**ବ୍ରହ୍ମପୁର,୨।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍‌ର କିଶୋର କିଶୋରୀ ସଂଘର ଆଦିବାସୀ ଛାତ୍ର ଛାତ୍ରୀ ମାନେ ମାନ୍ୟବର ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ତାଙ୍କ ସମସ୍ୟା ଜଣାଇଛନ୍ତି । ପ୍ରେମ୍ ଓ ଏଡୁକୋ ସଂସ୍ଥା ମିଳିତ ଭାବେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ବ୍ଲକ୍ ରେ ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ ରୋକିବା, ସମସ୍ତ ଶିଶୁଙ୍କୁ ସ୍କୁଲ ପଠାଇବା ଓ ଶିଶୁ ମାନଙ୍କର ଯତ୍ନ ଏବଂ ସୁରକ୍ଷା ଦିଗରେ ୨୦୨୧ ମସିହାରୁ ଶିଶୁ, କିଶୋର କିଶୋରୀ, ଅଭିଭାବକ ଓ ବିଭିନ୍ନ ପଦାଧିକାରୀଙ୍କ ସହ କାର୍ଯ୍ୟକରି ଆସୁଅଛି। ପ୍ରତ୍ୟେକ ଗ୍ରାମରେ ଶିଶୁ ସଂଘ ଓ ଶିଶୁ ସୁରକ୍ଷା କମିଟି ଗୁଡ଼ିକୁ ଗଠନ କରି ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଦିଗରେ ଜିଲ୍ଲା ପ୍ରଶାସନର ମିଳିତରେ କାମ କରିଆସୁଅଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍‌ର କିଶୋର କିଶୋରୀ ସଂଘର କିଛି ଆଦିବାସୀ ଛାତ୍ର ଛାତ୍ରୀ ମାନେ ମାନ୍ୟବର ବାଚସ୍ପତିଙ୍କୁ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସରେ ଭେଟି ତାଙ୍କ ସହ ଆଲୋଚନା କରି ଶିଶୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକୁ ଜଣାଇଥିଲେ। ମାନ୍ୟବର ବାଚସ୍ପତି ଶ୍ରୀମତୀ ପାଢ଼ୀ ଅତି ଆଗ୍ରହରେ ସମସ୍ୟା ଗୁଡ଼ିକୁ ଶୁଣିବା ସହ ଏହି ସମସ୍ୟା ଗୁଡ଼ିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣାଇ ତାହା ସମାଧାନ କରିବେ ବୋଲି ଆସିଥିବା କିଶୋର କିଶୋରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରେମ୍ ସଭାପତି ଯାକୋବ ଥୁଣ୍ଡିଲ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ଏଡୁକୋର ଜୟନ୍ତ ପାତ୍ର, ପ୍ରେମ୍?ର ପ୍ରକଳ୍ପ ପରିଚାଳକ ସୁଧିର କୁମାର ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ। ରତନ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମରଣଯନ୍ତା ପାଲଟିଛି ଭିପିଏସ ସ୍କୁଲ୍ ରାସ୍ତା



**ଯାଜପୁର ରୋଡ଼,୨।୭(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ବ୍ୟାସନଗର ପବ୍ଲିକ ସ୍କୁଲର ବହୁସଂଖ୍ୟକ ଛାତ୍ରଛାତ୍ରୀଙ୍କ ଆକ୍ଷିରେ ବର୍ଷା ଆସିଲା କ୍ଷଣି ଲୁହ ଆସିଯାଏ। ଏହି ସ୍କୁଲର ଅଧିକାଂଶ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକ ମାନେ ବର୍ଷା ଦିନେ ମୌଳିକ ସୁବିଧାରୁ ବଂଚିତ ହୋଇଥାନ୍ତି। କାରଣ ଏଠାକାର ସ୍ଥାନୀୟ ହାଉସିଂବୋର୍ଡ ଅଟ୍ଟାଳିକା କଲୋନୀର ରାସ୍ତା ଠାରୁ ଏହି ଭିପିଏସ ସ୍କୁଲକୁ ସଂଯୋଗ କରୁଥିବା ରାସ୍ତାଟି ଅନେକ ବର୍ଷ ହେଲା ପ୍ରଶାସନିକ ଅଧିକାରୀଙ୍କ ନଜର ଅଢୁଆଳରେ ରହି ଯାଇଛି। ରାଜ୍ୟ ସରକାର ଲୋକଙ୍କ ମୌଳିକ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଡିଣ୍ଡିମ୍ ପିଟୁଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ରହି ଯାଇଛି, ଯାହାର ଉଦାହରଣ ଏହି 'ରାସ୍ତା'ଟି ପାଲଟିଛି । ଟିକିଏ ବର୍ଷାରେ ଏହି ରାସ୍ତାରେ ଆଣ୍ଠୁ ପାଣି ଚାଲିଥାଏ। ଫଳରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥାଏ। ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇଥାଏ। କିନ୍ତୁ ଏଇରାସ୍ତା ଉପରେ ହଜାର ହଜାର ଲୋକଙ୍କ ସହ ଛାତ୍ରଛାତ୍ରୀ ମାନେ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଏହି ରାସ୍ତାରେ ଯିବା ଆସିବା ପାଇଁ ସାଧାରଣ ଲୋକ ନିଜକୁ ଏବେ ଅସୁରକ୍ଷିତ ମନେ କରୁଛନ୍ତି । ଏହି ବିଷୟରେ ବାରମ୍ବାର ପୌରପରିଷର ପୂର୍ବରୁ ରହିଥିବା ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ'ବି କିଛି ସୁଫଳ ମିଳି ନାହିଁ। ଏଣୁ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକଙ୍କ ଯାତାୟତକୁ ଆଖିଆଗରେ ରଖି ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ଓ ସୁଦୃଢ଼ ରାସ୍ତାକାର୍ଯ୍ୟ କରିବା ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ 'କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ, ବ୍ୟାସନଗର ଚେୟାରମ୍ୟାନ ସୁବାସ ଚନ୍ଦ୍ର ବଳ ଓ ବ୍ୟାସନଗର ପୌରପରିଷର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପାଢ଼ୀ' ମହୋଦୟ ଦୃଷ୍ଟି ଦେବାକୁ ଅଂଚଳବାସୀଙ୍କ ସମେତ ଏହି ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଅବିଭାବକ ମାନେ ଦାବି କରିଛନ୍ତି। ତେବେ କେବେ ପୌରପ୍ରଶାସନ କଳର ଦୃଷ୍ଟି ପଡ଼ିବ ତାହା ଦେଖିବା ବାକି ରହିଲା।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨।୭(ସଂଚାର ବ୍ୟୁରୋ):** ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜଗନ୍ନାଥ ନଗର ତରଫରୁ ନୂତନ ଏକାଦଶ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୩ ତାରିଖରୁ ଏହି ନୂତନ ବ୍ୟାଚ୍ ଆରମ୍ଭ କରାଯାଇଛି। ପରିଚାଳନା ଟ୍ରଷ୍ଟି, ଯୁଗ୍ମ ନିର୍ଦ୍ଦେଶକ, ନିର୍ଦ୍ଦେଶକ ଏବଂ ଟ୍ରଷ୍ଟର ସଦସ୍ୟ, ପ୍ରିନ୍ସିପାଲ, ବରିଷ୍ଠ ଫାକଲ୍ଟିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଯାହା ଜ୍ଞାନ ଓ ଆଲୋକର ପ୍ରତୀକ ଥିଲା। ଯୁଗ୍ମ ନିର୍ଦ୍ଦେଶକଙ୍କ ପ୍ରେରଣାଦାୟକ କଥା ଛାତ୍ରଛାତ୍ରୀମାନଙ୍କୁ ସମର୍ପଣ ଓ ଉତ୍ସାହର ସହିତ ସେମାନଙ୍କ ନୂତନ ଯାତ୍ରା ଆରମ୍ଭ କରିବାକୁ ପ୍ରୋତ୍ସାହିତ କରିଥିଲା। ସୁମଧୁର ସ୍ୱାଗତ ସଂଗୀତ ଏବଂ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କର ପରସ୍ପର ସହ ପରିଚୟ ଆଦାନ ପ୍ରଦାନ ସେମାନଙ୍କ ଏକତା ଓ ଆତ୍ମୀୟତାକୁ ସୁଦୃଢ଼ କରିଥିଲା। ପରିଶେଷରେ କେକ୍ କଟାଯାଇ ନୂତନ ବ୍ୟାଚ୍‌ର ଆରମ୍ଭ ହୋଇଥିଲା। ଏହି ନୂତନ ଶିକ୍ଷା ବର୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ଅଭିବୃଦ୍ଧି ଓ ସଫଳତା ଆଣିଦେବ ବୋଲି ଆଶା କରାଯାଉଛି।

## ସ୍ଥାନୀୟ ବେକାର ଯୁବକଙ୍କୁ ନିରାଶ କରୁଛି ଜଟିଆ ଷ୍ଟିଲ



**କଳିଙ୍ଗନଗର,୨।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଜଟିଆ ଷ୍ଟିଲ ପକ୍ଷରୁ କିଛି ଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଥିବା କିଛି ଯୁବକ ଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ମାତ୍ର ଏହି ପ୍ରକ୍ରିୟାକୁ ପାଖାପାଖି ଦୁଇ ତିନି ମାସ ବିତିଯିବା ପରେ ମଧ୍ୟ କୌଣସି ନିଷ୍ପତି ହୋଇପାରୁନାହିଁ। ଯାହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଓ ସାଧାରଣ ଲୋକଙ୍କ ଭରସା ଧିରେ ଧିରେ ତୁଟିଲା ପୂର୍ବରୁ ସଂପୃକ୍ତ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କଲେ ଜଣାପଡ଼ିବ କି ଜଟିଆ ଷ୍ଟିଲ ପକ୍ଷରୁ ଦେଇଥିବା ପ୍ରତିଶ୍ରୁତି କିଛି ଅଂଶ ରେ ଶତ କାରଣ ବିଶେଷ ସୂତ୍ରରୁ ପ୍ରକାଶ କି ଜଟିଆ ଷ୍ଟିଲ ପକ୍ଷରୁ ହୋଇଥିବା ବା ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଙ୍କୁ ଦେଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତି ରେ ରହି ଯିବ, ଏଥି ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଉଦାହରଣ ସ୍ୱରୂପ ଜଟିଆ ଷ୍ଟିଲ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ କୌଣସି ସରକାରୀ ସୁବିଧା ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏମିତି କି କାର୍ଯ୍ୟରତ ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଥିବା ବ୍ୟକ୍ତି ବିଶେଷଙ୍କ କୌଣସି ଗେଟ୍ ପାସ୍ ନାହିଁ କି ଠିକାଦାର ଙ୍କ ଲେବର ଲାଇସେନ୍ସ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଠିକ୍ ସେହିପରି ଏହି ସବୁ ଘଟଣା କୁ ଦୃଷ୍ଟି ରେ ରଖି ଯାଜପୁର ଜିଲ୍ଲା କିଛି ସରକାରୀ ଅଧିକାରୀ ଙ୍କ ସମ୍ପର୍କୀୟମାନଙ୍କୁ ଜଟିଆ ଷ୍ଟିଲ ରେ ଚାକିରି ପ୍ରଦାନ କରିଛନ୍ତି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ଏହି ଖବର ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ କି ପଦକ୍ଷେପ ଗ୍ରହଣ କରୁଛନ୍ତି।ନା ଯଥା ପୂର୍ବଂ ତଥା ପରଂ ନୀତି ଅବଲମ୍ବନ କରୁଛନ୍ତି।ଗତ ୨୦୨୩ ମସିହା ଏପ୍ରିଲ ମାସ ୨୯ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା ପ୍ରତିଶୃତି କୁ ପାଣିର ଗାର ସଦୃଶ ଭୂଲି ଯିବା ପରେ ସ୍ଥାନୀୟ ଅଞ୍ଚଳର ଥିବା ଲୋକ ଙ୍କ ପାଇଁ ଫାଟକରେ ନୋ ଏଣ୍ଟ୍ରି ଲଗାଇ ନିୟମିତ ଶିଳ୍ପ ସଂସ୍ଥା ମଧ୍ୟ ରେ ବେଆଇନ କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି। ଲଘୁ ଖଣିଜ ବିଭାଗ ର ବିନା ଅନୁମତିରେ ମୋରମ ଖୋଳି ସମତଳ କରିବା ପରେ ବଞ୍ଚିତ ମୋରମ କ'ଣ ହେଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି। ନା ନିଯୁକ୍ତି ପ୍ରଦାନ କରିବା,ନା ପ୍ରଦୂଷଣ ନିୟନ୍ତ୍ରଣ କରିବା ନା ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା କଥା କୁ ପାଳନ କରିବା। ଜଟିଆ ଷ୍ଟିଲ ର ମନମାନୀ କୁ ବନ୍ଦ କରିବା ପାଇଁ ନୂତନ ସରକାର ଙ୍କ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

## ରଥଯାତ୍ରାରେ 'ରଙ୍ଗରେ ତୁଳୀରେ ଶ୍ରୀଜଗନ୍ନାଥ' କାର୍ଯ୍ୟକ୍ରମ



**କଟକ,୨।୭(ସଂଚାର ବ୍ୟୁରୋ):** ପବିତ୍ର ରଥଯାତ୍ରାର ପାର୍ବଣ ଆବସରରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହେଦେବ ମନ୍ଦିର, ଗୋପୀନାଥପୁର ପ୍ରାଙ୍ଗଣରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ, ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଗୋପୀନାଥପୁରର ମିଳିତ ଆନୁକୂଲ୍ୟରେ "ରଙ୍ଗରେ ତୁଳୀରେ ଶ୍ରୀଜଗନ୍ନାଥ" ଶୀର୍ଷକ ଚିତ୍ରକଳା ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାଲେପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ହଳଧର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବରେ ସାଲେପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଉମେଶ କୁମାର ପତି, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଓ ସମ୍ମାନୀତ ଅତିଥି ଭାବରେ ଶ୍ରୀ ଶ୍ରୀ ବାଲଙ୍କେଶ୍ୱର ମହାଦେବ ମନ୍ଦିରର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶ୍ରୀ ବିରଞ୍ଚି ନାରାୟଣ ଦାଶ ଯୋଗଦେଇଥିଲେ। ଚିତ୍ରକଳା ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଯୋଗୀତାରେ ୪୩ଜଣ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ଭାଗ ନେଇଥିବାବେଳେ କନିଷ୍ଠ ବର୍ଗରେ ଶ୍ରୀୟା ଦର୍ଶିନୀ ଲେଙ୍କା ୧ମ, ଦିବ୍ୟାଶା ପ୍ରଧାନ ୨ୟ, ଓ ଯୁଗ୍ମ ଭାବରେ ବୈଷ୍ଣବି ସାହୁ ଓ ଜିତ୍ ସାହୁ ୩ୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବର୍ଗରେ ସାଇ ସ୍ୱରୂପା ଗିରି ୧ମ, ଲୋପାମୁଦ୍ରା ସାହୁ ୨ୟ ଓ ଯୁଗ୍ମ ଭାବରେ ଶୁଭସ୍ମିତା ପ୍ରଧାନ ଓ ଅଲିସ୍ପା ପୃଷ୍ଟି ୩ୟ ସ୍ଥାନ ଅଧିକାର କରିଥିଲେ। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଂଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଧନେଶ୍ୱର ସାହୁ, ସୀତାଂଶୁ ଶେଖର ଦାସ, ନରେନ୍ଦ୍ର ଦଳେଇ ଓ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବାଇକ- ସାଇକେଲ ଧକ୍କାରେ ଜଣେ ଗୁରୁତର

**ବୈଶିଙ୍ଗା,୨।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଡାହିବାଡି ହାଟ ନିକଟସ୍ଥ ରୁପସା-ବୈଶିଙ୍ଗା ରାସ୍ତାର ମହୁରୀ ନିକଟରେ ଗୋଟିଏ ବାଇକ ସହିତ ସାଇକେଲ ଚାଳକର ଧକ୍କା ହେବା ଫଳରେ ଜଣେ ଗୁରୁତର ହୋଇ ବାଲେଶ୍ୱରର ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବିଷ୍ଣୁପୁର-ଧାନଘେରା ଗ୍ରାମ ର କାଳିଆ ସିଂ ଙ୍କ ପୁଅ ଅନୁ ସିଂ(୨୫) ନିଜ ବାଇକ ଯୋଗେ ଡାହିବାଡି ହାଟରୁ ପରିବା କିଣି ଘରକୁ ଫେରୁଥିବା ସମୟରେ ମହୁରୀ ଛକ ଆଇ ଟି ଆଇ ନିକଟରେ ଏକ ସାଇକେଲ ଆରୋହୀ ସହିତ ଧକ୍କା ହୋଇଥିଲା। ସାଇକେଲ ଆରୋହୀ ର କିଛି କ୍ଷତି ହୋଇ ନ ଥିବା ବେଳେ ବାଇକ ଆରୋହୀ ଙ୍କୁ ଗୁରୁତର ଭାବେ ସ୍ଥାନୀୟ ଲୋକଙ୍କ ସହାୟତା ରେ ବୈଶିଙ୍ଗା ଡାକ୍ତରଖାନା କୁ ନେଇ ଆସିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଥାଉକି ଗୁରୁତର ଅନୁ ସିଂ ର ମାଆ ଗତ କାଲି ମୃତ୍ୟୁ ବରଣ କରି ଥିବା ଯୋଗୁଁ ବନ୍ଧୁ ବାନ୍ଧବ ଖାଇବା ପାଇଁ ଡାହି ବାଡି ହାଟକୁ ଆସିଥିଲେ ।

## ନଟବର ବାରିକ ଜିଲ୍ଲା କଂଗ୍ରେସ ସଭାପତି ମନୋନୀତ



**ଜଗତସିଂହପୁର,୨।୭(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ବରିଷ୍ଠ ରାଜନେତା ନଟବର ବାରିକ ଙ୍କୁ ତୃତୀୟ ଥର ପାଇଁ ଜିଲ୍ଲା କଂଗ୍ରେସ ସଭାପତି ରୁପେ ମନୋନୀତ କରିଥିବାରୁ ଶ୍ରୀ ବାରିକ ଅଖିଳ ଭାରତ କଂଗ୍ରେସ ସଭାପତି ମଲିକାର୍ଜୁନ ଖାଡଗେ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ,ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅଜୟ କୁମାର ଲଲୁ ଙ୍କୁ କୃତଜ୍ଞତା ଜଣାଇବା ସହ ଜଗତସିଂହପୁର ଜିଲ୍ଲାର ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀ ମାନଙ୍କର ସହଯୋଗ କାମନା କରିଛନ୍ତି। ଛାତ୍ର ଅବସ୍ଥାରୁ ରାଜନିତୀ ରେ ସକ୍ରିୟ ଥିବା ନଟବର ବାରିକ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ରୁପେ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରି ପରବର୍ତ୍ତୀ ସମୟରେ ଜଗତସିଂହପୁର ବ୍ଲକ ଅଧ୍ୟକ୍ଷ, ଜଗତସିଂହପୁର ଓ ରଘୁନାଥପୁର ବ୍ଲକରୁ ୪ ଥର ଜିଲ୍ଲା ପରିଷଦ ସଭ୍ୟ ରୁପେ ନିର୍ବାଚିତ ହେବାପରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନା କରିଛନ୍ତି।